DURADARSHI AN ODIA NEWS FEATURES MONTHLY

JULY-2026
RNI Regd No.
ODIODI-2008/24949

₹20



ସଂଘର୍ଷରତ ମଣିଷର ଅନ୍ତଃସ୍ୱର

# ଦୂରଦର୍ଶୀ

ମାସିକ ସମ୍ବାଦଭିତ୍ତିକ ପତ୍ରିକା



ବିଜେଡିର ନୂଆ ଆଶା ସୁଜାତା ରାଉତ





## ସର୍ବଂସହା, ଅବଶିଷ୍ଟ ଆୟୁଷ କେମିତି କାଟିବେ ?

## ବୃଦ୍ଧାଶ୍ରମ ଶେଷ ଠିକଣା ନ ହେଉ


BHARAT™
MASALA
The Mark of Purity, The Pride of Every Home
BHARAT
FOOD
Sharbati Atta
Made from Selected Varieties of Punjab Sharbati Wheat



ପୃଷ୍ଠା ୧୨



ପୃଷ୍ଠା ୨୮



ପୃଷ୍ଠା ୨୩



ପୃଷ୍ଠା ୪୨




ପୃଷ୍ଠା ୩୧



ପୃଷ୍ଠା ୨୯



ପୃଷ୍ଠା ୩୪



ପୃଷ୍ଠା ୧୧



ଜୟ ମା' ମଙ୍ଗଳା
JULY- 2026

ଦୂରଦର୍ଶୀ
ମାସିକ ସମ୍ବାଦଭିତ୍ତିକ ପତ୍ରିକା
DURADARSHI AN ODIA NEWS FEATURES MONTHLY

Volume-19, Issue-03
RNI Regd.No.
ODIODI-2008/24949

ସମ୍ପାଦକ
ଦୁର୍ଗା ପ୍ରସାଦ ସାମନ୍ତରାୟ
ଉପଦେଷ୍ଟା
ସୁଶାନ୍ତ କୁମାର ପଣ୍ଡା
ବ୍ୟୁରୋଚିଫ୍
ପ୍ରସନ୍ନ କୁମାର ବିଶୋୟୀ
ସହ-ସଂପାଦକ
ରାକେଶ କୁମାର ମହାପାତ୍ର
ସନ୍ତୋଷୀ ସାମନ୍ତରାୟ
ଆଇନ ଉପଦେଷ୍ଟା
ରବିନ୍ଦ୍ରନାଥ ପଟ୍ଟନାୟକ

city office
228, Kharavela Nagar,
Unit-3, Bhubaneswar-01
E-mail
duradarshi@gmail.com
editorduradarshi@gmail.com

Contact
0674-2503030, 9437073030
8637241854, 9438654080

Printed, Published
& Owned by
Durga Prasad Samantaray

Published at
27, Indusrtial Colony
Kharavela Nagar
Unit-3, BBSR-01

No part of any writing of this magazine can be reproduced, Published or Printed without prior permission of the Editor. All matters are subject to Bhubaneswar Jurisdication only.

# -: ନିଜେ ବୁଝିଗଲେ ହେଲା :-



ଘରେ ପିଲାଟିଏ ଜନ୍ମ ହେଲେ ମା'ବାପା ଅନେକ ସ୍ୱପ୍ନ ଦେଖିଥାନ୍ତି । ପୁଅ ଆମ କାନ୍ଧର ବୋଝ ହାଲକା କରିବ ଏବଂ ଝିଅ ହୋଇଥିଲେ ବଡ଼ ହୋଇ ପରିବାର ନାଁ ରଖିବ ଭଳି ଅସୁମାରୀ ଆଶା ସେମାନଙ୍କ ମନରେ ଆପେ ଆପେ ବାନ୍ଧି ହୋଇଯାଇଥାଏ । କିନ୍ତୁ ସେହି ପିଲାମାନେ ଭବିଷ୍ୟତରେ କୁପଥଗାମୀ ହେଲେ କଥା ସରିଲା । ଆଜିକାଲି କଥା ସରିବା ପରି ଏଭଳି ଅନେକ ଘଟଣା ଘଟିଚାଲିଛି ଆମ ସମାଜରେ, ଯାହା ଉପରେ କାହାରି ନିୟନ୍ତ୍ରଣ ନାହିଁ କହିଲେ ଚଳେ ।

ଏଠି ଏଭଳି ଘଟଣା ବା ଅଘଟଣମାନ ପାଇଁ ଯଦିଓ ନିର୍ଦ୍ଦିଷ୍ଟ ଭାବେ କାହାକୁ ଦାୟୀ କରାଯାଇ ପାରିବ ନାହିଁ ତଥାପି ପାରିପାର୍ଶ୍ୱିକ ସ୍ଥିତି ପରିସ୍ଥିତି ଓ ମା'ବାପାଙ୍କୁ ଅନେକେ ଦୋଷ ଦେଇଥାନ୍ତି । କିନ୍ତୁ ସର୍ବଦା ସବୁ କଥାରେ ଅଭିଭାବକମାନଙ୍କ ଦୋଷ ନ ଥାଏ । ପିଲାମାନେ ନିଜେ ବୁଝିଗଲେ ହେଲା । ଯଦିଓ ସେମାନେ ସବୁ କଥା ବୁଝିବା ପାଇଁ ସକ୍ଷମ ନ ଥାନ୍ତି, ତଥାପି ଅନେକ ସ୍ଥଳେ ନିଜେ ବୁଝିବାକୁ ଚେଷ୍ଟା କରିବା ଉଚିତ । ଏଠାରେ ଆଲୋଚ୍ୟ ପ୍ରସଙ୍ଗରେ ଏକ ସଦ୍ୟ ଘଟଣାର ଅବତାରଣା କରାଯାଇପାରେ । ଜଣେ ନାବାଳିକା ମୋବାଇଲ ଧରୁଥିଲେ । ମୋବାଇଲ ପ୍ରତି ତାଙ୍କ ଆସକ୍ତି ଏତେମାତ୍ରାରେ ବଢ଼ିଯାଇଥିଲା ଯେ  ଘରଲୋକେ ଯେତେ ମନାକଲେ ବି ସେ ମାନୁ ନ ଥିଲେ । ଶେଷରେ ନାବାଳିକାଙ୍କ ରିଲ୍ସ ନିଶା ତାଙ୍କ ଜୀବନ ନେଲା । ଘର ଲୋକେ ତାଙ୍କ ହାତରୁ ମୋବାଇଲ ଛଡ଼ାଇ ନେବାରୁ ସେ ଭିତରପଟୁ କବାଟ ବନ୍ଦ କରି କୀଟନାଶକ ପିଇଦେଲେ । କବାଟ ଭାଙ୍ଗି ବନ୍ଦ ଘରୁ ତାଙ୍କୁ ମୁମୁର୍ଷୁ ଅବସ୍ଥାରେ ଉଦ୍ଧାର କରାଯିବା ପରେ ଉଦଳା ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୧୫ ବର୍ଷୀୟା ଝିଅଟି ଆଖି ବୁଜି ଦେଇଛନ୍ତି ।  ବାଲେଶ୍ୱର ଜିଲ୍ଲା ରାଜବରହମପୁର ଥାନା ଗବପାଳ ଗ୍ରାମରେ ଜୁଲାଇ ୨ ତାରିଖରେ ଘଟିଥିବା ଏହି ଘଟଣା ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି । ଏହା କେବଳ ଏକ ଦୃଷ୍ଟାନ୍ତ । ଏପରି ଅନେକ ଘଟଣା ଆମ ଆଖି ସାମ୍ନାରେ ପ୍ରତିଦିନ ଘଟୁଛି ।

ମୂଳ କଥା ହେଉଛି ଆଜିର ପିଲାମାନେ ଓ ଯୁବପିଢ଼ି କାହା କଥା ଶୁଣିବାକୁ ନାରାଜ । ସେମାନେ କୌଣସି ବିଷୟକୁ ନିଜ ଆଡୁ ବୁଝିବାକୁ ଚାହୁଁନାହାନ୍ତି, ଯାହାର କୁପରିଣତି ସେମାନଙ୍କୁ ଓ ପରିବାରକୁ ଭୋଗିବାକୁ ପଡୁଛି । ୪ ମାସ ତଳେ ରସୁଲଗଡ଼ ଜିଜିପି କଲୋନୀ ଅଞ୍ଚଳରେ ଘଟିଥିବା ଜଣେ ୟୁଟ୍ୟୁବର ତଥା ଯୁବ ବ୍ୟବସାୟୀଙ୍କ ଚାଞ୍ଚଲ୍ୟକର ହତ୍ୟାକାଣ୍ଡକୁ ନେଇ ଏବେ ମଧ୍ୟ ଚର୍ଚ୍ଚା ଥମିନାହିଁ । ସମ୍ପ୍ରତି ଘଟିଚାଲିଥିବା ଅନେକ ଅପରାଧ ପଛରେ ମୋବାଇଲ, ମଦ ଏବଂ ମନୋରଞ୍ଜନ ନାମରେ ହେଉଥିବା କାମୁକତାର ବିଷପାନ, ଘୃଣା ମନ୍ତବ୍ୟ ଆଦିକୁ ମୁଖ୍ୟ କାରଣ ରୂପେ ବିବେଚନା କରାଯାଉଛି । ଦିଗଭ୍ରଷ୍ଟ ଯୁବକ ଯୁବତୀ ନିଶାଗ୍ରସ୍ତ ହୋଇ ନାନା କାଣ୍ଡ ଭିଆଉଥିବାବେଳେ ଉଚ୍ଚ ଶିକ୍ଷିତା ମହିଳାମାନେ ମୋବାଇଲର ମାୟାଜାଲରେ ଛନ୍ଦି ହୋଇଗଲେଣି । ମୋବାଇଲ ଓ ଇଣ୍ଟରନେଟର ଅନେକ ଉପାଦେୟତା ରହିଥିବା ସତ୍ତ୍ୱେ ତା'ର ନକାରାତ୍ମକ ଦିଗଗୁଡ଼ିକୁ ଅଣଦେଖା କରାଯାଇପାରିବ ନାହିଁ । ରାଜ୍ୟ ତଥା ଦେଶର ସାମାଜିକ-ଅର୍ଥନୈତିକ ବିଚ୍ୟୁତି ପାଇଁ ଏସବୁ ପ୍ରେରିତ କରୁଥିବା ସମାଜବିଜ୍ଞାନୀମାନେ ମତ ଦିଅନ୍ତି । ତେବେ ମା'ବାପା କି ପରିବାରର ଅନ୍ୟ କେହି ବରିଷ୍ଠ ସଦସ୍ୟ ସେମାନଙ୍କୁ ବୁଝାଇବାକୁ କାହିଁକି ପଡୁଛି ? ସେମାନେ ନିଜେ କାହିଁକି ବୁଝିବାକୁ ଚାହୁଁନାହାନ୍ତି । ବାପା ହେଉଛନ୍ତି ଘରର ମୁରବୀ । ସେ କଷ୍ଟ କରି ଯେଉଁ ଦୁଇପଇସା ଉପାର୍ଜନ କରନ୍ତି ସେଥିରେ ପରିବାର ଚଳେ । ମା' ହେଉଛନ୍ତି ହୋମ୍ ମେକର ବା ପରିବାରକୁ ଗଢୁଥିବା ଗୃହିଣୀ । ବାପା ନିଜ କର୍ମସ୍ଥଳରେ ନିୟୋଜିତ ଥିବାବେଳେ ମା' ପିଲାମାନଙ୍କୁ ଉପଯୁକ୍ତ ସଂସ୍କାର ଦେଇ ଲାଳନପାଳନ କରିଥାନ୍ତି । କିନ୍ତୁ ପିଲାମାନେ କମ୍ ବୟସରୁ ଯଦି ନିଜ ପ୍ରତି ଓ ଘର ପ୍ରତି ଉତ୍ତରଦାୟିତ୍ୱକୁ ବୁଝି ସୁଚାରୁ ରୂପେ ସମ୍ପାଦନ କରିବାକୁ ଅଗ୍ରସର ହେବେ ତେବେ ସେମାନଙ୍କ କ୍ୟାରିୟର ନିର୍ମାଣର ସୁଯୋଗ ପରିବ୍ୟାପ୍ତ ହେବା ସହ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ସୁଗମ ହୋଇଯିବ ।

ଏହି ପରିପ୍ରେକ୍ଷୀରେ ଆଜିର ଯୁବ ସମାଜ ସମ୍ମୁଖରେ ଗୁରୁଗଣ୍ଠି କରି ରଖିବାଯୋଗ୍ୟ ଅନେକ ଉଦାହରଣ ମହାନ୍ ଭାରତୀୟ ପରମ୍ପରାରେ ରହିଛି । ଚଣ୍ଡାଶୋକ ଦିନେ ନିଜ କୃତକର୍ମର ପରିଣାମକୁ ହୃଦୟଙ୍ଗମ କରି ଧର୍ମାଶୋକ ସାଜିଥିଲେ । ସେହିପରି ଦସ୍ୟୁ ରତ୍ନାକର ଦିନେ ବାଲ୍ମିକୀ ସାଜି ରାମାୟଣର ରଚୟିତା ହୋଇପାରିଥିଲେ । ଅଶୋକ ଓ ବାଲ୍ମିକୀଙ୍କ ଭଳି ପରିବର୍ତ୍ତନ ଯଦିଓ ରାତାରାତି ସମ୍ଭବ ନୁହେଁ, ତଥାପି ଆଜି ଉଭୟଙ୍କ ଚରିତ୍ର ଆମ ସମସ୍ତଙ୍କ ପାଇଁ ଅନୁସରଣୀୟ ଓ ଅନୁକରଣୀୟ । କାହିଁକି ନା ଏହି ଦୁଇ ବଳିଷ୍ଠ ଚରିତ୍ରରୁ ଆମକୁ  ଯେଉଁ ବଡ଼ ଶିକ୍ଷାଟି ମିଳେ; ତାହା ହେଉଛି ନିଜେ ବୁଝିଗଲେ ଅନ୍ୟମାନେ ବୁଝାଇବା ଅନାବଶ୍ୟକ । ଆମକୁ କେହି ଗୁରୁଜନ ବୁଝାଇ ସୁଝାଇ ବାଟକୁ ଆଣିବେ ବୋଲି ଅପେକ୍ଷା ନ କରି ନିଜ ଆଡୁ ପ୍ରତିଟି ସମସ୍ୟାକୁ ନିରେଖି ଦେଖନ୍ତୁ । ପରିଶେଷରେ ଚଳିତ ମାସର ସମ୍ପାଦକୀୟରେ ଏହି ବିଷୟବସ୍ତୁର ଅବତାରଣା ଆଗାମୀ ପିଢ଼ିକୁ ଦିଗ୍‌ଦର୍ଶନ ଦେବା ସହ ନିଜକୁ ସୁନାଗରିକ ରୂପେ ଗଢ଼ି ତୋଳିବାକୁ କିଞ୍ଚିତ ପ୍ରେରଣା ଯୋଗାଇଲେ ଆମ ପ୍ରୟାସ ସଫଳ ହୋଇଛି ବୋଲି ମନେକରିବୁ ।


ଦୁର୍ଗା ସାମନ୍ତରାୟ
ସମ୍ପାଦକ, ପ୍ରକାଶକ 'ଦୂରଦର୍ଶୀ'



# ଶ୍ରୀଗୁଣ୍ଡିଚା ରଥଯାତ୍ରା

ପ୍ରତିବର୍ଷ ଶ୍ରୀଗୁଣ୍ଡିଚା ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୁଏ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତିନି ଠାକୁରଙ୍କ ପାଇଁ ତିନୋଟି ରଥ ନିର୍ମାଣ ହୁଏ । ରଥ ନିର୍ମାଣ କାର୍ଯ୍ୟ ଅକ୍ଷୟ ତୃତୀୟାଠାରୁ ଅନୁକୂଳ ହୁଏ । ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ । ଏହା ଇନ୍ଦ୍ରଙ୍କ ପ୍ରଦତ୍ତ । ରଥର ଉଚ୍ଚତା ୩୩ ହାତ ପାଞ୍ଚ ଆଙ୍ଗୁଳି ଏବଂ ଏଥିରେ ୮୩୨ ଖଣ୍ଡ କାଠ ଲାଗିଥାଏ । ରଥରେ ୧୬ଟି ଚକ ଲାଗିଥାଏ । ଏହା ଜଗନ୍ନାଥଙ୍କ ଷୋଳକଳାର ପ୍ରତୀକ । ଏହାର ରକ୍ଷକ ବିଷ୍ଣୁଙ୍କ ବାହାନ ସ୍ୱୟଂ ଗରୁଡ଼ । ରଥର ଧ୍ୱଜାରେ ହନୁମାନ ବିରାଜମାନ କରନ୍ତି ଏବଂ ଆୟୁଧ ବାହାନ ଚକ୍ର ଓ ଶଙ୍ଖ । ରଥ ଶୀର୍ଷରେ ଥିବା ଓଲଟ ଶୁଆ ଦୁଇଟିର ନାମ ଜୀବ ଓ ପରମ । ରଥଟି ରକ୍ତପୀତ ରଙ୍ଗର କନାରେ ଆବୃତ୍ତ ହୋଇଥାଏ । ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ । ଏହାକୁ ଦେବତାମାନେ ତାଳବନରେ ପ୍ରଦାନ କରିଥିବାରୁ ଏହାର ନାମ ତାଳଧ୍ୱଜ । ଏହାର ଉଚ୍ଚତା ୩୨ ହାତ ୧୦ ଅଙ୍ଗୁଳି । ଏହା ୭୬୩ ଖଣ୍ଡ କାଠରେ ନିର୍ମିତ ଏବଂ ୧୪ଟି ଚକ ଲାଗିଥାଏ । ଚଉଦ ଚକ ଚତୁର୍ଦ୍ଦଶ ମନ୍ୱନ୍ତର ରୂପ ବ୍ରହ୍ମାଙ୍କର ପରମାୟୁ କାଳର ସୂଚନା ଏବଂ ଚତୁର୍ଦ୍ଦଶ ଭୁବନର ପ୍ରତୀକ । ରଥର ରକ୍ଷକ ସ୍ୱୟଂ ବାସୁଦେବ । ଆୟୁଧ ହେଲା ହଳ ଓ ମୂଷଳ । ରଥର ଶୀର୍ଷରେ ଥିବା ଓଲଟ ଶୁଆ ଦୁଇଟିର ନାମ ଶ୍ରଦ୍ଧା ଓ ବିଶ୍ୱାସ । ରଥଟି ରକ୍ତ-ନୀଳ କନା ଦ୍ୱାରା ଆବୃତ୍ତ କରାଯାଇଥାଏ । ସୁଭଦ୍ରାଙ୍କ ରଥର ନାମ ଦର୍ପଦଳନ ଏବଂ ଏହା ଦେବତାଙ୍କ ପ୍ରଦତ୍ତ । ଏହାର ଉଚ୍ଚତା ୩୧ ହାତ ଏବଂ ଏଥିରେ ୫୯୩ ଖଣ୍ଡ କାଠ ଲାଗିଥାଏ । ଏଥିରେ ୧୨ଟି ଚକ ଥାଏ । ଦ୍ୱାଦଶ ଚକ ଦ୍ୱାଦଶ ମାସାତ୍ମକ ସମ୍ବତ୍ସର ରୂପୀ କାଳଚକ୍ର । ଏହାର ରକ୍ଷକ ଜୟଦୁର୍ଗା । ଧ୍ୱଜାରେ ତ୍ରିପୁରା ସୁନ୍ଦରୀ ବିରାଜମାନ । ଆୟୁଧ ପଦ୍ମକହ୍ଲାର । ରଥର ଶୀର୍ଷରେ ଥିବା ଓଲଟ ଶୁଆ ଦୁଇଟିଙ୍କର ନାମ ଶ୍ରୁତି ଓ ସ୍ମୃତି । ରଥର ଆବରଣ କୃଷ୍ଣ-ଲୋହିତ ରଙ୍ଗର କପଡ଼ାରେ କରାଯାଏ । ରଥର ଶିରର ଦେବତା ହେଲେ ଭକ୍ତିର୍ସମେଧ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବିରାଜିତ ରଥଗୁଡ଼ିକରେ ସୃଷ୍ଟିର ସକଳ ଦେବଦେବୀଙ୍କ ଠାରୁ ଆରମ୍ଭ କରି ଗ୍ରହ, ନକ୍ଷତ୍ର, ଋଷି, ଗନ୍ଧର୍ବ, ଯକ୍ଷ ଏବଂ ହନୁମାନ ଅର୍ଜୁନଙ୍କ ପରି ଶ୍ରେଷ୍ଠ ଭକ୍ତଗଣ ସ୍ଥାନ ପାଇଛନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସକଳ ଶ୍ରେଣୀର ଭକ୍ତଗଣ ବାଦ୍ୟ, ନୃତ୍ୟ, ଭକ୍ତି ଗୀତ ଗାଇ ବଡ଼ ଦାଣ୍ଡରେ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ମହାନନ୍ଦରେ ରଥ ଟାଣିନିଅନ୍ତି । ରଥର ଘୋର ଘର୍ଘର ଧ୍ୱନିରେ ଚଉଦଭୁବନ ପ୍ରକମ୍ପିତ ହୋଇ ଉଠେ ।




କର୍ମମୟ ଜୀବନର ଜମାପୁଞ୍ଜିକୁ ପିଲାମାନଙ୍କ ଭବିଷ୍ୟତ ଗଢ଼ିବାରେ ସାରିଦେବା ପରେ ପିତାମାତାଙ୍କ ହାତରେ ଆଉ କିଛି ନ ଥାଏ । ନା ଖର୍ଚ୍ଚ କରିହେବା ଭଳି ସମ୍ବଳ ନା ନିର୍ଭରଶୀଳ ଭରସା । ମୁଣ୍ଡରେ ଥାଏ କେବଳ ଗୋଟିଏ ପ୍ରଶ୍ନ- ଅବଶିଷ୍ଟ ଆୟୁଷ କେମିତି କାଟିବେ ? କିପରି ଅଲୋଡ଼ା ଜୀବନର ସନ୍ଧ୍ୟାଟା ନିଶ୍ଚିତ ଆଲୁଅ ଭିତରେ ବିତାଇଦେବେ ? ବାପାମାଙ୍କୁ ପିଲା ନ ପଚାରିଲେ ସେମାନଙ୍କ ମନରେ ଏଭଳି ଦୁଶ୍ଚିନ୍ତା ପ୍ରବଳ ଭାବେ ଜାଗ୍ରତହୁଏ, ଯାହା ବୃଦ୍ଧବୃଦ୍ଧାଙ୍କ ନୈରାଶ୍ୟଭରା ମନକୁ ମରଣ ପ୍ରତୀକ୍ଷାରେ ଅଟକାଇଦିଏ । ଏଭଳି ସ୍ଥିତିରେ ସରକାର ସେମାନଙ୍କୁ ସହଯୋଗର ହାତ ବଢ଼ାନ୍ତି । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ  ୪୧ ଅନୁସାରେ ସାମାଜିକ ସୁରକ୍ଷା ସରକାରଙ୍କ କର୍ତ୍ତବ୍ୟ ହୋଇଥିବାରୁ ବୃଦ୍ଧବୃଦ୍ଧା, ବିଧବା, ଆର୍ଥିକ ଅତିଦୁର୍ବଳ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଆର୍ଥିକ ସହାୟତା ବା ଭତ୍ତା ପ୍ରଦାନ କରାଯାଏ । କିନ୍ତୁ ସରକାର ହାତ ଛାଡ଼ିଦେଲେ କଥା ସରିଲା । କୌଣସି କାରଣରୁ ହେଲେ ମଧ ବୁଢ଼ାବୁଢ଼ୀଙ୍କ ପେନ୍‌ସନ ବନ୍ଦ ହୋଇଗଲେ ସେମାନେ ଚଳିବେ କେମିତି ?

# ସର୍ବଂସହା, ଅବଶିଷ୍ଟ ଆୟୁଷ କେମିତି କାଟିବେ ?



ଗୁରୁ ମିଶ୍ର
ମୋ: ୯୬୯୨୪୮୦୬୪୭

ଭାରତ ସରକାରଙ୍କ ନ୍ୟାଶନାଲ ସୋସିଆଲ ଆସିଷ୍ଟାନ୍ସ ପ୍ରୋଗ୍ରାମ (ଏନ୍‌ଏସ୍‌ଏପି) ଅଧୀନରେ ଦେଶର ୨କୋଟି ୮୭ ଲକ୍ଷ ୩୪ ହଜାର ୪୦୬ ଜଣ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ରହିଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୨୦ ଲକ୍ଷ ଓଡ଼ିଶାର । ୬୦ରୁ ୭୯ ବର୍ଷ ବୟସର ଜଣେ ବ୍ୟକ୍ତି ମାସକୁ ୧,୦୦୦ ଭତ୍ତା ପାଉଥିବାବେଳେ ୮୦ ବର୍ଷର ହେଲେ ସରକାର ୩,୫୦୦ ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି । ଓଡ଼ିଶାରେ ଏଇ ନିକଟରେ ଭତ୍ତା ପ୍ରଦାନରେ ଅସୁବିଧା ସୃଷ୍ଟି ହୋଇଥିଲା । କେଉଁଠି ୨ ମାସ ତ ଆଉ କେଉଁଠାରେ ୩ ମାସ ଧରି ବାର୍ଦ୍ଧକ୍ୟ ପେନ୍‌ସନରୁ ବଞ୍ଚିତ ହୋଇଥିଲେ ହିତାଧିକାରୀ । ସେମାନଙ୍କ ମଧ୍ୟରୁ ଅଧିକାଂଶ ବୁଢ଼ାବୁଢ଼ୀ ମାସିକ ପେନ୍‌ସନ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଭତ୍ତା ପାଇଲେ ଧାର ସୁଝିବେ, ଔଷଧ କିଣିବେ, ଖାଦ୍ୟ, ବସ୍ତ୍ର ଓ ଆହୁରି ଅନେକ ସମସ୍ୟା । ତେଣୁ ପ୍ରାୟ ସବୁ ବରିଷ୍ଠ ନାଗରିକ ଏହି ଭତ୍ତାକୁ ଅପେକ୍ଷା କରିଥାନ୍ତି । ୬୬ ବର୍ଷୀୟା ବି. ସାବିତ୍ରୀ ଦୋରା ମଧ ଜଣେ ପେନ୍‌ସନଭୋଗୀ ବିଧବା ଥିଲେ, ଯିଏ ଅନଟନ ଭିତରେ ଭତ୍ତା ଗଣ୍ଡିକ ପାଇଁ ବ୍ୟାଙ୍କ ଓ ବ୍ଲକ୍ ଅଫିସକୁ ବାରମ୍ବାର ଧାଉଁଥିଲେ । ସରକାରୀ ଭତ୍ତାକୁ ଅନେଇ ନୟାନ୍ତ ହୋଇଗଲେ । କିନ୍ତୁ ଭତ୍ତା ଟଙ୍କା ମିଳିଲାନି । ଯନ୍ତ୍ରଣା ଅସହ୍ୟ ହେବାରୁ ଶେଷରେ ସାବିତ୍ରୀ ଜୁନ୍ ୧୪ ତାରିଖରେ କୀଟନାଶକ ପିଇ ଆତ୍ମହତ୍ୟା କଲେ । ଗଞ୍ଜାମ ଜିଲା ବେଗୁନିଆଁପଡ଼ା ବ୍ଲକ୍ ଚଢ଼େୟାପଡ଼ା ଗ୍ରାମର ଏହି ଅଭାବନୀୟ ଘଟଣା ରବିବାର ଘଟିଥିବାବେଳେ ୨ଦିନ ପରେ କଥାଟି ଜଣାପଡ଼ିଥିଲା । ବିଳମ୍ବରେ ଲୋକଲୋଚନକୁ ଆସିଥିଲେ ବି ଭତ୍ତାରୁ ବଞ୍ଚିତ ସାବିତ୍ରୀଙ୍କ ମୃତ୍ୟୁ ଖବର ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା ।

ଯେତେବେଳେ ଆମେ ୫ ଟ୍ରିଲିୟନ୍ ଅର୍ଥନୀତିର ଲକ୍ଷ୍ୟ ରଖି ଆମେରିକା ଓ ଚାଇନା ଭଳି ପ୍ରଗତି-ସମୃଦ୍ଧିର ଶୀର୍ଷକୁ ଛୁଇଁବା ନେଇ ସ୍ୱପ୍ନ ଦେଖୁଛେ, ସେତେବେଳେ ଆମ ଦେଶର କେଉଁଠି କିଏ ଖାଇବାକୁ ନ ପାଇ, ଅର୍ଥାଭାବରେ, ଚିକିତ୍ସାରୁ ବଞ୍ଚିତ ହୋଇ କିମ୍ବା ଋଣବୋଝରେ ଅନଟନ ଭିତରେ ନିଜକୁ ଶେଷ କରିଦେଇ ଯନ୍ତ୍ରଣାରୁ ମୁକ୍ତି ପାଇଁ ଆତ୍ମହତ୍ୟା କରିବାକୁ ପଛାଉନାହିଁ । ଏହା ହେଉଛି ସିଷ୍ଟମ୍ ବା ବ୍ୟବସ୍ଥା । ସୁବର୍ଣ୍ଣପୁର ଜିଲାର ଜଣେ ୭୮ ବର୍ଷୀୟ ହିତାଧିକାରୀ ବ୍ୟାଙ୍କ, ପଞ୍ଚାୟତ ଓ ବ୍ଲକ୍

# NATIONAL SOCIAL ASSISTANCE PROGRAMME

ଅଫିସକୁ  ଧାଇଁ ଧାଇଁ ଟଙ୍କା ନ ପାଇବା ପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଭତ୍ତା ଟଙ୍କା ହେଉଛି ଆମର ଆଶା ଭରସା । ଏଇଟା ମିଳିବାରେ ବିଳମ୍ବ ହେଲେ ଆମେ କେମିତି ଚଳିବୁ ? ଓଲ୍ଡ ଏଜ୍ ପେନ୍‌ସନକୁ ନେଇ ସୃଷ୍ଟି ହୋଇଥିବା ଏହି ଅବ୍ୟବସ୍ଥା ସମ୍ପର୍କରେ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟର ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (ଆଇଏଫ୍‌ଏମ୍‌ଏସ୍)କୁ କେନ୍ଦ୍ର ସରକାରଙ୍କ ଏନ୍‌ଏସ୍‌ଏପି ସହ ଯୋଡ଼ାଯିବା ସମୟରେ ବୈଷୟିକ ଅସୁବିଧା ହେତୁ ଭତ୍ତା ପ୍ରଦାନରେ ବିଳମ୍ବ ହୋଇଥିଲା । ତେବେ ପ୍ରାୟ ଓଡ଼ିଶାର ୧୭.୬ ଲକ୍ଷ ହିତାଧିକାରୀଙ୍କୁ ପେନ୍‌ସନ ଦିଆଗଲାଣି । କେନ୍ଦ୍ର ପ୍ରବର୍ତ୍ତିତ ତଥା ସହାୟତା ପ୍ରାପ୍ତ ଏହି ଯୋଜନାରେ ରାଜ୍ୟର ୧୯,୨୨,୫୨୫ ଜଣ ହିତାଧିକାରୀ ରହିଛନ୍ତି । ୯୧.୫% ହିତାଧିକାରୀ ୨ ମାସର ବକେୟା ଭତ୍ତା ପାଇଛନ୍ତି । ଏପ୍ରିଲ ଓ ମେ’ ମାସର ଭତ୍ତା ଦିଆଯାଇଥିବାବେଳେ ଜୁନ୍ ମାସର ଭତ୍ତା ପ୍ରଦାନ ପ୍ରକ୍ରିୟା ଜାରି ରହିଛି । ନୂଆ ବ୍ୟବସ୍ଥା ଅନୁଯାୟୀ ଯୋଗ୍ୟ ହିତାଧିକାରୀମାନଙ୍କୁ ସୁବିଧାରେ ଉପଯୁକ୍ତ ସମୟରେ ଭତ୍ତା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଉଦ୍ୟମ ଚଳାଇଛନ୍ତି । ନୂଆ ସମନ୍ୱିତ ଡିଜିଟାଲ ସିଷ୍ଟମ୍‌ରେ ଅବଶିଷ୍ଟ ହିତାଧିକାରୀମାନେ ଯଥାଶୀଘ୍ର ସମ୍ଭବ ଭତ୍ତା ପାଇବେ । ରାଜ୍ୟରେ ପ୍ରାୟ ୫୫ ଲକ୍ଷ ପେନ୍‌ସନ ହିତାଧିକାରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୯,୨୨,୫୨୫ ଜଣ ଏନ୍‌ଏସ୍‌ଏପିରୁ ସହାୟତା ପାଉଛନ୍ତି । ଅବଶିଷ୍ଟ ହିତାଧିକାରୀ ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପାଇଥାନ୍ତି ।

ରାଜ୍ୟରେ ଆହୁରି ଅନେକ ଲକ୍ଷ ସାବିତ୍ରୀ ଅଛନ୍ତି, ଯେଉଁମାନେ ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି  ନ ନେଇ କଷ୍ଟ ଯନ୍ତ୍ରଣା ସହୁଛନ୍ତି । ସେମାନଙ୍କ କାହାଣୀ ଅନେକାଂଶରେ ଅନାଲୋଚିତ ହୋଇ ରହିଯାଉଛି ।ଏହି ସବୁ ଘଟଣା କେଉଁଠି ନା କେଉଁଠି ଆମ ନୀତି ନିର୍ଦ୍ଧାରକଙ୍କ ଦୂରଦୃଷ୍ଟି, କାର୍ଯ୍ୟଶୈଳୀ ଓ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଉଛି । ଭାରତରେ ଜାତୀୟସ୍ତରରେ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ୧୯୯୫ ଅଗଷ୍ଟ ୧୫ରେ ଆରମ୍ଭ ହୋଇଥିଲା, ଯେତେବେଳେ କେନ୍ଦ୍ର ସରକାର ଏନ୍‌ଓଏପିଏସ୍ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରାଥମିକ ଭାବେ ଓଲ୍ଡ ଏଜ୍ ପେନ୍‌ସନ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାର ହିତାଧିକାରୀଙ୍କୁ ଦିଆଯାଉଥିଲା । ଅଭାବୀ ମଣିଷ, ଯାହାଙ୍କୁ ୬୫ କିମ୍ବା ତଦୂର୍ଦ୍ଧ୍ୱ ବର୍ଷ ହୋଇଥିବ ଏବଂ ତାଙ୍କର ଜୀବନଧାରଣ ପାଇଁ ନିୟମିତ ଆୟର କୌଣସି ପନ୍ଥା ନ ଥିବ; ସେମାନଙ୍କୁ ଏଥିରେ ଆର୍ଥିକ ସହାୟତା ପ୍ରତି ମାସରେ ଦିଆଯାଉଥିଲା । ୨୦୦୭ ମସିହାରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଏହି ଯୋଜନାର ପରିଧି ବୃଦ୍ଧି କରିଥିଲେ । ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ସମସ୍ତ ବିପିଏଲ୍ ହିତାଧିକାରୀଙ୍କୁ ଏହି ଭତ୍ତା ଯୋଜନାରେ ସାମିଲ କରାଯାଇଥିଲା, ଯାହାଙ୍କ ବୟସ ୬୦ ବର୍ଷ ହେଉଥିଲା । ଅର୍ଥାତ୍ ସରକାର ଏଥିରେ ବୟସ ସୀମାକୁ ୫ ବର୍ଷ ହ୍ରାସ କରିଥିଲେ । ଏଥିସହ ଉକ୍ତ ଯୋଜନାର ପୁନଃ ନାମକରଣ କରାଯାଇଥିଲା ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓଲ୍ଡ ଏଜ୍ ପେନ୍‌ସନ ସ୍କିମ୍ (ଆଇଜିଏନ୍‌ଓଏପିଏସ୍) ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟର ଏକ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ରୂପେ ଏହି କେନ୍ଦ୍ରୀୟ ଯୋଜନା ରାଜ୍ୟଗୁଡ଼ିକରେ କାର୍ଯ୍ୟକାରୀ ହେଉଛି । ଆଇଜିଏନ୍‌ଓଏପିଏସ୍‌ରେ କେନ୍ଦ୍ରୀୟ ଆର୍ଥିକ ଅବଦାନ ୬୦ରୁ ୭୯ ବର୍ଷୀୟଙ୍କ ପାଇଁ ୨୦୦ ଟଙ୍କା ରହିଥିବାବେଳେ ୮୦ ବର୍ଷରୁ ଅଧିକ ବୟସ୍କ ବିପିଏଲ୍‌ଧାରୀଙ୍କୁ ୫୦୦ ଟଙ୍କା ମିଳିଥାଏ ।

କେନ୍ଦ୍ରୀୟ ସହାୟତାରେ ହେଉ ଅଥବା ନିଜସ୍ୱ ପାଣ୍ଠିରେ ରାଜ୍ୟଗୁଡ଼ିକ ନିଜ ବରିଷ୍ଠ ତଥା ଦିବ୍ୟାଙ୍ଗ ନାଗରିକମାନଙ୍କୁ ଟପ୍ ଅପ୍ ମିଶାଇ ନୂଆ ନାମକରଣ ସହ ପେନ୍‌ସନ ଦେଉଛନ୍ତି । ଏହି କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ସବା ଆଗରେ ରହିଛି । ଆନ୍ଧ୍ର ସରକାର ଏନ୍‌ଟିଆର୍ ଭରୋସା ପେନ୍‌ସନ ସ୍କିମ୍ ଅଧୀନରେ ମାସିକ ୪,୦୦୦ ଟଙ୍କା ପ୍ରଦାନ କରୁଥିବାବେଳେ ନିର୍ଦ୍ଦିଷ୍ଟ ଅତି ଭିନ୍ନକ୍ଷମ ବର୍ଗର ହିତାଧିକାରୀ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଭତ୍ତା ପାଇଥାନ୍ତି । ହରିୟାଣା ସରକାର ବାର୍ଦ୍ଧକ୍ୟ ସମ୍ମାନ ଭତ୍ତା ନାମରେ  ଯୋଗ୍ୟ ହିତାଧିକାରୀଙ୍କୁ ମାସିକ ୩,୨୦୦ ଟଙ୍କା ପ୍ରଦାନ କରୁଛନ୍ତି । ସେହିପରି ରାଜଧାନୀର ଜଣେ ବରିଷ୍ଠ ନାଗରିକ/ ଦିବ୍ୟାଙ୍ଗ ବ୍ୟକ୍ତି ମାସକୁ  ୨,୦୦୦ରୁ ୨,୫୦୦ ଭତ୍ତା ପାଇଥାନ୍ତି । କେରଳ ସାମାଜିକ ସୁରକ୍ଷା ଭତ୍ତା କାର୍ଯ୍ୟକ୍ରମରେ ଏହି ରାଶି ୧,୬୦୦ ଟଙ୍କା ରଖାଯାଇଛି । ଏହି କ୍ଷେତ୍ରରେ ରାଜ୍ୟଗୁଡ଼ିକ ଅତିରିକ୍ତ ଭତ୍ତା ସୁବିଧା ପ୍ରଦାନ କରିବାକୁ ହେଲେ ସେହି ପରିମାଣର ବୋଝ ମଧ୍ୟ ସହିଥାନ୍ତି । ଯେତିକି ଅଧିକ ପେନ୍‌ସନ ରାଜକୋଷ ଉପରେ ସେତେ ବେଶି ଆର୍ଥିକ ଚାପ ବା ବୋଝ ପଡ଼ିଥାଏ । ରାଜ୍ୟ ସରକାର ଟପ୍ ଅପ୍ ମିଶାଇବା



ପରେ ଭାରତର ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବାର୍ଦ୍ଧକ୍ୟ ଭତ୍ତା ହାରାହାରି ୧,୦୦୦ଟଙ୍କା ହୋଇଥିବା ପତ୍ର ଓ ସୂଚନା କାର୍ଯ୍ୟାଳୟ(ପିଆଇବି) ସୂତ୍ରରୁ ପ୍ରକାଶ ।

ଓଡ଼ିଶା କଥା ଉଠିଲେ ଆମ ରାଜ୍ୟରେ ଏହି ଭତ୍ତା ପ୍ରଦାନର ଚିତ୍ର ସେତେଟା ଭଲ ରହିନାହିଁ । ବିଜୁ ଜନତା ଜଳ ସରକାର ଅମଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କ ପାଇଁ ପୂର୍ବ ପ୍ରଚଳିତ ରିଭାଇଜ୍‌ଡ ଓଲ୍ଡ ଏଜ୍ ପେନ୍‌ସନ ରୁଲ୍ସ, ୧୯୮୯ ଏବଂ ଡିଜାବିଲିଟି ପେନ୍‌ସନ ରୁଲ୍ସ, ୧୯୮୫କୁ ମିଶାଇ ନୂଆ ଭତ୍ତା ଯୋଜନା କରାଯାଇଥିଲା । ଏହାର ନାମ ରଖାଯାଇଥିଲା ମଧୁବାବୁ ପେନ୍‌ସନ ଯୋଜନା । ଏମ୍‌ବିପିଏସ୍‌ରେ ୩୨ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ରହିଛନ୍ତି । ସେମାନଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ରାଜ୍ୟ ସରକାର କେନ୍ଦ୍ରୀୟ ସହାୟତାରେ ନିଜ ହାତରୁ ମାସିକ ୫୦୦ରୁ ୭୦୦ ଟଙ୍କା ପର୍ଯ୍ୟନ୍ତ ଟପ୍ ଅପ୍ ଯୋଡ଼ିଥାନ୍ତି । ଆନ୍ଧ୍ର ସରକାର ବୟସ୍କଙ୍କ କ୍ଷେତ୍ରରେ ଅତିରିକ୍ତ ୨,୭୫୦ ଟଙ୍କା ପ୍ରଦାନ କରୁଥିବାବେଳେ ଭିନ୍ନକ୍ଷମାନଙ୍କୁ ୩,୦୦୦ ଟଙ୍କା ଦେଉଛନ୍ତି । ଏହି କ୍ଷେତ୍ରରେ ଦେଶର ୧୦ ସର୍ବୋତ୍ତମ ରାଜ୍ୟ ତାଲିକାକୁ ଓଡ଼ିଶା ଉଠିପାରିନାହିଁ । ତାମିଲନାଡୁ, ତେଲଙ୍ଗାନା, ପଶ୍ଚିମବଙ୍ଗ, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ନାଟକ ଓ କେରଳ ରାଜ୍ୟ ସରକାର ନିଜ ହିତାଧିକାରୀଙ୍କ ପାଇଁ ଓଡ଼ିଶା ତୁଳନାରେ ୨ରୁ ୪ ଗୁଣା ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ଓଡ଼ିଶା ସରକାର ସବୁ ପ୍ରକାର ପେନ୍‌ସନ ବାବଦକୁ ୭,୬୦୦ କୋଟି ଟଙ୍କା ଆବଣ୍ଟନ କରିଥିଲେ, ଯହିଁରୁ ମଧୁବାବୁ ପେନ୍‌ସନ ଯୋଜନା ପାଇଁ ୫,୩୭୦ କୋଟି ଦିଆଯାଇଥିଲା । କିନ୍ତୁ ବିଜେଡି ସରକାର ଅମଳରୁ ନିରବଚ୍ଛିନ୍ନ ଭାବେ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ପାଇଆସୁଥିବା ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଅବସ୍ଥାନ କରୁଥିବା ଏହି ହତଭାଗା ମଣିଷମାନଙ୍କ ମୁଣ୍ଡରେ ଚଡ଼କ ସେତେବେଳେ ପଡ଼ିଥିଲା, ଯେତେବେଳେ ଓଡ଼ିଶା ସାରା ୨ରୁ ୩ ମାସ ଧରି ଭତ୍ତା ବନ୍ଦ ହୋଇଗଲା । ଅନେକ ସ୍ଥାନରେ ବୃଦ୍ଧ ଓ ବୃଦ୍ଧା ଭତ୍ତା ଟଙ୍କା ଗଣ୍ଡିକ ପାଇଁ ଗୁରୁଣ୍ଡି ଗୁରୁଣ୍ଡି ବ୍ୟାଙ୍କ ଓ ପଞ୍ଚାୟତ ଅଫିସକୁ ଧାଉଁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଯେଉଁ ଓଡ଼ିଶାର ଲୋକେ ଦାନ ମାଝୀ ଓ ଜିତୁ ମୁଣ୍ଡା ଚିତ୍ର



ଦେଖିସାରିଛନ୍ତି, ସେଠି ବରିଷ୍ଠ ନାଗରିକଙ୍କ ଏହି ଦୟନୀୟ ଅସହାୟତା ଏକପ୍ରକାର ନ୍ୟୂନ ହୋଇଯାଇଥିଲା । ଏବେ ଡବଲ ଇଞ୍ଜିନ୍ ସରକାର ଚାଲିଛି । କେନ୍ଦ୍ର ମଧ୍ୟ ଓଡ଼ିଶାକୁ ଉପେକ୍ଷା କରିବାର କାରଣ ବା ଯଥାର୍ଥତା ନାହିଁ । ତେଣୁ ଆମ ରାଜ୍ୟ ସରକାର ଏଦିଗରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରି ଅଧିକ ସହାୟତା ରାଶି ଆଣିପାରିଲେ ହିତାଧିକାରୀମାନେ ଉପକୃତ ହୁଅନ୍ତେ ।

ଅନ୍ୟପକ୍ଷେ ହିତାଧିକାରୀ ତାଲିକାରେ ନାମ ନ ଥିବା ଅନେକ ବ୍ୟକ୍ତି ରହିଛନ୍ତି ଯେଉଁମାନେ ଆବଶ୍ୟକ ଦସ୍ତାବିଜ ଅଭାବରୁ ହେଉକି ପ୍ରଶାସନିକ ଉଦାସୀନତା ଯୋଗୁ ହେଉ ନାନା ଅସୁବିଧା ଦେଇ ଗତିକରୁଛନ୍ତି । ଜଣେ ଭତ୍ତା ପାଇବାକୁ ଯୋଗ୍ୟ ବୃଦ୍ଧା ଯେତେବେଳେ ନିରାଶ ହୋଇ ବସିଛନ୍ତି, ହାଃହୁତାସନ, ହୀନସ୍ତା ହେଉଛନ୍ତି; ସରକାର ତାଙ୍କୁ ଚିହ୍ନଟ କରି ତୁରନ୍ତ ଆର୍ଥିକ ବନ୍ଦୋବସ୍ତ ନ କରିବା ଆମ ପୁଞ୍ଜି ଆଗମନର ସ୍ରୋତ ପ୍ରଶସ୍ତି ଗୁଣଗାନର ପରିପନ୍ଥୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଏକାନ୍ନବର୍ତ୍ତୀ ପରିବାରରେ ବୁଢ଼ାବୁଢ଼ୀଙ୍କଠାରୁ କନିଷ୍ଠ ସଦସ୍ୟମାନେ ଶିଖନ୍ତି ଓ ସଂସ୍କାର ଗ୍ରହଣ କରିଥାନ୍ତି । ଘରର ବଡ଼ ହୋଇଥିବାରୁ ସେମାନେ ପିଲାଙ୍କୁ ଉଚିତ ଦିଗ୍‌ଦର୍ଶନ କରି ଭଲ ବାଟରେ ଚାଲିବାକୁ ପରାମର୍ଶ ଦିଅନ୍ତି । ତେବେ ଆଧୁନିକ ଯୁଗରେ ଏଭଳି ପରିବାର ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଛି । ଅନ୍ୟପକ୍ଷେ ଭାରତରେ ପ୍ରାୟ ୧୫୩ ନିୟୁତ ଲୋକ ଏପରି ରହିଛନ୍ତି, ଯାହାଙ୍କ ବୟସ ୬୦ କିମ୍ବା ତହିଁରୁ ଅଧିକ । ୨୦୩୬ ସୁଦ୍ଧା ଏହି ବରିଷ୍ଠ ନାଗରିକଙ୍କ ସଂଖ୍ୟା ୨୩୦ ନିୟୁତ ଛୁଇଁବା ନେଇ ଅନୁମାନ କରାଯାଉଛି । ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ୨୦୫୦ ବେଳକୁ ଭାରତରେ ୩୪୭ ନିୟୁତ ଲୋକଙ୍କ ବୟସ ୬୦ରୁ ଅଧିକ ହୋଇଯିବ । ଜାପାନର ୨୮% ଲୋକ ବୃଦ୍ଧବୃଦ୍ଧା, ଯାହାକି ବିଶ୍ୱରେ ସର୍ବାଧିକ । ଏହି କ୍ଷେତ୍ରରେ ଚାଇନା ପରେ ଭାରତର ସ୍ଥାନ ତୃତୀୟରେ । ଏତେ ସଂଖ୍ୟକ ବରିଷ୍ଠ ନାଗରିକଙ୍କ ପ୍ରତି କେବଳ ସରକାର ନୁହନ୍ତି, ସମାଜ ମଧ୍ୟ ଅଧିକ ସମ୍ବେଦନଶୀଳ ହେବା ଆବଶ୍ୟକ । କିନ୍ତୁ ଅଧିକାଂଶ ସମୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି ।

ବାପାମା ବୃଦ୍ଧାବସ୍ଥାରେ ପହଞ୍ଚିଲେ ପୁଅମାନେ ସେମାନଙ୍କୁ ଆଉ ପଚାରୁ ନାହାନ୍ତି । ହତାଦର କରୁଛନ୍ତି । ମାତାପିତାଙ୍କୁ ସେମାନେ ବୋଝ ମନେକରି ବୃଦ୍ଧାଶ୍ରମରେ ଛାଡ଼ିଦେଉଛନ୍ତି । ଯେଉଁ ବାପାମା ନିଜ ପେଟରୁ କାଟି, ଜମିବାଡ଼ି ଘରଦ୍ୱାର ବିକି ପିଲାଙ୍କୁ ପାଠ ପଢ଼ାଇ ମଣିଷ କରନ୍ତି, ସେହି ଦେବଦେବୀଙ୍କୁ ଦୁର୍ବ୍ୟବହାର ଓ ହାତ ଉଠାଇବା, ସେମାନଙ୍କ ପ୍ରତି ହିଂସା ଆଚରଣ ଏପରି କି ହତ୍ୟା କରିବା ପର୍ଯ୍ୟନ୍ତ ଅନେକ ଦୃଷ୍ଟାନ୍ତ ଆମ ସମାଜରେ ରହିଛି । ପୁଅ ବେରୋଜଗାରିଆ ହୋଇଥିଲେ ନାତିନାତୁଣୀଙ୍କ କଥା ମଧ୍ୟ ପରିବାରର ବୟୋବୃଦ୍ଧଙ୍କୁ ବୁଝିବାକୁ ପଡ଼େ । ସ୍କୁଲ ଫି, ବହିକିଣା ସ୍ଥଳ ବିଶେଷରେ ବଡ଼ବଡ଼ ବୋଝ ମଧ୍ୟ ସେମାନେ ମୁଣ୍ଡାଇଥାନ୍ତି । ତେଣୁ ଆଜିର ବ୍ୟୟବହୁଳ ଯୁଗରେ ଯେତେବେଳେ ମୁଦ୍ରାସ୍ଫୀତି ବୃଦ୍ଧି ସହ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ଆକାଶ ଛୁଉଁଛି, ସେତେବେଳେ ଭତ୍ତା ଟଙ୍କା ସେମାନଙ୍କୁ ବିଶେଷ ସହାୟକ ହୋଇପାରୁ ନାହିଁ । ତେଣୁ ଏଦିଗରେ ଗଭୀର ଅନୁଧ୍ୟାନ ପୂର୍ବକ ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ଆଣି ପାଣ୍ଠିର ବ୍ୟବସ୍ଥା କରିବା ଉଚିତ ।❖❖❖

# ବାହୁଡ଼ା ଯାତ୍ରା

ଚଳିତବର୍ଷ ବାହୁଡ଼ା ଯାତ୍ରା ଜୁଲାଇ ୨୪ ତାରିଖ ଦିନ ପାଳିତ ହେବ । ଏହିଦିନ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭାଦ୍ରାଙ୍କ ରଥ ଟଣାଯାଇଥାଏ । ବାଟରେ ଠାକୁରମାନଙ୍କ ପାଇଁ ପକ୍ତି ଭୋଗ ହୁଏ । ରାଜାଙ୍କ ନଅର ସାମ୍ନାରେ ଶ୍ରୀଜଗନ୍ନାଥଙ୍କ ରଥ ରୁହେ । ଏହି ସମୟରେ ବଡ଼ଦେଉଳ ସ୍ଥିତ ନିଜ ମନ୍ଦିରରୁ ଲକ୍ଷ୍ମୀ ସୁନାବେଶ ହୋଇ ପାଲିଙ୍କୀରେ ବିଜେ ହୋଇ ବଡ଼ ଦେଉଳ ସ୍ନାନବେଦୀ ନିକଟସ୍ଥ ଚାହାଣି ମଣ୍ଡପରେ ପହଞ୍ଚନ୍ତି । ସେଠାରେ ଠିଆ ହୋଇରହିଥାନ୍ତି । ଚାହାଣି ମଣ୍ଡପରୁ ରାଜାଙ୍କ ସିଂହଦ୍ୱାର ନିକଟରେ ଥିବା ଜଗନ୍ନାଥଙ୍କ ରଥକୁ ଚାହାନ୍ତି । ଏହାପରେ ଲକ୍ଷ୍ମୀଙ୍କ ବିମାନ ଜଗନ୍ନାଥଙ୍କ ରଥ ଚାରିପଟେ ବୁଲନ୍ତି । ଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଦଇତାମାନେ ଆଜ୍ଞାମାଳ ନିଅନ୍ତି । ପରେ ଲକ୍ଷ୍ମୀ ନିଜ ମନ୍ଦିରକୁ ଫେରିଯାଆନ୍ତି । ଏହାପରେ ଜଗନ୍ନାଥଙ୍କ ରଥ ମନ୍ଦିର ସିଂହଦ୍ୱାର ନିକଟକୁ ଆସେ । ବାହୁଡ଼ା ଶେଷଦିନ ଠାକୁରମାନେ ରଥରେ ରୁହନ୍ତି । ଦ୍ୱାଦଶୀଦିନ ଠାକୁରମାନେ ଶ୍ରୀମନ୍ଦିର ବିଜେ କରନ୍ତି । ଗୁଣ୍ଡିଚା ଘରକୁ ପହଣ୍ଡି ହେଲା ସମୟରେ ଯେଉଁସବୁ ନିୟମ ଓ ଶୃଙ୍ଖଳା ଥାଏ ସେହି ଅନୁସାରେ ଏହି ପହଣ୍ଡି ହୁଏ । ଏହାକୁ ନିଳାଦ୍ରୀ ବିଜେ ବୋଲି କୁହାଯାଏ । ❖❖❖





# ଶ୍ରୀଜୀଉଙ୍କ ସୁନାବେଶ

ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ମହାପ୍ରଭୁମାନଙ୍କ ରଥ ଉପରେ ସୁନାବେଶ କରାଯାଇଥାଏ । ଚଳିତବର୍ଷ ଜୁଲାଇ ୨୫ ତାରିଖରେ ପ୍ରଭୁଙ୍କୁ ସୁନାବେଶ କରାଯିବ । କିମ୍ବଦନ୍ତୀରୁ ଜଣାଯାଏ ଯେ, ଶ୍ରୀ ଗଜପତି କପିଳେନ୍ଦ୍ର ଦେବ ତାଙ୍କ ରାଜତ୍ୱ ସମୟରେ ବହୁ ରାଜ୍ୟ ଜୟ କରି ନିଜର ସାମ୍ରାଜ୍ୟକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର କରିଥିଲେ । ସେ ବିଭିନ୍ନ ରାଜ୍ୟରୁ ଯେଉଁ ମହଣ ମହଣ ସୁନା ଆଣିଥିଲେ ସେ ସବୁକୁ ମହାପ୍ରଭୁଙ୍କ ପାଦତଳେ ଅର୍ପଣ କରିଦେଇଥିଲେ । ତାଙ୍କୁ ସ୍ୱପ୍ନାଦେଶ ହେଲା କି ତୁମେ ସୁନାରେ ଗହଣା ତିଆରି କରି ଆମ୍ଭମାନଙ୍କ ଶ୍ରୀଭୂଜରେ ଏକାଦଶୀ ଦିନ ରଥ ଉପରେ ପିନ୍ଧାଇ ଦେଲେ ଦୂର ଦୂରାନ୍ତରରୁ ଆସୁଥିବା ଭକ୍ତମାନେ ଆନନ୍ଦିତ ହେବା ସହ ଏହି ସୁନାବେଶ ଦର୍ଶନ କରିପାରିବେ । ❖❖❖

# ବ୍ୟାସ ବା ଗୁରୁ ପୂର୍ଣ୍ଣିମା

ବ୍ୟାସାୟ ବିଷ୍ଣୁ ରୂପାୟ ବିଷ୍ଣୁ ରୂପାୟ ବାସବେ ନମୋ...ବୈ ବ୍ରାହ୍ମ ବିଧେୟ ବଶିଷ୍ଠାୟ ନମୋ ନମଃ । ଆଜି ହେଉଛି ମହର୍ଷି ବ୍ୟାସ ପରାଶ୍ରା ମୃଦଂ ବନ୍ଦେ ଶୁକ ତାତଂ ତପୋନିଧିଙ୍କର ଜନ୍ମ ଦିବସ ଯାହାକୁ ଆମ୍ଭେମାନେ ଗୁରୁ ପୂର୍ଣ୍ଣିମା ବୋଲି ପାଳନ କରି ଆସୁଅଛୁ । ଏହା ଚଳିତ ମାସ ଜୁଲାଇ ୨୯ ତାରିଖ ଦିନ ପାଳନ ହେବ । ମହର୍ଷି ପରାଶରଙ୍କଠାରୁ କୈବର୍ତ୍ତ କନ୍ୟା ମତ୍ସ୍ୟବନ୍ଧାଙ୍କଠାରୁ ନଦୀ ପଠାରେ ଜନ୍ମ ନେଇଥିଲେ ଶ୍ରୀ ବ୍ୟାସଦେବ ଯାହାଙ୍କ ଦ୍ୱାରା ଅଷ୍ଟାଦଶ ପୁରାଣ ମହାଭାରତ, ଗୀତା, ଭାଗବତ ଆଦି ସତ୍ୟ ସନାତନ ହିନ୍ଦୁ ଧର୍ମର ବେଦ ବେଦାନ୍ତ ଉପନିଷଦର ସେ ହେଲେ ସ୍ରଷ୍ଟା । ❖❖❖





# ପାକୁଆ ପାଟିର ହସ



ଛନ୍ଦା ମିଶ୍ର

ଆଗେ, ବନ୍ଧୁବାନ୍ଧବ, ସାଙ୍ଗସାଥି ଓ ପଡ଼ୋଶୀମାନଙ୍କ ଘରକୁ ଅବାଧରେ ଆମେ ଯାଇ ଆସି ପାରୁଥିଲେ । ନା ଆମ ମନରେ ଥିଲା ସଙ୍କୋଚ, ନା ତାଙ୍କ ମନରେ ଥିଲା ଅଶ୍ୱସ୍ତି । ସମ୍ପର୍କରେ ନ ଥିଲା ଔପଚାରିକତା, ଥିଲା କେବଳ ନିର୍ମଳ ଶ୍ରଦ୍ଧା । ଛଳନା ସହିତ ଆନନ୍ଦ ମନରେ ପାଛୋଟି ନେବାର ସେ ମଧୁର ପ୍ରଥାଟି ଅତିଥିଙ୍କ ପଥ ଶ୍ରମ ଲାଘବ କରିବା ସହିତ କରୁଥିଲା ପୁଲକିତ ।

ମୋର ମନେ ଅଛି, ଶୀତ ଦିନ ଛଡ଼ା ଅନ୍ୟ ଦିନେ ମା, ତରକାରୀ ପତ୍ର କମ୍ ରାନ୍ଧେ, ଖରା ଗରମରେ ସେ ସବୁ କାଳେ ନଷ୍ଟ ହୋଇଯିବ ବୋଲି । ଚେଷ୍ଟା କରେ, ଦିନ ବେଳ ଖାଇବା ଦିନ ବେଳେ ସରୁ । କିନ୍ତୁ ଭାତ ନିଶ୍ଚୟ ଅଧିକ କରିଥିବ । ବେଳେ ବେଳେ ବାପା ବିରକ୍ତ ହୁଅନ୍ତି, କାଇଁ ଅଧିକ ରାନ୍ଧୁଛ, ତମକୁ ହିଁ ତ ବାସୀ ଖାଇବାକୁ ପଡୁଛି । ମାଆ ଉତ୍ତର ଦିଏ, ଆଉ ହଠାତ୍ କିଏ ଗୋଟେ ଆସି ପହଞ୍ଚି ଯିବ ଯଦି... । ସତ କୁ ସତ, ପ୍ରାୟ ଦିନ କେହି ନା କେହି ଅତିଥି ରୂପେ ଉଭା ହୁଅନ୍ତି । କେବେ ବନ୍ଧୁବାନ୍ଧବ, କେହି ଦୂର ସମ୍ପର୍କୀୟ, ଅବା ବୁଢ଼ା ବ୍ରାହ୍ମଣ, ସନ୍ୟାସୀ କିମ୍ବା ଭିକାରୀ ରୂପେ । ମାତ୍ର ଘରୁ କେହି ଖାଲି ପେଟରେ ଫେରନ୍ତି ନାହିଁ । ତାଙ୍କ ହଂସା ଉଡ଼ି ଯାଉଥିଲା ବେଳେ, ଆଳୁ, ବାଇଗଣ ଅବା ବଡ଼ି ଦୁଇଟାରେ କଂସାଏ ପଖାଳ ତାଙ୍କୁ କରେ ତୃପ୍ତ । ଅନେକ ସମ୍ପର୍କୀୟ ତ ପିନ୍ଧା ଲୁଗା ବି ଧରି ଆସି ନ ଥାନ୍ତି । ଆଲଣାର ତଳ ଥାକରେ ଥିବା ଡବା ଭିତରୁ ମାଆ କାଢ଼େ ସଫା ଧୋତି ଗାମୁଛା ବା ସୂତା ଲୁଗା ଖଣ୍ଡେ । ସେତେବେଳେ କୋଉ ଫୋନ୍ ଥିଲା ଯେ, କେବେ କେମିତି ବେଶି ଦୂରରୁ ଆସୁଥିବା ଲୋକେ ଚିଠି ଖଣ୍ଡେ ଦେଉଥିଲେ । ଅନେକ ସମୟରେ ତ ଅତିଥି ଆସି, ଗଲା ପରେ ସେ ଚିଠି ମିଳୁଥିଲା । ଆଜିକାଲି କିନ୍ତୁ କାହା ଘରକୁ

ଯିବା ଆଗରୁ ଆମେ ଦଶ ଥର ଚିନ୍ତା କରୁଛେ । ଟିଭିରେ ସିରିଏଲର ଧାରା ଆରମ୍ଭ ହେଲା ପରେ, ତାଙ୍କ ସିରିଏଲ ସମୟରେ ଆପଣ ପହଞ୍ଚିଗଲେ, ଲୋକେ ଆପଣଙ୍କ ଆସିବାଟାକୁ କରୁଛନ୍ତି ନାପସନ୍ଦ । କେହି କେହି ତ ଆପଣଙ୍କୁ ବାଧ କରିବେ, 'ଏଇ ସିରିଏଲ ଟା ଦେଖିବା ତା' ପରେ କଥା ହେବା' । ଆଉ ବା କେହି ଆପଣଙ୍କ ଗୋଡ଼ରୁ ମୁଣ୍ଡ ଯାଏ ଏମିତି ଚାହିଁବେ ଯେ, ଯାହାର ଅର୍ଥ ହେବ ତମର କ'ଣ କାଣ୍ଡଜ୍ଞାନ ନାହିଁ କି ହୋ... ।ପୁଣି କିଛି, ପାଦେ ଆଗକୁ ଯାଇ, ଆପଣ ଅସ୍ତିତ୍ୱ ଅଛି ବୋଲି ଅସ୍ୱୀକାର କରି ନିଜ ଟିଭିଟି ଆଗରେ ପାଟି ମେଲା କରି ବସି ରହିବେ । ହେଲେ ଯେବେ କରୋନା ନିଜ କାୟା ବିସ୍ତାର କଲା, କାହା ଘରକୁ ଯିବା ତ ଦୂରର କଥା, ବାଟରେ ଘାଟରେ ଲୋକେ ଦେଖା ହୋଇଗଲେ, ନିଚିହ୍ନିଲା ପରି ବାଟ କାଟି ଚାଲି ଯାଉଥିଲେ । ଆଉ ଯଦି ଆପଣଙ୍କୁ କୌଣସି କାମରେ ତାଙ୍କ ଘରକୁ ଯିବା ପାଇଁ ପଡ଼ିଲା, ତେବେ ତ କଥା ସରିଲା । ସନ୍ଦିଗ୍ଧ ଆତଙ୍କବାଦୀକୁ ଦେଖିଲା ପରି ସେ ଆପଣଙ୍କୁ ଏମିତି ଚାହିବେ ଯେ, ଠିଆ ଠିଆ କାମ ସାରି ଫେରି ପଡ଼ିବାକୁ ଆପଣଙ୍କୁ ତର ସହିବ ନାହିଁ ।

ତେଣୁ ଆଜି କାଲି କେହି ଆଉ କାହା ଘରେ ଅତିଥି ନୁହଁନ୍ତି । ସମସ୍ତେ ତିଥି, ବାର, ନକ୍ଷତ୍ର ଓ ବେଳକାଳ ଦେଖି, ଫୋନ୍‌ରେ ଆଗରୁ ସୂଚନା ଦେଇ, ଅନୁମତି ନେଇ କାହା ଘରକୁ ଯାଉଛନ୍ତି । ଯିବା ଆଗରୁ 'ଆପଣଙ୍କୁ କିଛି ଅସୁବିଧା ହେବ ନାହିଁ ତ ...' ବୋଲି ପଚାରୁଛନ୍ତି । ସମ୍ପର୍କରେ ଅନେକ ଔପଚାରିକତା ଆସି ଯାଇଛି । ପୂର୍ବର ସେ ଆବିଳତା ହୀନ ଆତିଥେୟତା ଆଉ ନାହିଁ । ଯଦିଓ ଆଜି ବି ହାତଗଣତି ହେଲେ ସୁଦ୍ଧା ଏପରି କିଛି ଲୋକ ଅଛନ୍ତି, ଯିଏ ଅତିଥିଙ୍କୁ ପାଛୋଟି ନେବା ପାଇଁ ସଦା ଥାଆନ୍ତି ତତ୍ପର ହୋଇ । ଏଇ କିଛି ଦିନ ତଳେ ଯାଇଥିଲି, ପୁରୁଣା ଚିହ୍ନା ଜଣେ ଅନ୍ତରଙ୍ଗ ପଡ଼ୋଶୀଙ୍କ ଘରକୁ । ସାଦରେ ସ୍ୱାଗତ କରିବା ସହ ସେ ନେଇ, ବାଟ ଘରେ ବସାଇ ଦେଲେ । ଝିଅଟି ତାଙ୍କର, ଡେଲିଭରି ପାଇଁ ଆସିଥାଏ ଶାଶୁଘରୁ । ଏବେ ତାର ଫେରିଯିବାର ସମୟ ହେଲାଣି । ତାହାର କୁନି ଝିଅଟିକୁ ଦେଖିବା ସହ, ଆଶିର୍ବାଦ ରୂପେ ତା ହାତରେ କିଛି ଦେଇ ଆସିବି, ଏହା ଥିଲା ମୋର ଉଦ୍ଦେଶ୍ୟ । ମୋ ପାଇଁ ଟା ଜଳଖିଆ ପରଶି ଦେଇ ସେ ମୋ ନିକଟରେ ବସି ପଡ଼ିଲେ । ଏଇ ସମୟରେ ଝିଅଟି ତାଙ୍କର, ଚାରୋଟି ରୁଟି ଆଣି ଆମରି ପାଖରେ ବସି, ଗରମ କ୍ଷୀରରେ ପକାଇ ଚକଟିଲା । ଭଲ କରି ଚକଟି ସାରି ଦୁଇଟି ଗିନାରେ ଅଲଗା ଅଲଗା କରି ବାଣ୍ଟିଦେଲା । ଗୋଟିଏ ବଢ଼େଇ ଦେଲା ତା ମା ଆଡ଼କୁ ଓ ନିଜେ ସେ, ତାର କୁନି ଝିଅଟିକୁ ଥଣ୍ଡା କରି ଖୁଆଇଲା । ହଗିଜ୍ ପିନ୍ଧିଥିବା ଝିଅଟିକୁ ହେଇ କାଉ ଆସିଲା, ବାଘ, ହାଉଁ କଲା କହି ଖୁଆଇବାକୁ ଦେଉଥାଏ । ଝିଅଟି ତା ପାକୁଆପାଟିରେ ହସିହସି ଖାଉଥାଏ, ଆମ ସହିତ ଖେଳି ଖେଳି । ସେ ଖାଇ ସାରିଲା ପରେ ଆଇ ତାର ଆର ଗିନାଟି ଧରି ଉଠିଲେ । ଆଉ ମତେ ସାଙ୍ଗରେ ନେଇ ଗଲେ ପାଖ ଘରକୁ ଖଟ ଉପରେ ଅସ୍ତବ୍ୟସ୍ତ ଲୁଗା ବୁଜୁଳାଟିଏ ପରି ପଡ଼ିଥିଲେ ଶାଶୁ ତାଙ୍କର । ଦେହରେ ତାଙ୍କର ଲୁଗା ନ ଥିଲା, କେବଳ ଯାହା ଅଣ୍ଟାରେ ଥିଲା ହଗିଜଟିଏ । ସମାନ ଢଙ୍ଗରେ ତାଙ୍କୁ ବି ଯାଡୁ ସ୍ୟାଡୁ କହି ଚାମଚରେ ରୁଟି କ୍ଷୀର ଚକଟା ଖୁଆଇବାକୁ ଲାଗିଲେ ।

ଜୀବନର ନିଷ୍ଠୁର ବାସ୍ତବତା ଥିଲା ମୋ ସମ୍ମୁଖରେ । ଶୁଣିଥିଲି, ବାଳ ବୃଦ୍ଧ ସମାନ । ଆଜି ପ୍ରତ୍ୟକ୍ଷ କରୁଥିଲି । ଉଭୟଙ୍କ ହାତ ଗୋଡ଼ ବୋଲ ମାନୁନି । ଝାଡ଼ା ପରିସ୍ରା ଉପରେ ନାହିଁ ନିୟନ୍ତ୍ରଣ । ନା କହି ପାରୁଛନ୍ତି, ନା ବୁଝି ପାରୁଛନ୍ତି, ନା ଚାଲି ପାରୁଛନ୍ତି । ପାଟିରେ ଗୋଟିଏ ହେଲେ ଦାନ୍ତ ନାହିଁ । କିନ୍ତୁ ଉଭୟଙ୍କ ପାକୁଆ ପାଟିର ହସ ବେଶ ଚମତ୍କାର । ଜଣେ ଜୀବନକୁ ସ୍ୱାଗତ କଲା ବେଳେ ଆର ଜଣକ ବିଦାୟ ମାଗୁଛନ୍ତି । ଉଭୟ ଏବେ ଅତିଥି, ଜଣେ ମର୍ତ୍ତ୍ୟ ଲୋକର ଜଣେ ମୃତ୍ୟୁ ଲୋକର । କୁନି ଝିଅଟିର ମାଆ କହୁଥିଲା, ଡାକ୍ତର କହିଥିବାର ସମୟର ସପ୍ତାହେ ପୂର୍ବରୁ ଝିଅ ଜନ୍ମ ହୋଇଗଲା । ଆଉ ବୁଢ଼ୀଙ୍କ କଥା ଯଦି କହିବି, ଡାକ୍ତରଙ୍କ ହିସାବରେ ସେତ ସାତ ବର୍ଷ ତଳୁ ମରି ସାରନ୍ତେଣି ।

ବୋଧହୁଏ ଏଇଥି ପାଇଁ କୁହାଯାଏ, ଜନମ, ମରଣ, ବରଷା କହି ନପାରଇ ପୁରୁଷା । କିଏ କେତେବେଳେ ଆସିବ ଓ କେତେବେଳେ ଯିବ କେହି ଜାଣିନି । ପାକୁଆ ପାଟିରେ ଆସିବ ଓ ପାକୁଆ ପାଟିରେ ଚାଲିଯିବ । ଜୀବନଚକ୍ର ଘୁରି ଚାଲିଥିବ । ଯେଉଁଠୁ ଆରମ୍ଭ, ସେଇଠି ବି ଶେଷ, ଆଉ ଥରେ ଆରମ୍ଭିବା ପାଇଁ । ଦୁଇଟି ପାକୁଆ ପାଟିର ନିଷ୍କପଟତା ମଝିରେ, ଜୀବନ ଦୁଇ ଧାଡ଼ି ଦାନ୍ତକୁ ଧରି, ଅତିଥି ଭଳି ଆସି ଅତିଥି ଭଳି ଚାଲିଯିବ । ତା' ଭାଗ୍ୟର ଅଭ୍ୟର୍ଥନା, ତା ପାଇଁ ରଖିଥିବ ତା'ର ଭାଗ୍ୟ ବିଧାତା, କିଛି ସୁଖ କିଛି ଦୁଃଖ, କିଛି ଖଟା କିଛି ମିଠା । ଅତିଥି ଗୃହରେ ସବୁ ଅତିଥିଙ୍କୁ ସମାନ ଢଙ୍ଗରେ ସ୍ୱାଗତ କରାଯିବ ବୋଲି କିଛି ମାନେ ନାହିଁ । ଭେକ ଦେଖି ଭିକ ମିଳିବ । ସେତିକିରେ ପେଟ ପୁରାଇବାକୁ ପଡ଼ିବ, ହେବାକୁ ପଡ଼ିବ ସନ୍ତୁଷ୍ଟ, ଅନ୍ୟଥା ଅସନ୍ତୋଷର ନିଆଁରେ ଜୀବନ ଜଳିପୋଡ଼ି ହେବ ପାଉଁଶ । ତେବେ ପାକୁଆ ପାଟିରେ ହସି ହସି ଆସି ପାକୁଆ ପାଟିରେ ହସି ହସି ଯିବାକୁ ଯିଏ ହେବ ସମର୍ଥ, ତା'ର ହିଁ ସାର୍ଥକ ଜୀବନ ।

ମୋ: ୯୪୩୭୪୫୩୬୧୦
chhandamishra74@gmail.com

୧୯ ବର୍ଷରେ

ସଂଘର୍ଷରତ ମଣିଷର ଅନ୍ତଃସ୍ୱର
ଦୂରଦର୍ଶୀ
ମାସିକ ସମ୍ବାଦଭିତ୍ତିକ ପତ୍ରିକା
DURADARSHI AN ODIA NEWS FEATURES MONTHLY

ଅଗଣିତ ଲେଖକ-ଲେଖିକା, ପାଠକ-ପାଠିକା, ବିଜ୍ଞାପନଦାତା ଓ ବିତରକମାନଙ୍କୁ ଅନେକ ଶୁଭେଚ୍ଛା ଓ ଶୁଭକାମନା ।

# ଜାତୀୟ ଡାକ୍ତର ଦିବସ

ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଜାତୀୟ ଡାକ୍ତର ଦିବସ ଭାବେ ପାଳନ କରାଯାଇଆସୁଛି । ଜାତୀୟ ଡାକ୍ତର ଦିବସ ସାଧାରଣତଃ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗୁଡ଼ିକରେ ପାଳନ କରାଯାଇଥାଏ । ପ୍ରଖ୍ୟାତ ଚିକିତ୍ସକ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନଚନ୍ଦ୍ର ରାୟଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ତଥା ସମାଜରେ ଡାକ୍ତରମାନଙ୍କ ଭୂମିକା ଓ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ଏହି ମହାମାନବଙ୍କ ଜନ୍ମ ଜୁଲାଇ ୧ ତାରିଖ ୧୮୮୨ରେ ଓ ତିରୋଧାନ ଜୁଲାଇ ୧ ତାରିଖ ୧୯୬୨ ମସିହାରେ ହୋଇଥିଲା । ତେଣୁ ଜୁଲାଇ ୧ ତାରିଖକୁ ଜାତୀୟ ଡାକ୍ତର ଦିବସ ଭାବେ ଭାରତ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ❖❖❖



# କାରଗିଲ ବିଜୟ ଦିବସ

ପ୍ରତିବର୍ଷ ଜୁଲାଇ ମାସ ୨୬ ତାରିଖକୁ କାରଗିଲ ବିଜୟ ଦିବସ ରୂପେ ପାଳନ କରାଯାଇଥାଏ । ୧୯୯୯ ମସିହା ଜୁଲାଇ ମାସ ୨୬ ତାରିଖ ଦିନ ଭାରତର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ପାକିସ୍ତାନ କବଳରୁ ମୁକ୍ତ ହେଲା । ତେବେ ଏଥିପାଇଁ ଆମ ଦେଶର ହଜାର ହଜାର ଦେଶପ୍ରେମୀ ସୈନ୍ୟସାମନ୍ତ କାରଗିଲ ଯୁଦ୍ଧ ଭୂମିରେ ଦେଶ ପାଇଁ ଶହୀଦ ହୋଇଥିଲେ । କାରଗିଲ ଯୁଦ୍ଧ ଭାରତ ବିପକ୍ଷରେ ଚତୁର୍ଥ ଯୁଦ୍ଧ ଯେଉଁଥିରେ ପାକିସ୍ତାନ ବଳପୂର୍ବକ କାଶ୍ମୀର ହାସଲ କରିବାର ନିଷ୍ଫଳ ପ୍ରୟାସ କରିଥିଲା । ଏହି ଯୁଦ୍ଧ ୨୦ରୁ ଅଧିକ ଦିନ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ବେଳେ ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଶେଷ ହୋଇଥିଲା । ଏହା ଥିଲା ଆମ ଦେଶ ପାଇଁ ଏକ ଦୁଃଖଦ ଘଟଣା । ଯେଉଁ ବୀର ପୁରୁଷ, ଦେଶ ସେବକ, ଦେଶବୀର, ଜାତିପ୍ରେମୀ, ସୈନ୍ୟସାମନ୍ତ ଦେଶ ମାତୃକା ପାଇଁ ଶହୀଦ ହୋଇଛନ୍ତି ସେମାନଙ୍କର ମହାନ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଦେଇ ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ପ୍ରତିବର୍ଷ ଜୁଲାଇ ୨୬ ତାରିଖକୁ କାରଗିଲ ବିଜୟ ଦିବସ ଭାବେ ପାଳନ କରାଯାଇଆସୁଛି । ❖❖❖



# ବିଶ୍ୱ ଜନସଂଖ୍ୟା ଦିବସ

୧୯୮୭ ମସିହାରେ ବିଶ୍ୱର ମୋଟ ଜନସଂଖ୍ୟା ୫ ବିଲିୟନକୁ ଅତିକ୍ରମ କରିଥିଲା । ଏ ସଂପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଠିକ ତାର ଦୁଇ ବର୍ଷ ପରେ ଅର୍ଥାତ୍ ୧୯୮୯ ମସିହା ଜୁଲାଇ ୧୧ ତାରିଖକୁ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଇଆସୁଛି । ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଦ୍ରୁତଗତିରେ ବୃଦ୍ଧି ପାଉଥିବା ଜନସଂଖ୍ୟା ସମସ୍ୟା ସଂପର୍କରେ ସଚେତନ ସୃଷ୍ଟି କରିବା ଯଥା - ପରିବାର ନିୟୋଜନ, ଦାରିଦ୍ର୍ୟ, ମାନବାଧିକାର ପ୍ରଜନନ ସଂପର୍କିତ ସ୍ୱାସ୍ଥ୍ୟ ସମସ୍ୟା ଓ ଶିକ୍ଷାକୁ ନେଇ ସଚେତନତା ସୃଷ୍ଟି ଦ୍ରୁତ ଜନସଂଖ୍ୟା ଦେଶ ପ୍ରତି ବିପଦ ସୃଷ୍ଟି କରିବ । କାରଣ ଜନସଂଖ୍ୟା ଯେଉଁ ଅନୁସାରେ ବୃଦ୍ଧି ଘଟିବ ସେହି ଅନୁସାରେ ଆର୍ଥିକ ଅଭିବୃଦ୍ଧି ହେବା ମଧ୍ୟ ଦରକାର । ଆର୍ଥିକ ଅଭିବୃଦ୍ଧି ନହେଲେ ଦେଶରେ ବେକାରୀ ସମସ୍ୟା ମୁଣ୍ଡ ବିନ୍ଧାର କାରଣ ହୋଇପାରେ ବୋଲି ଜନସଂଖ୍ୟାବିତ୍‌ମାନେ କହିଛନ୍ତି । ❖❖❖



# ପଦ୍ମାସନ

ଡାହାଣ ଗୋଡ଼ ଉପରେ ବାମ ଗୋଡ଼ ତଳିପା ଓ ବାମ ଉରୁ, ଉରୁ ଉପରେ ଡାହାଣ ଗୋଡ଼ର ତଳିପା ପାଖାପାଖି ସିଧା ହୋଇ ବସିବାର ଭଙ୍ଗୀକୁ 'ପଦ୍ମାସନ' କୁହାଯାଏ । ଆହୁରୀ ମଧ ଏହି ଆସନ ଦେଖିବାକୁ ପଦ୍ମ ପରି ହୋଇଥିବାରୁ ଏହାର ନାମ 'ପଦ୍ମାସନ' ହୋଇଛି । ପ୍ରତ୍ୟେକ ଛାତ୍ର ଛାତ୍ରୀମାନଙ୍କ ପାଇ ଏହି ଆସନ ଏକାନ୍ତ ଆବଶ୍ୟକ ।



**ପଦ୍ମାସନ କରିବାର ପ୍ରଣାଳୀ:-**

**୧ମ ପର୍ଯ୍ୟାୟ:-**

ଦୁଇ ଗୋଡ଼କୁ ସମ୍ମୁଖକୁ ଲମ୍ବାଇ ବସିବେ ।

**୨ୟ ପର୍ଯ୍ୟାୟ:-**

ବାମ ଗୋଡ଼ର ଆଣ୍ଠୁ ଭାଙ୍ଗି ଦକ୍ଷିଣ ଜଙ୍ଘ ଉପରେ ଏବଂ ଦକ୍ଷିଣ ଗୋଡ଼ର ଆଣ୍ଠୁ ଭାଙ୍ଗି ବାମ ଜଙ୍ଘ ଉପରେ ରଖିବେ ।

**୩ୟ ପର୍ଯ୍ୟାୟ:-**

ଦୁଇ ହାତର ପାପୁଲି ବାହାରକୁ ସମ୍ମୁଖ କରି ଦୁଇ ଆଣ୍ଠୁ ଉପରେ ଜ୍ଞାନମୁଦ୍ରା ବା ଯୋଗମୁଦ୍ରା କରି ସିଧା କରି ରଖନ୍ତୁ ।

**୪ର୍ଥ ପର୍ଯ୍ୟାୟ:-**

ତାପରେ ଆଣ୍ଠୁଦ୍ୱୟ ଭୂମିକୁ ସ୍ପର୍ଶ କରି ବେକକୁ ସିଧା କରି ନାସାଗ୍ରକୁ ଲକ୍ଷ୍ୟ କରି ଆରାଧ୍ୟ ଦେବତାଙ୍କୁ ଧ୍ୟାନ କରିବେ । ଏହି ଆସନ ସମୟରେ ମନକୁ ଏକାଗ୍ର ରଖିବ ।

**୫ମ ପର୍ଯ୍ୟାୟ:-**

ତାପରେ ଦୁଇ ଗୋଡ଼କୁ ସମ୍ମୁଖକୁ ଲମ୍ବାଇବେ ଏବଂ ଶେଷରେ ବିଶ୍ରାମ ନେବେ ।

**ପଦ୍ମାସନ କରିବା ଦ୍ୱାରା ଉପକାରିତା:-**

ଏହି ଆସନ କରିବା ଦ୍ୱାରା ମସ୍ତିଷ୍କକୁ ଅଧିକ ପରିମାଣର ରକ୍ତ ସଞ୍ଚାଳିତ ହୁଏ । ମେରୁଦଣ୍ଡ ଦୃଢ଼ ରହେ । ଆଣ୍ଠୁ, ନିତମ୍ବ ଓ ବଳାଗଣ୍ଠି ଶକ୍ତିଶାଳୀ ହୁଏ । ସ୍ନାୟୁ ପ୍ରକ୍ରିୟା ବଢ଼ିଥାଏ । ଅଣ୍ଟା ମଜଭୁତ ରହେ । ସର୍ବବ୍ୟାଧି ନାଶ ହୁଏ । ମେରୁଦଣ୍ଡ ସିଧାରୁହେ । ଶରୀର ସତେଜ ରହେ । ମନ ପ୍ରଫୁଲ ରହେ । ଜଙ୍ଘର ନାଡ଼ି ଶୁଦ୍ଧ ହୁଏ ❖❖❖

# ଚନ୍ଦ୍ରଭେଦୀ ପ୍ରାଣାୟାମ



ଚନ୍ଦ୍ରଭେଦୀ ପ୍ରାଣାୟାମକୁ ଚନ୍ଦ୍ରନାଡୀ ଦ୍ୱାରା କରାଯାଏ । ଏହି ଆସନ କରିବାକୁ ହେଲେ ପ୍ରଥମେ ସୁଖାସନ, ସିଦ୍ଧାସନ ବା ପଦ୍ମାସନରେ ବସନ୍ତୁ । ଅଣ୍ଟା, ବେକ, ମେରୁଦଣ୍ଡ, କାନ୍ଧକୁ ସିଧା ରଖନ୍ତୁ । ବାମ ହାତକୁ ବାମ ଆଣ୍ଠୁ ଉପରେ ରଖନ୍ତୁ । ଡାହାଣ ହାତର ବୁଢ଼ା ଅଙ୍ଗୁଳିରେ ଡାହାଣ ନାକପୁଡା ବନ୍ଦ କରନ୍ତୁ । ବାମପୁଡାରେ ପୂରକ କରନ୍ତୁ । କିଛି ସମୟ ରହି ସ୍ୱାଭାବିକ ହୁଅନ୍ତୁ । ଏହା ଚନ୍ଦ୍ରଭେଦୀ ପ୍ରାଣାୟମର ଏକ ଚକ୍ର । ଏହା ତିନିଚକ୍ରରୁ ଆରମ୍ଭ କରି ତିରିଶଚକ୍ର ଯାଏ କରାଯାଇ ପାରିବ । ଏହା କରିବା ଦ୍ୱାରା ଅମ୍ଳ ହାକୁଟି ବନ୍ଦ ହୁଏ । ପାଚନଶକ୍ତିକୁ ବଢ଼ାଇବା ସହ ଶରୀର ଓ ମସ୍ତିଷ୍କର ଶକ୍ତି ବହୁଗୁଣିତ କରେ ଏବଂ କ୍ଲାନ୍ତି ଦୂର କରେ । ❖❖❖





# ‘ରଥଯାତ୍ରା’ ବନାମ ‘ରଥ୍ୟାତ୍ରା’




**ବୈଜ୍ଞାନିକ ଇଂ. ପ୍ରମୋଦ କୁମାର ନନ୍ଦ**
(ଆଜୀବନ ସଦସ୍ୟ ଭାରତୀୟ ବିଜ୍ଞାନ କଂଗ୍ରେସ ଓ ବିଜ୍ଞାନ ଏକାଡେମୀ, ଓଡ଼ିଶା)


ଆଗକୁ ଆସୁଅଛି ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟ ତିଥିରେ ଯାହା ‘ଯାତ୍ରା ଭାଗବତ’ରେ ବହୁ ପୂର୍ବରୁ ଉଲ୍ଲେଖ ହୋଇଅଛି।

“ଆଷାଢ଼ସ୍ୟ ସିତେ ପକ୍ଷେ
ଦ୍ୱିତୀୟାୟାଂ ଶୁଭଦିନେ
ଶ୍ରୀଜଗନ୍ନାଥ ଦେବସ୍ୟ ଗୁଣ୍ଡିଚା ଭବତି ଧ୍ରୁବଂ।
ରଥସ୍ଥଂ ଚ ଜଗନ୍ନାଥଂ ପ୍ରୟାତଂ ଗୁଣ୍ଡିଚା ଗୃହଂ
ଯେ ପଶ୍ୟନ୍ତି ନରଶ୍ରେଷ୍ଠାସ୍ତେ
ଧନ୍ୟା ଭୁବନ ତ୍ରୟେ।”

ଏବଂ କୁହାଯାଇଛି ତ୍ରିଭୁବନ ଯଥା ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳରେ ସେହି ଲୋକମାନେ ଶ୍ରେଷ୍ଠ ବୋଲାନ୍ତି ଯେଉଁମାନେ ଶ୍ରୀଜଗନ୍ନାଥଙ୍କୁ ତଥା ପରମବ୍ରହ୍ମ ପରମ କର୍ତ୍ତାଙ୍କୁ ରଥ ଉପରେ କିମ୍ବା ଗୁଣ୍ଡିଚା ଗୃହେ ଅବଲୋକନ କରିଥାନ୍ତି। ଜଗନ୍ନାଥଙ୍କର ଏହି ରଥଯାତ୍ରା ବିଭିନ୍ନ ପୁରାଣ ଯଥା ସ୍କନ୍ଧପୁରାଣ, ନାରଦ ପୁରାଣ, ଗରୁଡ଼ ପୁରାଣ, ବ୍ରହ୍ମ ପୁରାଣ, ବାୟୁ ପୁରାଣ, ପଦ୍ମ ପୁରାଣ, ବିଷ୍ଣୁ ପୁରାଣ ତଥା ବାମଦେବ ସଂହିତା, ସୁତ ସଂହିତା ଆଦି ବିଭିନ୍ନ ସଂହିତା ଓ ଧର୍ମଶାସ୍ତ୍ରରେ ମଧ୍ୟ ବର୍ଣ୍ଣନା ହେବାର ପରିଲକ୍ଷିତ ହୋଇଥାଏ। ଦ୍ୱାଦଶ ଶତାବ୍ଦୀର କାନ୍ୟକୁବ୍ଜରେ ଜନ୍ମିତ ବିଖ୍ୟାତ ପ୍ରତିଷ୍ଠିତ କବି ଓ ଦାର୍ଶନିକ ଶ୍ରୀହର୍ଷ ମହାକାବ୍ୟରେ ଲେଖିଛନ୍ତି “ଦୋଳେ ଚ ଦୋଳଗୋବିନ୍ଦଂ ଚାପେ ଚ ମଧୁସୂଦନଂ, ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।” ଫଗୁଣ ମାସର ଦୋଳପୂର୍ଣ୍ଣମୀରେ ଗୋବିନ୍ଦ ଦର୍ଶନ, ବୈଶାଖ ମାସରେ ଚନ୍ଦନ ଯାତ୍ରାର ଚାପ ଖେଳରେ ମଧୁସୂଦନ ଏବଂ ଆଷାଢ଼ ମାସର ରଥଯାତ୍ରାରେ ବାମନଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୋଇନଥାଏ, ଅର୍ଥାତ୍ ମୋକ୍ଷ ବା ନିର୍ବାଣ ମିଳିଥାଏ। ତେବେ ଆସନ୍ତୁ ଏହାର ପ୍ରାସଙ୍ଗିକତା ଉପରେ ଆଲୋଚନା କରିବା, ଏ ‘ରଥଯାତ୍ରା’ ବା ‘ଘୋଷଯାତ୍ରା’ କ’ଣ ? ଏହି ଯାତ୍ରା ଆମକୁ କ’ଣ ଘୋଷଣା କରୁଛି ତାହା ବିଚାର ଯୋଗ୍ୟ ପୁରାଣ ତତ୍ତ୍ୱରୁ ହେଉ, ବା ଦର୍ଶନ ତତ୍ତ୍ୱରୁ ହେଉ ଅବା ବିଜ୍ଞାନ ତାତ୍ତ୍ୱିକ ଦୃଷ୍ଟିରୁ ହେଉ। ଏହି ରଥଯାତ୍ରା କେତେବେଳେ ନବଦିନର ଯାତ୍ରା ତ କେତେବେଳେ ୧୨୦ ଦିନର ଯାତ୍ରା ଅବା ୧୨୦ ବର୍ଷର ଯାତ୍ରା ଅବା ଦିନିକିଆ ଯାତ୍ରା

ଅବା କୋଟି କୋଟି ଆଲୋକବର୍ଷର ଯାତ୍ରା ତାହା ବିଭିନ୍ନ ଅବସ୍ଥାରେ ବିଭିନ୍ନ ଭୌତିକ ପରିସ୍ଥିତିରେ । ପ୍ରତିବର୍ଷ ଆମେ କହୁଛେ:-

"ଚାଲ ଦେଖିଯିବା ରଥଯାତକୁ ।
ପୁରୀ ବଡ଼ଦାଣ୍ଡ ଶଙ୍ଖ କ୍ଷେତ୍ରକୁ । ।୧ । ।
ନୀଳାଚଳବାସୀ କଳା ଠାକୁର ।
ବିଜେ ଭଉଣୀ ସହିତ ସୋଦର । ।୨ । ।
ରତ୍ନସିଂହାସନୁ ଜନ୍ମସ୍ଥାନକୁ ।
ଯିବେ ହରଷେ ଗୁଣ୍ଡିଚା ଘରକୁ । ।୩ । ।
ବାହୁଡ଼ିବେ ସେ ନବମ ଦିନରେ
କାହିଁ କେତେ ଭକତଙ୍କ ଗହଳେ । ।୪ । ।
ସୁଭଦ୍ରାପାଶେ ଚକ୍ର ସୁଦର୍ଶନ ।
ସୁରକ୍ଷା ଦେଉଥିବ ଘନଘନ । ।୫ । ।
ପହଣ୍ଡି ବିଜେ ଅଟଇ ସୁନ୍ଦର ।
ଛେରା ପହଁରା ଦେଖ ରାଜାଙ୍କର । ।୬ । ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ମାଲିକ
ଭକ୍ତ ପାଇଁ ସେ ପଥର ପଥିକ । ।୭ । ।
× × × × × × × × × × ×

ବଡ଼ଦାଣ୍ଡରେ ଦେଖିଛୁ ତିନି ରଥକୁ । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଖାଯାଏ । ସେବକମାନେ ଠାକୁରମାନଙ୍କୁ ପହଣ୍ଡି କରି ରତ୍ନସିଂହାସନରୁ ରଥ ଉପରକୁ ଆଣନ୍ତି । ପ୍ରଥମେ ଭଗବାନ ସୁଦର୍ଶନ ସୁଭଦ୍ରାଙ୍କ ରଥରେ ଅବସ୍ଥାନ କରନ୍ତି । ମନ୍ଦିରର ସାତୋଟି ପାହାଚ ସୁଦର୍ଶନ ପାରି ହେବା ପରେ ବଳଭଦ୍ରଙ୍କ ମୂର୍ତ୍ତିକୁ ରଥକୁ ଅଣାଯାଏ । ଏହିପରି ରୀତିର କ୍ରମାନ୍ୱୟରେ ସୁଭଦ୍ରା ଓ ଜଗନ୍ନାଥଙ୍କର ପହଣ୍ଡି ବିଜେ କରାଯାଏ । ଜୀଉମାନଙ୍କର ରଥ ଆରୋହଣ ପରେ ଠାକୁରଙ୍କର ପରମ ସେବକ ଉତ୍କଳର ଗଜପତି ରଥ ଉପରେ ଠାକୁରଙ୍କର ଚତୁଃ ପାର୍ଶ୍ୱ ସୁନା ଖଡ଼ିକାରେ ଓଳାଇ ଚନ୍ଦନ ପାଣି ଛିଞ୍ଚିଦିଅନ୍ତି ଯାହାକୁ ଆମେ ଛେରାପହଁରା କହୁ । ଛେରପହଁରା ପରେ ରଥଟଣା ଯାଏ ଶକ୍ତ ଓ ଲମ୍ବ ଦଉଡ଼ି ଦ୍ୱାରା । ପ୍ରଥମେ ବଳଭଦ୍ର ତା'ପରେ ସୁଭଦ୍ରା ଏବଂ ସବାଶେଷରେ ଜଗନ୍ନାଥଙ୍କ ରଥ ଟଣାଯାଏ ଅଗଣିତ ଭକ୍ତମାନଙ୍କ ଦ୍ୱାରା । ବଡ଼ଦାଣ୍ଡରେ ରଥରେ ନିଃସଙ୍ଖୁଡ଼ି ଭୋଗ କରାଯାଏ ଭକ୍ତମାନଙ୍କ ତରଫରୁ । ମାଉସୀ ମା' ବା ଅର୍ଦ୍ଧାଶନୀ ମନ୍ଦିର ନିକଟରେ ଜଗନ୍ନାଥଙ୍କ ରଥ କିଛି ସମୟ ଅଟକାଯାଇ ସେଠାରେ ପୋଡ଼ପିଠା ଭୋଗ କରାଯାଏ । ଏହାପରେ ବଳଗଣ୍ଡି ବା ଶରଧାବାଲି ନିକଟରେ ଜଗନ୍ନାଥଙ୍କ ରଥ ଅପେକ୍ଷା କରେ । ରାଜା ବଳି ଜଗନ୍ନାଥଙ୍କୁ ଦର୍ଶନ କରିବାର ପ୍ରଥା ରହିଅଛି । ରଥତ୍ରୟ ସନ୍ଧ୍ୟା ସୁଦ୍ଧା ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚେ । ରାତିଟି ତିନି ଠାକୁର ରଥରେ କଟାଇବା ପରେ ପରଦିନ ପହଣ୍ଡି ହୋଇ ଗୁଣ୍ଡିଚା ମନ୍ଦିରସ୍ଥ ରତ୍ନସିଂହାସନରେ ବିଜେ ହୁଅନ୍ତି । ସାତଦିନ ସେଠାରେ ପ୍ରଭୁ ପୂଜା ପାଆନ୍ତି । ନବମ ଦିନ ତିନିଠାକୁରଙ୍କୁ ରଥରେ ବସାଇ ସିଂହଦ୍ୱାର ନିକଟକୁ ଅଣାଯାଏ । ଏହା ବାହୁଡ଼ାଯାତ୍ରା ନାମରେ ବିଖ୍ୟାତ । ଏକାଦଶୀ ଦିନ ରଥରେ ତିନିଠାକୁରଙ୍କର ସୁନାବେଶ ହୁଏ । ତା' ପରଦିନ ରତ୍ନସିଂହାସନକୁ ଠାକୁରମାନଙ୍କୁ ଅଣାଯାଇ ପୂଜାର୍ଚ୍ଚନା କରାଯାଏ ।

ଏତଦ୍ ବ୍ୟତୀତ 'ରଥ' ଗୁଡ଼ିକୁ ବର୍ଣ୍ଣନା କରିବାକୁ ଗଲେ ବଳଭଦ୍ରଙ୍କର ରଥ ରଜୋଗୁଣ ସମ୍ପନ୍ନ, ଉଚ୍ଚତା ୨୨ ହାତ, ସାଢ଼େ ଚାରିହାତ ପରିଧି ବିଶିଷ୍ଟ, ଚଉଦଟି ଚକ ଏବଂ ଚାରୋଟି କଳା ଅଶ୍ୱ । ସୁଭଦ୍ରାଙ୍କ ରଥ ତାମସିକ ଗୁଣ ସମ୍ପନ୍ନ ଓ ଉଚ୍ଚତା ୨୧ ହାତ, ଚାରିହାତ ପରିଧିର ବାରୋଟି ଚକ ଏବଂ ଚାରୋଟି ଲାଲ ଅଶ୍ୱ ସଂଯୁକ୍ତ । ଜଗନ୍ନାଥଙ୍କ ରଥର ଉଚ୍ଚତା ୨୩ ହାତ, ପାଞ୍ଚ ହାତ ପରିଧିର ଷୋହଳଟି ଚକ ଓ ଧଳାବର୍ଣ୍ଣର ଚାରୋଟି ଘୋଡ଼ା ସଂଯୁକ୍ତ ଏବଂ ପ୍ରତ୍ୟେକ ରଥରେ ସାରଥି, ରକ୍ଷକ ଦ୍ୱାର ରକ୍ଷକ ଓ ପାର୍ଶ୍ୱ ଦେବତାମାନେ ଥାଆନ୍ତି, ଏହା ସତ୍ତ୍ୱଗୁଣ ଯୁକ୍ତ । ବର୍ତ୍ତମାନ ଆସନ୍ତୁ ଏହାର ତାତ୍ପର୍ଯ୍ୟତାକୁ ଆଲୋଚନାକୁ ନେବା । ଦେଖିବାକୁ ଗଲେ ରଥଟି ଚାଲିବା ପାଇଁ ବା ଗଡ଼ିବା ପାଇଁ ଚକର ଆବଶ୍ୟକ ପଡ଼ିଥାଏ । ତତ୍ସହିତ ଏହାକୁ ବଳ ଦେବା ପାଇଁ ଅଶ୍ୱବଳ କିମ୍ବା ଇଞ୍ଜିନର ଆବଶ୍ୟକ ପଡ଼ିଥାଏ ଏବଂ ଏହାକୁ ସଠିକ୍ ଦିଗରେ ଏବଂ ସଠିକ୍ ପଥରେ ଚଳାଇବା ପାଇଁ 'ସାରଥୀ'ର ଆବଶ୍ୟକ ପଡ଼ିଥାଏ । ମହାଭାରତ ଯୁଦ୍ଧରେ କୁରୁକ୍ଷେତ୍ରଠାରେ ଅର୍ଜୁନ ଯେଉଁ ଦିବ୍ୟ ରଥରେ ବସି ଯୁଦ୍ଧ କରୁଥିଲେ ସେହି ରଥର ନାମ ଥିଲା 'କପିଧ୍ୱଜ' ଏବଂ ସାରଥି ଥିଲେ ସ୍ୱୟଂ କୃଷ୍ଣ । ତେଣୁ ପ୍ରତ୍ୟେକ ରଥରେ 'ରଥି' ବିଦ୍ୟମାନ ଯେପରି ଆମର ଶରୀରରେ ଶରୀରର ଅବସ୍ଥାନ ଯାହାକୁ ଆମେ ଦେହୀ ବା 'ଆତ୍ମା' କହିଥାଉ ଏବଂ ଏହାର ସାରଥିକୁ 'ପରମାତ୍ମା' କହିଥାଉ । ଯେପରି କପିଧ୍ୱଜ ବା ନନ୍ଦିଘୋଷ ରଥରେ 'ରଥି' ଅର୍ଜୁନ ଏବଂ ଶ୍ରୀକୃଷ୍ଣ ସାରଥି ରୂପରେ ବିଦ୍ୟମାନ । ମୋଟ ଉପରେ କହିବାକୁ ଗଲେ ପରମାତ୍ମାଙ୍କ ଦ୍ୱାରା ଜୀବାତ୍ମା ଏବଂ ତତ୍ସଲଗ୍ନ ଶରୀର ଯନ୍ତଟି ଚଉରାଅଶୀ ଲକ୍ଷ ଯୋନି ଭ୍ରମଣ କରିଥାଏ । ତେଣୁ କହିବାକୁ ଗଲେ 'ରଥଯାତ୍ରା' ବା 'ଶରୀର ଯନ୍ତ୍ର'ର ଯାତ୍ରା ସହିତ 'ରଥି' ବା 'ଜୀବାତ୍ମା'ର ଯାତ୍ରା ପରିଲକ୍ଷିତ ହୋଇଥାଏ ଆମର ଜ୍ଞାତ ଓ ଅଜ୍ଞାତରେ । ଶରୀର ଆମର ଚଉରାଶୀ ଲକ୍ଷ ଯୋନିର ରୂପ ଧାରଣ କରିବା ସଙ୍ଗେ ସଙ୍ଗେ ଆତ୍ମା ମଧ୍ୟ ଚଉରାଶୀ ଲକ୍ଷ ଥର ଶରୀର ମଧ୍ୟରେ ଥାଇ ଭ୍ରମଣ କରିବାକୁ ବାଧ୍ୟ ହୋଇଥାଏ ଏବଂ ପରମେଶ୍ୱର ପରମାତ୍ମା ପରମବ୍ରହ୍ମ ମଧ୍ୟ ଅନନ୍ତ କୋଟି ବ୍ରହ୍ମାଣ୍ଡ ମଧ୍ୟରେ ଅନନ୍ତ କୋଟି ସଜୀବ ଏବଂ ନିର୍ଜୀବ ପଦାର୍ଥ ପାଇଁ ଅନନ୍ତକୋଟି ଥର ଜନ୍ମ ମୃତ୍ୟୁ ନିମନ୍ତେ ଯେଉଁ ଅବିରତ ଯାତ୍ରା ଚଳାଇଥାନ୍ତି ତାହାହିଁ ସଙ୍କେତ ଦେଇଥାଏ ପୁରୀ ବଡ଼ଦାଣ୍ଡର 'ରଥଯାତ୍ରା' ବା 'ରଥିଯାତ୍ରା'ଟି । ପ୍ରତିବର୍ଷକୁ ଥରେ ଉଜ୍ଜୀବିତ କରେ ଏହି ସତ୍ୟ ଶାଶ୍ୱତ ସନାତନ ଆଧାତ୍ମିକ ତଥା ବୈଜ୍ଞାନିକ ତାତ୍ତ୍ୱିକ ଚିନ୍ତାଧାରାକୁ । ପୁରୀ ବଡ଼ଦାଣ୍ଡରେ ଗଡୁଥିବା ତିନୋଟି ରଥ ସତ୍, ରଜ ଓ ତମ ବିଶିଷ୍ଟ ଗୁଣରେ ଧାରଣ କରିଥିବା ମୋଟ ବୟାଳିଶି ଚକର ଦୁଇଗୁଣ ଚଉରାଶୀ ଚକର ଚଉରାଶୀ ଲକ୍ଷ ଯୋନି ଭ୍ରମଣରେ ଯେ ପରମାତ୍ମାଙ୍କର ଆବଶ୍ୟକ ପଡ଼ିଥାଏ, ତାହା ସୂଚାଇ ଥାଏ, ଏହି ଭକ୍ତ ନରନାରୀ ମାନଙ୍କ ଦ୍ୱାରା ଅନନ୍ତ କାଳ ରୂପକ ଦଉଡ଼ି ବା ରଜ୍ଜୁକୁ ବ୍ୟବହାର କରି



ଯାହାକି ପରମାତ୍ମା ଦ୍ୱାରା ପରିଚାଳିତ ଏବଂ ଦିଗ ନିର୍ଦ୍ଦେଶିତ ହୋଇଥାଏ ପ୍ରତି କ୍ଷଣ ମୁହୂର୍ତ୍ତ ମଧ୍ୟରେ । ଯାହା ସ୍ଥାନ ଏବଂ ସମୟର ଯଥାକ୍ରମେ ନିରୂପିତ ବା ନିର୍ଦ୍ଧାରିତ ଏବଂ ଗଣନା ସମ୍ବଳିତ ହେବାକୁ ବାଧ୍ୟ ହୋଇଥାଏ ଏବଂ ୩ଟି ରଥର ଘୋଡ଼ା ସଂଖ୍ୟା ମିଶି ୧୨ଟି ହୋଇଥିବାରୁ ଏହା କ୍ରାନ୍ତି ବଳୟକୁ ୧୨ଟି ସମାନ ଅଂଶରେ ବିଭକ୍ତ କରେ ବୋଲି ଧରାଯାଇଅଛି । ମହାକାଶରେ ନକ୍ଷତ୍ରପୁଞ୍ଜର ପୃଷ୍ଠଭୂମିରେ ସୂର୍ଯ୍ୟର କାଳ୍ପନିକ ଗତିପଥକୁ କ୍ରାନ୍ତି ବଳୟ କୁହାଯାଏ । କ୍ରାନ୍ତିବଳୟ ମହାକାଶରେ ଏକ କାଳ୍ପନିକ ବା ଅବାସ୍ତବ ବୃତ୍ତାକାର ପଥ । ସୂର୍ଯ୍ୟକୁ ଏହି କାଳ୍ପନିକ ପଥରେ ଥରେ ପୃଥିବୀର ଚାରିପଟେ ବୁଲି ଆସିବାକୁ ଏକ ବର୍ଷ ବା ୩୬୫ ଦିନ ଲାଗେ, ଏହା ସୂର୍ଯ୍ୟର ଅବାସ୍ତବ ଗତି ପୃଥିବୀର ବାର୍ଷିକ ଗତି ଯୋଗୁଁ ଆମେ ସୂର୍ଯ୍ୟକୁ ମହାକାଶର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ପାଉଁ ଅର୍ଥାତ୍ ସୂର୍ଯ୍ୟ ବିଭିନ୍ନ ସମୟରେ ବିଭିନ୍ନ ନକ୍ଷତ୍ର ମଣ୍ଡଳରେ ରହିଥିବାର ଦେଖାଯାଏ । ମହାକାଶ ମଣ୍ଡଳରେ ବଳୟ ଗଠନ କରୁଥିବା ଏହି ସମୁଦାୟ ନକ୍ଷତ୍ର ପୁଞ୍ଜ ଗୋଟିଏ, 'ରାଶି' ନାମରେ ପରିଚିତ । ଏହି କ୍ରାନ୍ତି ବଳୟକୁ ସମାନ ଅଂଶରେ ବିଭକ୍ତ କରାଯାଇ ଏହାର ପ୍ରତ୍ୟେକ ଅଂଶକୁ ୩୦ ଡିଗ୍ରୀ ଧରାଯାଇଅଛି । ଏହି ପ୍ରତ୍ୟେକ ଅଂଶକୁ ଗୋଟିଏ ରାଶିର ଅନ୍ତର୍ଭୁକ୍ତ ବୋଲି କଳ୍ପନା କରାଯାଇଅଛି । ଯାହାର କ୍ରମ ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଓ ମୀନ ରୂପେ ପରିଚିତ । କ୍ରାନ୍ତିବଳୟର ଓସାର ୧୬ଡିଗ୍ରୀ ଅର୍ଥାତ୍ କ୍ରାନ୍ତିବଳୟକୁ ଉଭୟ ପାର୍ଶ୍ୱରେ ୮ ଡିଗ୍ରୀ ଓସାରିଆ କରାଯାଇଛି ।

ସେହିପରି ଚନ୍ଦ୍ର ପୃଥିବୀକୁ ୨୯.୫ ଦିନରେ ଥରେ ପ୍ରଦକ୍ଷିଣ କରେ, ଏହାକୁ 'ଚାନ୍ଦ୍ର ମାସ' କହନ୍ତି । ଏପରି ୧୨ଟି ଚାନ୍ଦ୍ର ମାସ ନେଇ ଗୋଟିଏ ଚାନ୍ଦ୍ର ବର୍ଷ ହୁଏ, ଚନ୍ଦ୍ରର ପରିକ୍ରମଣ କ୍ଷେତ୍ର ମଧ୍ୟ ଏକ ରାଶିଚକ୍ରର ଅନ୍ତର୍ଭୁକ୍ତ । ୨୯.୫ ଦିନରେ ଏହି ରାଶିଚକ୍ର ମଧ୍ୟ ଦେଇ ଚନ୍ଦ୍ର ଥରେ ଘୂରି ଆସେ । ସୁତରାଂ ମହାକାଶ ମାର୍ଗରେ ଏହାର ଅବସ୍ଥିତି ସୂର୍ଯ୍ୟ ଭଳି ୧୨ଟି ରାଶି ଦ୍ୱାରା ସ୍ଥିର ହୁଏନାହିଁ, ପରନ୍ତୁ ସେହି ସବୁରାଶିର ଅନ୍ତର୍ଗତ ୨୭ଟି ନକ୍ଷତ୍ର ଦ୍ୱାରା ଏହାର ଅବସ୍ଥିତି ନିରୂପିତ ହୁଏ । ତେଣୁ ପ୍ରତି ତିଥିରେ ବା ପ୍ରତି ଦିନରେ ଚନ୍ଦ୍ର ଗୋଟିଏ ନକ୍ଷତ୍ର ନିକଟରେ ଅବସ୍ଥାନ କରେ । ଏହା ହେଉଛି ମହାକାଶ ପିଣ୍ଡ ରୂପକ 'ରଥଯାତ୍ରା' ବା 'ରଥିଯାତ୍ରା'



ଯାହାର 'ମାଧ୍ୟାକର୍ଷଣ' ରୂପକ 'ପରମାତ୍ମା' ବିଶ୍ୱ ବ୍ରହ୍ମାଣ୍ଡର ସଂଚାଳକ ବୋଲାଇଥାନ୍ତି ।

ପୁଣି ଆସନ୍ତୁ ଆମେ ଫେରିଯିବା ମୂଳ ପ୍ରସଙ୍ଗକୁ ଶଙ୍ଖକ୍ଷେତ୍ର ପୁରୁଷୋତ୍ତମ ଧାମ ପୁରୀ 'ରଥଯାତ୍ରା' ବା 'ରଥିଯାତ୍ରା'କୁ ଏଠାରେ 'ପୁରୀ' ବା 'ପୁର' ଯାହାର ଅନ୍ୟ ଅର୍ଥ କୋଷ କୁହାଯାଇଥାଏ, ଜୀବବିଜ୍ଞାନ ଅନୁଯାୟୀ ସବୁ ଜୀବ, ଅଣୁଜୀବ, ଉଦ୍ଭିଦ, କବକ ଇତ୍ୟାଦିଙ୍କ ତନ୍ତୁ ତିଆରି ନିମନ୍ତେ ଆବଶ୍ୟକ ପଡୁଥିବା ମୌଳିକ ଏକକ ହେଉଛି 'କୋଷ' ବା 'ଜୀବକୋଷ', ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ସପ୍ତଦଶ ଶତାବ୍ଦୀର ଇଂରେଜ ବୈଜ୍ଞାନିକ ରବର୍ଟ ହୁକ୍(୧୬୩୫-୧୭୦୩) ଗୋଟିଏ ଗଛର ଛେଲିକୁ ପରୀକ୍ଷା କରି କହିଲେ ଯେ, ଗଛର ଦେହ ଛୋଟ ଛୋଟ ସେଲ ବା 'କଠୋରୀ' ଦ୍ୱାରା ଗଠିତ । ସେ ଏହାର ନାମ ଦେଲେ 'କୋଷ' ବା 'ଜୀବକୋଷ' ବୋଲି ଅର୍ଥାତ୍ ଏହାର ଜୀବନ ଅଛି । ପୃଥିବୀରେ ଆମିବା ପରି ଏକକୋଷୀ ପ୍ରାଣୀ ଠାରୁ ହାତୀ ଭଳିଆ ବହୁକୋଷୀ ବୃହତ୍ତମ ପ୍ରାଣୀମାନେ ଅଛନ୍ତି । ଏହି କୋଷ ମାନଙ୍କ ଦ୍ୱାରା ସମସ୍ତ ପ୍ରାଣୀ ଏବଂ ଉଦ୍ଭିଦମାନଙ୍କର ଶରୀର ବୃଦ୍ଧି, ବଂଶ ବୃଦ୍ଧି ଇତ୍ୟାଦି ହୋଇଥାଏ । ପ୍ରାଣୀମାନଙ୍କ ଦେହରେ ଅହରହ କୋଷର ବିଭାଜନ ଘଟୁଛି, କେତେକ ନଷ୍ଟ ହୋଇଯାଇ ନୂଆ କୋଷର ସୃଷ୍ଟି ହେଉଛି । ପ୍ରତ୍ୟେକ ଶରୀର କୋଷର କେନ୍ଦ୍ରରେ ରହିଛି ଏହାର 'ନିଉକ୍ଲିଅସ' ବା 'ନ୍ୟଷ୍ଟି' ବା 'ନାଭି' । ଏହି ନ୍ୟଷ୍ଟି କେନ୍ଦ୍ରକୁ ଘେରି କରି ରହିଥିବା ବହୁ ସଂଖ୍ୟକ କ୍ଷୁଦ୍ର କ୍ଷୁଦ୍ର ଅଂଶ ମିଳିତଭାବେ ମିଳିମିଶି କାମ କରି କୋଷଟିକୁ ନିର୍ଦ୍ଦିଷ୍ଟ ଢଙ୍ଗରେ ଓ ନିର୍ଦ୍ଦିଷ୍ଟ ନିୟମରେ ଜୀବନ୍ତ ରଖି, କାର୍ଯ୍ୟକ୍ଷମ କରିପାରୁଛନ୍ତି । ମଣିଷର ପ୍ରତ୍ୟେକଟି କୋଷ ଭିତରେ ସୂତା ଭଳି ଯେଉଁ ୨୩ ଯୋଡ଼ା 'ଗୁଣସୂତ୍ର' ବା 'କ୍ରୋମୋଜୋମ ସେ ସବୁ ହେଉଛି ଜିନ୍‌ର ଘର । ନ୍ୟଷ୍ଟି, କୋଷଝିଲ୍ଲୀ, ମାଇଟ୍ରୋକଣ୍ଡ୍ରିଆ, ସାଇଟୋ ପ୍ଲାଜମ ହେଉଛି ରଥଯାତ୍ରାରେ ବ୍ୟବହୃତ ହେଉଥିବା ରଥର ଚକ, ରଥରେ ଯୋଚା ହୋଇଥିବା ଘୋଡ଼ା ବା ଇଞ୍ଜିନ ଏବଂ ରଥର ସୁରକ୍ଷା ପ୍ରଦାନ କରୁଥିବା ପାର୍ଶ୍ୱଦେବତା, ରକ୍ଷକ ଓ ଦ୍ୱାରପାଳ, ଏବଂ ବାହାରର ଆବରଣ ହେଉଛି ବାହ୍ୟବଳରୁ ରକ୍ଷା କରିପାରୁଥିବା ସୁଦର୍ଶନ ଚକ୍ର ଏବଂ ରଥର 'ରଥି' ହେଉଛି କୋଷର 'ନ୍ୟୁକ୍ଲୀୟସ' ବା 'ନାଭିକେନ୍ଦ୍ର' । ସୁନ୍ଦରୀର ଅଙ୍ଗ ଶୋଭା ତାଙ୍କ ଦେହର କୋଷ ଗୁଡ଼ିକ ବୟସ୍କ ହୋଇଗଲେ ଅସୁନ୍ଦର ଦେଖାଯାଏ । ଶହ ଶହ କୋଟି ବୟସ୍କ କୋଷ ବାର୍ଦ୍ଧକ୍ୟ ଆଡ଼କୁ ଗତିକରେ । ଆମ ଶରୀର ରକ୍ତ ଶ୍ୱେତ କୋଷର ଆୟୁଷ ୧୩ରୁ ୨୦ ଦିନ ଥିଲା ବେଳେ କେତେକ ଚର୍ମ କୋଷ ୧୪ରୁ ୨୮ ଦିନ ପର୍ଯ୍ୟନ୍ତ ବଞ୍ଚିଥାଆନ୍ତି ଏବଂ ମସ୍ତିଷ୍କର ସ୍ନାୟୁ କୋଷ ଏବଂ ହୃତ୍‌ପିଣ୍ଡର ପେଶୀ କୋଷ ସାରା ଜୀବନ ପାଇଁ ବଞ୍ଚିଥାଆନ୍ତି । ଅର୍ଥାତ୍ ପରୋକ୍ଷରେ କହିବାକୁ ଗଲେ ଆମ ଶରୀର ରକ୍ତର ଶ୍ୱେତ କୋଷର 'ଜୀବନଯାତ୍ରା' ବା 'ରଥଯାତ୍ରା' ବା 'ରଥିଯାତ୍ରା' ୧୩ରୁ ୨୦ ଦିନ ଭିତରେ ପରି ସମାପ୍ତି ହୁଏ । ସେହିପରି ଚର୍ମକୋଷର 'ରଥଯାତ୍ରା' ବା 'ରଥିଯାତ୍ରା' ୧୪ରୁ ୨୮ ଦିନ ମଧ୍ୟରେ ପରିସମାପ୍ତି ହୁଏ । ମରଣ ପରେ ପୁନଶ୍ଚ ଜନ୍ମ ହେବାର ରଥଯାତ୍ରା ଆରମ୍ଭ ହୁଏ । ସେହିପରି ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡରେ ଗୋଟିଏ ତାରକାର ଜନ୍ମ ହୋଇ ମୃତ୍ୟୁମୁଖରେ ପଡ଼ିବା ଅର୍ଥାତ୍ ନକ୍ଷତ୍ରର ଅନ୍ୟ ରୂପରେ ରୂପାନ୍ତର ହେବା ପାଇଁ କାହିଁ କେତେ କୋଟି ଆଲୋକ ବର୍ଷ ବିତିଯାଏ ଯାହାର 'ରଥଯାତ୍ରା' ନବାତ୍ମକ ନ ହୋଇ କୋଟି କୋଟି ଆଲୋକବର୍ଷ କହିପାରିବା । ତେଣୁ ସର୍ବମୋଟ ଉପରେ କହିବାକୁ ଗଲେ ପୁରୀର ବିଶ୍ୱ ପ୍ରସିଦ୍ଧ 'ରଥଯାତ୍ରା' ବା 'ରଥିଯାତ୍ରା' କେବଳ ଭଗବାନଙ୍କର ପ୍ରବେଶ ପ୍ରସ୍ଥାନକୁ ବୁଝାଇ ନଥାଏ । ତାହା ଛୋଟିଆ ଜୀବକୋଷରୁ ସାରା ବ୍ରହ୍ମାଣ୍ଡ କୋଷ ପର୍ଯ୍ୟନ୍ତ ଅହରହ ମହାଜାଗତିକ ଯାତ୍ରାକୁ ଗୋଚରା ଗୋଚରରେ ପ୍ରତିପାଦନ କରିଥାଏ । ❖❖❖

**ବିଶ୍ୱ ସରକାର, ବିଶ୍ୱ କଲ୍ୟାଣ, ପ୍ରତିରକ୍ଷା ଓ ବିଚାର ବିଭାଗ, ନନ୍ଦାନୁସନ୍ଧାନ ପ୍ରୟୋଗଶାଳା, ବଡ଼ପାରୀ, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୨୩, ଦୂରଭାଷ-୮୪୯୭୮୨୩୬୬୪**

# ଘରେ ସୁଖ, ସମୃଦ୍ଧି ଆଣେ ଫେଙ୍ଗସୁଇ କଏନ



ଜୀବନରେ ସୁଖ, ସମୃଦ୍ଧି ପାଇଁ ଫେଙ୍ଗସୁଇର ଉପାୟ ବେଶ୍ ଲାଭଦାୟକ । ଫେଙ୍ଗସୁଇ ଏକନ୍ ହେଉଛି ଧନର ପ୍ରତୀକ । ତେଣୁ ତାହାକୁ ଘରେ ରଖିବା ଦ୍ୱାରା ଆର୍ଥିକ ସଙ୍କଟ ଦୂର ହୋଇଥାଏ । ଏହାସହିତ ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ଘରେ ଫେଙ୍ଗସୁଇ କଏନ ରଖିପାରିବେ । ଫେଙ୍ଗସୁଇ ଅନୁସାରେ ଲାଲ୍ ଫିତାରେ ବନ୍ଧା ଯାଇଥିବା କଏନ୍‌କୁ ଘରର ପ୍ରବେଶ ଦ୍ୱାରରେ ରଖିବା ଉତ୍ତମ ହୋଇଥାଏ ।

- ଫେଙ୍ଗସୁଇ କଏନ୍ ଘରେ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ତିନୋଟି କଏନ୍‌କୁ ନିଜ ପାଖରେ ରଖିଲେ, ସବୁ ସମସ୍ୟା ଦୂର ହୋଇଥାଏ । ନକାରାତ୍ମକ ଶକ୍ତି ଦୂର ହେବା ସହିତ ପରିବେଶ ଶୁଦ୍ଧ ହୋଇଥାଏ ।
- ଘରର ମୁଖ୍ୟ ଦ୍ୱାର ଉପରେ କଏନ ଝୁଲାଇବା ଦ୍ୱାରା ଅତ୍ୟନ୍ତ ଶୁଭ ଫଳ ମିଳିଥାଏ । ଘରେ ଖରାପ ଶକ୍ତିର ପ୍ରବେଶ ହୋଇପାରେ ନାହିଁ ଏବଂ ଦାରିଦ୍ର୍ୟତା ଦୂର ହୋଇଥାଏ ।
- କଏନ ରଖିବା ସମୟରେ ଧ୍ୟାନ ଦିଅନ୍ତୁ, ଯେଉଁ ଅଂଶରେ ୪ଟି ଲିପି ଲେଖାଯାଇଥିବ, ତାହାକୁ ଉପର ଭାଗରେ ରଖିବା ଉଚିତ୍ । ଏହାକୁ ସକରାତ୍ମକ ଶକ୍ତିଜନିତ ଅଂଶ ବୋଲି କୁହାଯାଏ । ଅନ୍ୟପଟରେ ୨ଟି ଲିପିର ଛବି ରହିଥାଏ । ଏହାକୁ ତଳକୁ ରଖନ୍ତୁ । ଏହାକୁ ନକାରାତ୍ମକ ଶକ୍ତିଯୁକ୍ତ ଅଂଶ ବୋଲି କୁହାଯାଏ ।



- ବହୁତ ଚେଷ୍ଟା କରିବା ପରେ ମଧ୍ୟ ଯଦି ଧାର କରଜ ଶୁଝି ହେଉନାହିଁ, ତେବେ ଲାଲରିବନରେ ବନ୍ଧା ଯାଇଥିବା କଏନକୁ ଆଣି ଘରେ ଝୁଲାଇ ଦିଅନ୍ତୁ । ଏହାଦ୍ୱାରା କରଜ ସମସ୍ୟା ଶୀଘ୍ର ଦୂର ହୋଇଯିବ ।
- କୌଣସି କାମ ବିଗିଡ଼ି ଯାଉଥିଲେ, ଫେଙ୍ଗସୁଇର ଛୋଟ କଏନକୁ ପର୍ସ ଭିତରେ ରଖନ୍ତୁ । ❖❖❖

# ରାତିରେ ଠାକୁର ଘର ଝାଡୁ କରନ୍ତୁ ନାହିଁ

ଘରକୁ ପରିଷ୍କାର ଓ ପରିଚ୍ଛନ୍ନତା ରଖିବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଯେଉଁ ଘର ପରିଷ୍କାର ଓ ପରିଚ୍ଛନ୍ନ ରହିଥାଏ ସେଠାରେ ମା' ଲକ୍ଷ୍ମୀ ବାସ କରନ୍ତି । ତେଣୁ ଘରେ ଥିବା ପୂଜା ଘରକୁ ପ୍ରତ୍ୟେକ ଦିନ ସଫାସୁତରା ରଖିବା ଉଚିତ୍ । ହେଲେ ଏଥିପାଇଁ କିଛି ନିର୍ଦ୍ଦିଷ୍ଟ ନୀତିନିୟମ ଅଛି ।



- ରାତିରେ କେବେ ହେଲେ ଠାକୁର ଘର କିମ୍ବା ପୂଜାସ୍ଥଳକୁ ସଫା କରନ୍ତୁ ନାହିଁ । କାରଣ ଏହାଦ୍ୱାରା ମା' ଲକ୍ଷ୍ମୀ ଘର ଛାଡ଼ି ଚାଲିଯାଆନ୍ତି ଏବଂ ଅର୍ଥାଭାବ ଦେଖାଯାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରାତି ସମୟରେ ପୂଜାସ୍ଥଳ ସଫା କରିବା ଦ୍ୱାରା ଦେବାଦେବୀଙ୍କ ନିଦ୍ରାରେ ବ୍ୟାଘାତ ଘଟେ ଏବଂ ଅପମାନ ସଦୃଶ ହୋଇଥାଏ । ତେଣୁ ସୁଖସମୃଦ୍ଧି ଓ ବୈଭବ ହ୍ରାସ ହୋଇଥାଏ ।
- ରାତିରେ ଶରୀର ଓ ମନ ଉଭୟ ଅଶୁଦ୍ଧ ହୋଇଥାଏ । ତେଣୁ ରାତିରେ ପୂଜା ଘରକୁ ସଫା କରନ୍ତୁ ନାହିଁ । ଅନେକଥର ସଫାସୁତରା ପୋଷାକ ନ ପିନ୍ଧି ଆମେ ପୂଜାଘର ଓ ପୂଜାସ୍ଥଳ ସଫା କରିଥାନ୍ତି । ଏହାଦ୍ୱାରା ଘରେ ଅଶାନ୍ତି ଓ ନକରାତ୍ମକ ଶକ୍ତି ସୃଷ୍ଟି ହୁଏ । ତେଣୁ ସବୁବେଳେ ସ୍ନାନ ସାରିବା ପରେ ସଫା ବସ୍ତ୍ର ପିନ୍ଧି ପୂଜାଘର ବା ପୂଜାସ୍ଥଳକୁ ସଫା କରିବା ଉଚିତ୍ ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ ପୂଜାସ୍ଥଳରେ ଦୀପ ପ୍ରଜ୍ୱଳନ ପରେ ବା ସନ୍ଧ୍ୟା ଆରତି ପରେ ପୂଜାସ୍ଥଳକୁ ସଫା କରନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ଘରେ ସୁଖସମୃଦ୍ଧିର ନାଶ ହେବା ସହ ଅନେକ ବାଧାବିଘ୍ନ ସୃଷ୍ଟି ହୁଏ । ❖❖❖

# କର୍ମବୀର ଗୌରୀ ଶଙ୍କର ରାୟ



ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଓ ବିଂଶ ଶତାବ୍ଦୀର ପ୍ରଥମ ପାଦ ଯାଏ ଓଡିଶାର ଜାତୀୟ ଜୀବନର ନେତୃତ୍ୱ ନେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଗୌରୀଶଙ୍କର ରାୟ ହେଉଛନ୍ତି ଅଗ୍ରଗଣ୍ୟ । ୧୮୩୮ ମସିହା ଜୁଲାଇ ମାସ ୧୩ ତାରିଖରେ କଟକ ଜିଲ୍ଲାର ଅସୁରେଶ୍ୱର ପ୍ରଗଣା ଅନ୍ତର୍ଗତ ଦୀକ୍ଷିତ ପଡାର ପ୍ରତିଷ୍ଠିତ ରାୟ ବଂଶରେ ଗୌରୀଶଙ୍କର ରାୟ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ସଦାଶିବ ପ୍ରସାଦ ରାୟ କଟକ ଦେୱାନ ଅଦାଲତରେ ମୋହରି ଭାବରେ କାର୍ଯ୍ୟ କରୁଥିଲେ । ଗ୍ରାମ୍ୟ ଚାଟଶାଳୀରୁ ପ୍ରାଥମିକ ଶିକ୍ଷା ଶେଷ କରିବାପରେ ୧୯୪୮-୫୮ ମସିହା ପର୍ଯ୍ୟନ୍ତ କଟକରେ ଇଂରାଜୀ ସ୍କୁଲରୁ ଶିକ୍ଷାଲାଭ କରିଥିଲେ । ମାଟ୍ରିକ୍ ପରେ ଗୌରୀଶଙ୍କରଙ୍କ ଉଚ୍ଚଶିକ୍ଷା ପାଇଁ ପ୍ରବଳ ଆଗ୍ରହ ଥିବାରୁ ସେ ୧୯୫୬ ମସିହାରେ ହୁଗୁଳି ଅଭିମୁଖେ ଯାତ୍ରା କରିଥିଲେ । କଲିକତାରେ ପ୍ରଥମ ବର୍ଷ ଶିକ୍ଷା ଶେଷ କରିବାପରେ ବ୍ୟକ୍ତିଗତ କାରଣ ଯୋଗୁଁ ସେ ଓଡିଶା ଫେରି ଆସିଥିଲେ ଓ ଶିକ୍ଷକତାରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ । ଶିକ୍ଷକ ଜୀବନ ଭଲ ଲାଗିନଥିବାରୁ କିଛି ବର୍ଷ ପରେ ମନି ଅର୍ଡର ଏଜେଣ୍ଟ ଭାବେ କାର୍ଯ୍ୟ କରିଥିଲେ । ଏହାପରେ ୧୮୭୨ ମସିହାରେ କଟକ ଅଦାଲତରେ ଟ୍ରାନ୍ସଲେଟର ପଦରେ ନିଯୁକ୍ତ ହୋଇ ମାସିକ ୧୦୦ ଟଙ୍କା ବେତନ ପାଇଥିଲେ । ପିଲାଟି ଦିନରୁ ସାହିତ୍ୟ ପ୍ରତି ଆଗ୍ରହ ଥିବାରୁ ବହୁ ବିତ୍ତଶାଳୀ ବ୍ୟକ୍ତିଙ୍କ ସହ ମିଶି ୧୮୬୦ ମସିହାରେ କଟକରେ ଏକ ପ୍ରିଣ୍ଟିଂ କମ୍ପାନୀ ଆରମ୍ଭ କରିଥିଲେ ଓ ତା ସାଙ୍ଗକୁ ପୁରାଣ ପ୍ରକାଶିକା କମ୍ପାନୀ ମଧ୍ୟ ପ୍ରତିଷ୍ଠା କରିଥିଲେ । ଏହି ଦୁଇଟି ଯାକ କମ୍ପାନୀର ସମ୍ପାଦକ ଓ ପରିଚାଳକ ଥିଲେ ନିଜେ ଗୌରୀଶଙ୍କର ରାୟ । ଏହି ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା ହେବାର ପ୍ରାୟ ବର୍ଷେ ପରେ ୧୮୬୫ ମସିହା ଅଗଷ୍ଟ ମାସରେ ଉତ୍କଳ ଦୀପିକା ନାମକ ଏକ ପତ୍ରିକାର ଶୁଭାରମ୍ଭ ହୋଇ ୧୮୬୬ ମସିହା ଜାନୁୟାରୀ ୧ ତାରିଖରେ ପ୍ରକାଶିତ ହୋଇଥିଲା । ତା'ଛଡା ଗୌରୀଶଙ୍କର 'ଭାଷୋଦୀପନୀ' ସଭାରେ ମଧ୍ୟ ସମ୍ପାଦକ ଥିଲେ । ତାଙ୍କୁ ଆଧୁନିକ ଗଦ୍ୟଭାଷାର ପ୍ରବର୍ତ୍ତକ ବୋଲି କୁହାଯାଇଥାଏ ।❖❖❖

# ଅଗ୍ନିସ୍ନାତା ମାଳତୀ ଚୌଧୁରୀ

ଭାରତର ସ୍ୱାଧୀନତା ଆନ୍ଦୋଳନଠାରୁ ଆରମ୍ଭ କରି ନାଗରିକ ସ୍ୱାଧିନତା ଆନ୍ଦୋଳନ ପର୍ଯ୍ୟନ୍ତ ଯେତେ ପ୍ରଗତିଶୀଳ ଆନ୍ଦୋଳନ ହୋଇଛି ସବୁଥିରେ ମାଳତୀ ଚୌଧୁରୀ ଅଂଶଗ୍ରହଣ କରିଥିଲେ ଏବଂ ଅନେକ ଆନ୍ଦୋଳନର ସେ ମାର୍ଗଦର୍ଶିକା ଥିଲେ । ସେ ସମାଜବାଦ ଆନ୍ଦୋଳନ, ଚାଷୀ ଆନ୍ଦୋଳନ,ପ୍ରଜାମଣ୍ଡଳ ଆନ୍ଦୋଳନ, ସ୍ୱାଧିକାର ସୁରକ୍ଷା ଆନ୍ଦୋଳନ, ସର୍ବୋଦୟ ଆନ୍ଦୋଳନର ଜଣେ ଅଗ୍ରଣୀ ସୈନିକ ଥିଲେ । ମାଳତୀ ଦେବୀ ୧୯୦୪ ମସିହା ଜୁଲାଇ ମାସ ୨୬ ତାରିଖରେ ବିହାରପ୍ରଦେଶର ପାଟନାଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା କୁମୁଦନାଥ ସେନ୍ ଜଣେ ଖ୍ୟାତନାମା ବାରିଷ୍ଟର ଥିଲେ ଓ ମାତା ସ୍ନେହଲତା ଗୁପ୍ତା ଜଣେ ଶିକ୍ଷୟିତ୍ରୀ ଥିଲେ । ୧୯୨୦ ମସିହାରେ ମାଟ୍ରିକ୍ ପାସ୍ କରିବା ପରେ ମାଳତୀ ଦେବୀ ଶାନ୍ତିନିକେତନରୁ ଉଚ୍ଚଶିକ୍ଷା ଲାଭ କରିଥିଲେ । ୧୯୨୭ ମସିହାରେ ସେ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କରିଥିଲେ । ୧୯୩୦ ମସିହାରେ ମାଳତୀ ଦେବୀ ରମାଦେବୀଙ୍କୁ ନେଇ ଲବଣ ସତ୍ୟାଗ୍ରହରେ ବାହାରିଥିଲେ । ତା'ପରେ ୧୯୩୨ ମସିହାରେ ଗାନ୍ଧିଜୀଙ୍କ ସହ ମିଶି ଗାଁ ଗାଁ ସାହି ସାହି ବୁଲି ଅସ୍ପୃଶ୍ୟତା ବିରୋଧରେ ଲୋକଙ୍କୁ ବୁଝାଇଥିଲେ । ସେହିପରି ପରବର୍ତ୍ତୀ ସମୟରେ କୃଷକ ସଂଗଠନ, ଢେଙ୍କାନାଳର ପ୍ରଜାମଣ୍ଡଳ ଆନ୍ଦୋଳନ, ୧୯୪୨ ଭାରତଛାଡ଼ ଆନ୍ଦୋଳନ, ନିଳଗିରୀ ଆନ୍ଦୋଳନରେ ଯୋଗ ଦେଇଥିଲେ । ମାଳତୀ ଦେବୀ, ନବକୃଷ୍ଣ ଚୌଧୁରୀ ଓ ସାରଙ୍ଗଧରଙ୍କ ସହିତ ମିଶି ଅନୁଗୁଳରେ ଗିରିଜାଭୁଷଣଙ୍କ ଜମିରେ ଏକ ଆବାସିକ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ତା'ର ନା ବାଜି ରାଉତ୍ ଛାତ୍ରାବାସ ରଖିଥିଲେ । ଯାହା ମାଳତୀ ଦେବୀଙ୍କ ତତ୍ତ୍ୱାବଧାନରେ ରହିଥିଲା ତା'ପରେ ମାଳତୀ ଦେବୀ ଓ ନବ ବାବୁଙ୍କ ତତ୍ତ୍ୱାବଧାନରେ ଅନୁଗୁଳର ଚମ୍ପତିମୁଣ୍ଡାରେ ଗଢାହେଲା ଉତ୍ତର ମୌଳିକ ବିଦ୍ୟାଳୟ 'ଜୀବନ ବିଦ୍ୟାଳୟ' । ୧୯୪୬ ମସିହାରେ ମାଳତୀ ଦେବୀ ପୂର୍ବବଙ୍ଗର ନୂଆଖାଲି ଗସ୍ତ କରୁଥିବା ସମୟରେ ଓଡିଶା ବିଧାନସଭା ତାଙ୍କୁ ଭାରତୀୟ ସମ୍ବିଧାନ ସଭାର ସଦସ୍ୟା ଭାବେ ନିର୍ବାଚିତ କରିଥିଲେ । ତାଙ୍କ ଦ୍ୱାରା ନିଶା ନିବାରଣ, ଭୂଦାନ ପରି ଜନହିତକର କାର୍ଯ୍ୟ ହୋଇଥିଲା । ତାଙ୍କ ଜୀବନ କାଳ ମଧ୍ୟରେ ସେ ଅନେକ ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିଲେ । ସେ ଭାରତୀୟ ଆଦିମ ଜାତି ସଂଘର ଆଜୀବନ ସଭ୍ୟା ଥିଲେ । ❖❖❖



सମସ୍ତେ ନିଜକୁ ସୁନ୍ଦର କରିବାକୁ ଚାହାନ୍ତି । ସୁନ୍ଦର ତ୍ୱଚା ଲାଗି ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ବେଶ ଯତ୍ନଶୀଳ । ନାରୀମାନେ ନିଜର ତ୍ୱଚାକୁ ସୁନ୍ଦର କରିବା ଲାଗି ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରିଥାନ୍ତି । ଏଥିପାଇଁ ବହୁ ପ୍ରକାର କସମେଟିକ ସହ ବହୁ କିଛି ବ୍ୟବହାର କରିଥାନ୍ତି । ଯଦ୍ୱାରା ପାର୍ଶ୍ୱପ୍ରତିକ୍ରିୟା ରହିଥାଏ ଯାହାକି ଗୋରା ହେବା ଉପାୟରେ ଖରାପ ପ୍ରଭାବ ପକାଇଥାଏ । ଏଥିପାଇଁ କେତେକ ଘରୋଇ ଉପଚାରରେ ନିଜ ତ୍ୱଚାକୁ ଉଜ୍ଜଳ କରିପାରିବେ । ଏଥିରେ କୌଣସି ପାର୍ଶ୍ୱପ୍ରତିକ୍ରିୟା ନଥାଏ । ଏହାଦ୍ୱାରା କମ ଖର୍ଚ୍ଚ ହୋଇଥାଏ ଓ ତ୍ୱଚାକୁ ସୁନ୍ଦର ମଧ କରିଥାଏ ।



# ତ୍ୱଚା ଚମକାଇବ ଘରୋଇ ଉପଚାର

ପ୍ରତ୍ୟେକ ଦିନ ମୁହଁରେ ଚନ୍ଦନ ସହିତ ଗୋଲାପ ଜଳ ମିଶାଇ ଲଗାନ୍ତୁ । ଏହା ଆପଣଙ୍କ ମୁହଁରେ କୋମଳତା ସହିତ ସ୍ୱଚ୍ଛତା ଆଣିଥାଏ । ସେହିପରି କିଛି ବାଦାମକୁ ଖରାରେ ଶୁଖାଇ ଭଲ କରି ଗୁଣ୍ଡ କରିନିଅନ୍ତୁ । ଏଥିରେ ଗୋଲାପ ଜଳ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ଏମିତି ସପ୍ତାହକୁ ୪ଥର ଲଗାନ୍ତୁ ଦେଖିବେ ନିଶ୍ଚିତଭାବେ ଗୋରାପଣ ହେବା ସହ କୋମଳତା ହୋଇଥାଏ । ଆଉ ଏକ ଘରୋଇ ଉପଚାର ହେଲା ଆଳୁକୁ ଥଣ୍ଡା ପାଣିରେ ୧୦ ମିନିଟ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ପରେ ଏହି ଖଣ୍ଡକୁ ମୁହଁ ଓ ବେକରେ ଘଷନ୍ତୁ ଏବଂ ପ୍ରତ୍ୟେକ ଦିନ ରାତିରେ ୪ଟି ବାଦାମକୁ ପାଣିରେ ଭିଜାଇ ଦିଅନ୍ତୁ ପରଦିନ ସେହି ବାଦାମକୁ ଭଲ ଭାବେ ପେଷ୍ଟ କରନ୍ତୁ । ଏଥିରେ ଗୋଟିଏ ଚାମଚ କ୍ଷୀର, ଚାରି ଚାମଚ ଲେମ୍ବୁରସ ଓ ଗୋଟିଏ ଚାମଚ ବେସନ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ଲଗାଇ ଭଲ ଭାବେ ମାଲିସ କରନ୍ତୁ । ପ୍ରତ୍ୟେକ ଦିନ ଚନ୍ଦନରେ କିଛି ହଳଦୀ ଗୁଣ୍ଡ ମିଶାଇ ତ୍ୱଚାରେ ଲଗାନ୍ତୁ । ଏହିପରି କିଛିଦିନ କରିବା ପରେ ଏହାର ଫରକ କ'ଣ ନିଜେ ଅନୁଭବ କରିପାରିବେ । ❖❖❖

# କିପରି କୁଞ୍ଚୁକୁଞ୍ଚିଆ କେଶର ଯତ୍ନ ନେବେ

ଯେଉଁ ମହିଳାମାନଙ୍କର କୁଞ୍ଚିତ କେଶ ହୋଇଥାଏ ସେମାନେ ବର୍ଷା ଦିନେ ଖୁବ ଅସୁବିଧାରେ ପଡ଼ିଥାନ୍ତି । ଏହି ସମୟରେ କେଶର ଯତ୍ନ ନେବାରେ ବହୁ କଷ୍ଟ ହୋଇଥାଏ । କେଶ ବର୍ଷାରେ ଓଦା ହେଲେ ବେଶି ଝଡ଼ିଥାଏ । ଏଣୁ ଅନ୍ୟ ଋତୁ ତୁଳନାରେ ବର୍ଷାଦିନେ କେଶର ଯତ୍ନ ଅଧିକ ନେବାକୁ ପଡ଼ିଥାଏ । ଯଦି ଆପଣଙ୍କ କେଶ କୁଞ୍ଚୁକୁଞ୍ଚିଆ ତେବେ ଆସନ୍ତୁ ଜାଣିବା କିପରି ନେବେ ଏହାର ଯତ୍ନ ।



କୁଞ୍ଚୁକୁଞ୍ଚିଆ କେଶ ଥିବା ମହିଳାମାନେ ସପ୍ତାହରେ ଦୁଇଥର ତେଲ ଲଗାନ୍ତୁ । ସାମ୍ପୋ କରନ୍ତୁ କେଶ ଯେପରି ମୁଲାୟମ ରହିବ । କେଶକୁ ଓଦା ରଖନ୍ତୁ ନାହିଁ । ନଡ଼ିଆ ତେଲ କେଶରେ ଲଗାନ୍ତୁ । ନଡ଼ିଆତେଲ ବର୍ଷାଦିନେ ଉପଯୁକ୍ତ ତେଲ । ବର୍ଷାଋତୁରେ କେଶରେ ସବୁ ସମୟରେ ଆଣ୍ଟି ଅକ୍ସିଡାଣ୍ଟ କ୍ରିମ, ସୀରମ ବା କଣ୍ଡିସନର ଲଗାନ୍ତୁ । ଏହାଦ୍ୱାରା କେଶ ଝଡ଼ିବାର ଭୟ ନଥାଏ । କେଶ ପାଇଁ ଯେଉଁ ପ୍ରଡକ୍ଟ ବ୍ୟବହାର କରୁଛନ୍ତି ତାହା ସଠିକ୍ ହେବା ଉଚିତ । ବର୍ଷାଦିନେ ହେୟାରମାକ୍ସ ନିଶ୍ଚୟଭାବେ ବ୍ୟବହାର କରନ୍ତୁ । ଏହାଦ୍ୱାରା କେଶକୁ ଅଧିକ ମାତ୍ରାରେ ପୋଷଣ ମିଳିପାରିବ । ବଡ଼ମୁନ ଥିବା ପାନିଆ ବ୍ୟବହାର କରିବା ଉଚିତ । ହେୟାରମାକ୍ସ ଲଗାଇବା ପୂର୍ବରୁ ପ୍ରଥମେ ଏକ୍ସପର୍ଟଙ୍କ ପରାମର୍ଶ ନିଅନ୍ତୁ । ସେହିପରି ବର୍ଷାଦିନେ ଓଦା କେଶ କରି ବାହାରକୁ ଯାଆନ୍ତୁ ନାହିଁ । ଯଦିଓ ବାହାରକୁ ଯାଇଛନ୍ତି ତେବେ ବର୍ଷା ହେଲେ ପ୍ରଥମେ ନିଜ କେଶ କିପରି ଓଦା ହେବ ନାହିଁ ସେଥିପ୍ରତି ଧ୍ୟାନ ରଖନ୍ତୁ । କେବେ ବି ଓଦା କେଶକୁ ବାନ୍ଧି ଦିଅନ୍ତୁ ନାହିଁ । ଏଥିପ୍ରତି ବିଶେଷ ଧ୍ୟାନ ନଦେଲେ କେଶରୁ ଦୁର୍ଗନ୍ଧ ବାହାରିବା ସହିତ କେଶ ଝଡ଼ିବାର ମୁଖ୍ୟ କାରଣ ହୋଇଥାଏ । ❖❖❖

# ବୃଦ୍ଧାଶ୍ରମ ଶେଷ ଠିକଣା ନ ହେଉ



ଶ୍ୱେତା ରାଉତ

ବାପା-ମାଆ ସନ୍ତାନର ପ୍ରଥମ ଆଶ୍ରୟ । ନିଜର ସବୁ ସୁଖ, ସ୍ୱପ୍ନ ଓ ଇଚ୍ଛାକୁ ତ୍ୟାଗ କରି ସେମାନେ ସନ୍ତାନକୁ ବଡ଼ କରନ୍ତି । କିନ୍ତୁ ବାର୍ଦ୍ଧକ୍ୟରେ ସେହି ବାପା-ମାଆ ଯଦି ନିଜ ଘର ପରିବର୍ତ୍ତେ ବୃଦ୍ଧାଶ୍ରମରେ ଆଶ୍ରୟ ନେବାକୁ ବାଧ ହୁଅନ୍ତି, ତାହା ସମାଜ ପାଇଁ ଅତ୍ୟନ୍ତ ଦୁଃଖଦ । ବୃଦ୍ଧାଶ୍ରମ ଅସହାୟ ଓ ନିରାଶ୍ରୟ ବୃଦ୍ଧମାନଙ୍କ ପାଇଁ ଏକ ବିକଳ୍ପ ହୋଇପାରେ, କିନ୍ତୁ ସେହିଟା କେବେ ବି ବାପା-ମାଆଙ୍କ ଶେଷ ଠିକଣା ହେବା ଉଚିତ୍ ନୁହେଁ । ସେମାନଙ୍କର ପ୍ରକୃତ ଠିକଣା ହେଉଛି ସେମାନଙ୍କ ସନ୍ତାନର ହୃଦୟ ଓ ନିଜ ଘର । ବାର୍ଦ୍ଧକ୍ୟରେ ସେମାନଙ୍କୁ ଦରକାର ଔଷଧଠାରୁ ଅଧିକ ସ୍ନେହ, ଯତ୍ନ ଓ ଆପଣାପଣ ।

**ମାଆ ବାପାଙ୍କ ସାନିଧ:-**

ମାଆ ଏ ସଂସାରରେ ଏକ ମାତ୍ର ସୃଷ୍ଟି ଯିଏ ଅଣୁଟିଏ ହୋଇ ଗର୍ଭସ୍ତ ହେବାଦିନରୁ ସାଙ୍ଗରେ ରହିଥାଏ । ତା' ଜୀବନର ଗୋଟିଏ ଲକ୍ଷ ଥାଏ, ସଂସାରରେ ଯାହା ଘଟୁଛି ଘଟିଯାଉ ପଛେ, ତା' ପିଲାମାନେ ଭଲରେ ଥାଆନ୍ତୁ । ପୁଅର ପ୍ରଥମ ନିଃଶ୍ୱାସ ମାଆ ଅନୁଭବ କରିଥିବା ବେଳେ, ମାଆର ଶେଷ ନିଃଶ୍ୱାସ ବେଳେ ପୁଅ ଥାଏ । ପୁଅକୁ ପ୍ରଥମ ପୋଷାକ ମାଆ ପିନ୍ଧାଇ ଥାଏ ଆଉ ପୁଅ ମାଆର ଶେଷ ଧଳା ଶାଢ଼ୀ ଖଣ୍ଡକ ପିନ୍ଧାଇଥାଏ । ପୁଅର ଜନ୍ମ ପ୍ରମାଣପତ୍ର ମାଆ ଦସ୍ତଖତ କରିଥିବା ବେଳେ, ମାଆର ମୃତ୍ୟୁ ପ୍ରମାଣପତ୍ର ପୁଅ ଦସ୍ତଖତ କରେ । ପୁଅ ଜନ୍ମ ହେବା ଖୁସିରେ ମାଆ ଭୋଜି ଦେଉଥିବା ବେଳେ ମାଆର ମୃତ୍ୟୁ ଭୋଜି ପୁଅ ଦେଇଥାଏ । ମାଆ ଏନ୍ତୁଡ଼ିରେ ନିଆଁ ଜାଳି ପୁଅକୁ ଦୁନିଆ ଦେଖାଇବାକୁ ପ୍ରସ୍ତୁତ କରେ ଓ ପୁଅ ମା ମୁହଁରେ ନିଆଁ ଦେଇ ଦୁନିଆରୁ ତାକୁ ବିଦାୟ ଦିଏ । କି ଅଦ୍ଭୁତ ଏ ସୃଷ୍ଟି ସତରେ!! ମାଆ ଆଉ ପୁଅର ଏ ସମ୍ପର୍କର ଯାତ୍ରା କେତେ ନିବିଡ଼ ଆଉ ପବିତ୍ର । ମାଆ କେବଳ ଦେବା ଜାଣେ, ସେଥିପାଇଁ ସେ ଦେବୀ । ପୁଅଠୁ କିଛି ଆଶା ନଥାଏ ମାଆର, ବରଂ ପୁଅର ମଙ୍ଗଳ ପାଇଁ ଈଶ୍ୱରଙ୍କ ସହିତ ବି ଲଢ଼ିଥାଏ । ମାଆର ଗାଳି, ମାଡ଼, ଆକଟ, ଶାସନ ସବୁ ଭିତରେ କେବଳ ପୁଅ ପ୍ରତି ମମତା ଓ ଚିନ୍ତା ଥାଏ ଯାହା ଆଜିକାଲି ପିଲାମାନେ ବୁଝି ପାରନ୍ତିନି । ଠିକ୍ ସେମିତି



ବାପା ଓ ପୁଅର ସମ୍ପର୍କ ଏକ ସ୍ୱତନ୍ତ୍ର ସମ୍ପର୍କ । ଏହା କେବଳ ରକ୍ତର ସମ୍ପର୍କ ନୁହେଁ, ବରଂ ସ୍ନେହ, ତ୍ୟାଗ, ଦାୟିତ୍ୱ, ଅନୁଶାସନ ଓ ବିଶ୍ୱାସର ଏକ ଅମୂଲ୍ୟ ବନ୍ଧନ । ଏକ ପୁଅ ଜନ୍ମ ହେବା ଦିନଠାରୁ ବାପାଙ୍କ ଜୀବନର ଅର୍ଥ ବଦଳିଯାଏ । ତାଙ୍କ ନିଜର ଇଚ୍ଛା, ସ୍ୱପ୍ନ ଓ ସୁଖଠାରୁ ବଡ଼ ହୋଇଯାଏ ପୁଅର ଭବିଷ୍ୟତ । ପୁଅର ଛୋଟ ହସ ପାଇଁ ସେ ନିଜର ବଡ଼ ବଡ଼ ଖୁସିକୁ ତ୍ୟାଗ କରିଦିଅନ୍ତି । ପରିବାରର ସମସ୍ତ ଦାୟିତ୍ୱ ମୁଣ୍ଡରେ ବୋହି ନିଜର କଷ୍ଟକୁ ହସରେ ଲୁଚାଇ ରଖନ୍ତି, କେବଳ ଏତିକି ଆଶାରେ ଯେ ତାଙ୍କ ପୁଅ ଦିନେ ଜଣେ ଭଲ ମଣିଷ ହେବ । ବାପା ଆକାଶ ପରି ବିଶାଳ । ତାଙ୍କ ଛାତି ତଳେ ପୁଅ ନିଜକୁ ସବୁଠାରୁ ସୁରକ୍ଷିତ ମନେ କରେ । ପୁଅର ହାତ ଧରି ସେ ତାକୁ ଦୁନିଆ ଚିହ୍ନାଇ ଦିଅନ୍ତି । ଚାଲିବା ଶିଖାଇବାଠାରୁ ଆରମ୍ଭ କରି ଜୀବନର କଠିନ ପଥରେ ଦୃଢ଼ ହୋଇ ଠିଆ ହେବା ପର୍ଯ୍ୟନ୍ତ ସବୁଠି ବାପାଙ୍କ ଶିକ୍ଷା ଓ ପ୍ରେରଣା ରହିଥାଏ । ଜୀବନର ପ୍ରତ୍ୟେକ ଅନୁଭୂତି ଦ୍ୱାରା ସେ ପୁଅକୁ ଶିଖାନ୍ତି, ସଫଳତା ସହ ନମ୍ରତା ଏବଂ ବିଫଳତା ସହ ଧୈର୍ଯ୍ୟ ରଖିବାକୁ । ପ୍ରତ୍ୟେକ ପୁଅର ସଫଳତା ପଛରେ ଜଣେ ବାପାଙ୍କ ଅଦୃଶ୍ୟ ସଂଘର୍ଷ ଲୁଚି ରହିଥାଏ । ସେ ନିଜେ ଖରାରେ ଚାଲି ପୁଅକୁ ଛାଇ ଦିଅନ୍ତି । ନିଜର କଷ୍ଟକୁ ଲୁଚାଇ ପୁଅ ମୁହଁରେ ହସ ଦେଖିବାକୁ ଚାହାନ୍ତି । ସେଥିପାଇଁ ବାପା କେବଳ ଜଣେ ଅଭିଭାବକ ନୁହେଁ, ସେ ଜଣେ ମାର୍ଗଦର୍ଶକ, ପ୍ରେରଣା ଓ ଜୀବନର ସବୁଠାରୁ ବଡ଼ ଆଶ୍ରୟ । କିନ୍ତୁ ଆଜିକାଲି ପିଲାମାନେ ବାପା ମାଆଙ୍କ ଆକଟରୁ ମୁକ୍ତ ହେବାକୁ ଚାହାନ୍ତି, ତାଙ୍କ ଦାୟିତ୍ୱରୁ ମୁକ୍ତ ହେବାକୁ ଚାହାନ୍ତି, ତାଙ୍କୁ ନିଜ ଜୀବନରୁ ବାହାର କରିଦେଲେ ଖୁସି ରହିବେ ଭାବି ଅକଥନୀୟ ଅତ୍ୟାଚାର କରନ୍ତି ଯାହା ହୃଦୟ ବିଦାରକ ହୋଇଥାଏ । ବାପା, ମାଆ ଥିବା ବେଳେ କିଛି ଅନୁଭବ କରିହୁଏ ନାହିଁ । ବାପା ମାଆଙ୍କ ତ୍ୟାଗ, ଅବଦାନ, ବଳିଦାନ ସବୁ ଯେମିତି ସାଧାରଣ ମନେହୁଏ । ବାପା ମାଆ ଚାଲିଗଲା ପରେ ସେ ଅପୂରଣୀୟ ସ୍ଥାନଟି ଈଶ୍ୱର ବି ପୂରଣ କରିପାରନ୍ତିନାହିଁ । ଜଣଙ୍କ ସଫଳତାରେ ସାରା ସଂସାର ଯେତେବେଳେ ଈର୍ଷା କରନ୍ତି, କେବଳ ବାପା ମାଆ ହିଁ ତାଙ୍କ ପିଲାର ଆନନ୍ଦରେ ଆତ୍ମବିଭୋର ହୁଅନ୍ତି । ସେମାନଙ୍କ ଆଦର, ଯତ୍ନ, ସେବା, ସମର୍ପଣ, ମମତା ସବୁ ସେତେବେଳେ ଅନୁଭବ ହୁଏ ଯେତେବେଳେ ସେମାନେ ଦୁନିଆରୁ ଚାଲି ଯାଆନ୍ତି । ମୋହ, ମାୟା, ସ୍ୱାର୍ଥବାଦୀର ସଂସାର ଭିତରେ ଏକା ହୋଇଯିବା ବେଳେ ବାପା ମାଆ ମନେପଡନ୍ତି । ଯେତେ ଛାତି ପିଟି କାନ୍ଦିଲେ ବି ସେମାନେ ଫେରନ୍ତି ନାହିଁ, କେବଳ ପଶ୍ଚାତାପ ରହିଥାଏ ।

**ବାପା ମାଆଙ୍କ ପାଇଁ ଦାୟିତ୍ୱ:-**

ପିଲାମାନେ ବୁଝିବା ଉଚିତ୍ ଯେ, ଜୀବନଚକ୍ରରେ ଏହି ଦିନ ସେମାନଙ୍କ ଜୀବନରେ ବି ଆସିବ । ସଂସାରର ଚକ୍ର ଏମିତି ଘୂରି ଚାଲିଛି ଯେ, ଆଜି ଯିଏ ଯୁବକ ସେ କାଲି ବୃଦ୍ଧ ହେବ । ଯିଏ ଆଜି ଅନ୍ୟର ହାତ ଧରି ବାଟ ଚାଲୁଛି, ସେ ଦିନେ ନିଜେ ଅନ୍ୟର ସାହାରା ଖୋଜିବ । ବାର୍ଦ୍ଧକ୍ୟ ଜୀବନର ଏକ ଅନିବାର୍ଯ୍ୟ ସତ୍ୟ । ଏହି ସମୟରେ ମଣିଷଙ୍କୁ କେବଳ ଔଷଧ କିମ୍ୱା ଅର୍ଥର ଆବଶ୍ୟକତା ନଥାଏ, ବରଂ ଦରକାର ହୁଏ ଟିକିଏ ସ୍ନେହ, ଟିକିଏ ଆପଣାପଣ ଏବଂ ନିଜ ଲୋକଙ୍କ ସେବା, ସହଯୋଗ, ଆଶ୍ୱାସନା ଯାହା କେବଳ ଗୋଟେ ଭଲ ବୋହୂ ଦ୍ୱାରା ସମ୍ଭବ ହୋଇଥାଏ । ଯେତେବେଳେ ବୋହୂଟିଏ ସ୍ୱାମୀଙ୍କ ବାପା ମାଆଙ୍କୁ ନିଜ ବାପା, ମାଆ ପରି ଆଦରରେ ଯତ୍ନନିଏ, ଦାୟିତ୍ୱ ନିଏ, ତାଙ୍କର ଛୋଟ ଛୋଟ ଆବଶ୍ୟକତାକୁ ପୁରା କରିବାକୁ ଲାଗିପଡ଼େ ସେତେବେଳେ ସେ କେବଳ ଘରର ବୋହୂ ହୋଇ ରହେନାହିଁ, ବରଂ ବାର୍ଦ୍ଧକ୍ୟର ସବୁଠୁ ବଡ଼ ସାହାରା ପାଲଟିଯାଏ ।

ସମୟ ସହିତ ପୁଅମାନେ କାର୍ଯ୍ୟବ୍ୟସ୍ତ ହୋଇଯାଆନ୍ତି । ଚାକିରି, ବ୍ୟବସାୟ ଓ ଦାୟିତ୍ୱ ଭିତରେ ସେମାନଙ୍କ ପାଖରେ ସମୟର ଅଭାବ ଦେଖାଯାଏ । ଝିଅମାନେ ଶାଶୁ ଘରକୁ ଚାଲିଯାଆନ୍ତି । ହେଲେ ଘରର ବୃଦ୍ଧ ମାଆ ବାପାଙ୍କ ଛୋଟ ଛୋଟ ଆବଶ୍ୟକତାକୁ ପୂରଣ କରିବାକୁ ତାଙ୍କ ପଦେ ଡାକରେ 'ଓ' କରିବାକୁ ବୋହୂ ହିଁ ରହିଥାଏ । କେବେ ସମୟରେ ଔଷଧ ଦେବା, କେବେ ଖାଇବା ପରଷିବା, କେବେ ଡାକ୍ତରଙ୍କ ପାଖକୁ ନେବା, ସେବା କରିବା କିମ୍ବା କେବଳ କିଛି ସମୟ ବସି ତାଙ୍କ କଥା ଶୁଣିବା, ଏହି ସବୁ ଛୋଟ ଛୋଟ କାମ ବୃଦ୍ଧମାନଙ୍କ ପାଇଁ ବହୁତ ବଡ଼ ସନ୍ତୋଷ ଆଣିଦିଏ ଯାହା ବୋହୂ ଦ୍ୱାରା ସମ୍ଭବ ହୋଇଥାଏ । କେଉଁଠି ବୋହୂଟିଏ ଶ୍ରଦ୍ଧାରେ ଏସବୁ କରେ ତ କେଉଁଠି ବାଧ୍ୟବାଧକତାରେ କରିଥାଏ । ବୃଦ୍ଧାବସ୍ଥାରେ ଅନେକ ମାଆବାପା ନିଜ ଝିଅଙ୍କୁ ମନେ ପକାନ୍ତି । କିନ୍ତୁ ଝିଅ ଦୂରରେ ଥିବାବେଳେ ବୋହୂ ହିଁ ସେହି ଖାଲି ସ୍ଥାନକୁ ପୂରଣ କରେ । ସେ କେବେ ଝିଅ ହୋଇ ମୁଣ୍ଡରେ ତେଲ ଲଗାଇଦିଏ, କେବେ ମାଆ ହୋଇ ଔଷଧ ଖୁଆଇଦିଏ, ପୁଣି କେବେ ବନ୍ଧୁ ହୋଇ ତାଙ୍କ ମନର କଥା ଶୁଣେ । ଏହି ଭାବନାତ୍ମକ ବନ୍ଧନ ହିଁ ଏକ ପରିବାରକୁ ମଜବୁତ କରିଥାଏ । ଆଜିର ସମାଜରେ ଅନେକ ଉଦାହରଣ ଦେଖିବାକୁ ମିଳେ, ବୋହୂ ନିଜ ଶ୍ୱଶୁର-ଶାଶୁଙ୍କ ସେବା କରି ଆଦର୍ଶ ସୃଷ୍ଟି କରିଛନ୍ତି । କେଉଁଠି ସେ ନିଜ ଚାକିରି



ସହିତ ବୃଦ୍ଧଙ୍କ ଯତ୍ନ ନେଉଛନ୍ତି, ତ କେଉଁଠି ନିଜ ସୁବିଧାକୁ ପଛରେ ପକାଇ ସେମାନଙ୍କ ଚିକିତ୍ସା ଓ ଦେଖାଶୁଣାରେ ଲାଗି ରହୁଛନ୍ତି । ଏମିତି ବୋହୂମାନେ ପ୍ରମାଣ କରିଛନ୍ତି ଯେ, ସମ୍ପର୍କ କେବଳ ରକ୍ତର ନୁହେଁ, ହୃଦୟର ମଧ୍ୟ ହୋଇଥାଏ । ଅଥଚ ବୋହୂମାନଙ୍କୁ ଝିଅ ଭଳି ସେତିକି ସ୍ନେହ ସ୍ୱାଧୀନତା ମିଳିନଥାଏ, ଯେତିକି ଝିଅକୁ ମିଳିଥାଏ । ଯଦିଓ ସେମାନେ ଝିଅଠୁ ଅଧିକ କରିଥାନ୍ତି । ବିବାହ ପରେ ଜଣେ ଝିଅ ନିଜର ଜନ୍ମଦାତା ପିତାମାତାଙ୍କୁ ଛାଡ଼ି ଅନ୍ୟ ଘରକୁ ନିଜର ଘର ବୋଲି ମାନିନିଏ । ଏହା କେବଳ ଏକ ସାମାଜିକ ପରିବର୍ତ୍ତନ ନୁହେଁ, ବରଂ ଏକ ଭାବନାତ୍ମକ ତ୍ୟାଗ । ସେହି ତ୍ୟାଗର ମୂଲ୍ୟ ସେତେବେଳେ ସାର୍ଥକ ହୁଏ, ଯେତେବେଳେ ସେ ଶ୍ୱଶୁର-ଶାଶୁଙ୍କୁ ନିଜ ପିତାମାତା ପରି ସ୍ନେହ ଓ ସମ୍ମାନ ଦିଏ । ଭାରତୀୟ ସଂସ୍କୃତିରେ ବୋହୂକୁ ଘରର ଲକ୍ଷ୍ମୀ ବୋଲି କୁହାଯାଏ । ସେ ନୂଆ ସମ୍ପର୍କ, ନୂଆ ପରିବେଶ ଓ ନୂଆ ଦାୟିତ୍ୱକୁ ଆପଣେଇ ଏକ ପରିବାରର ଅଂଶ ହୋଇଯାଏ । ତେଣୁ ତାକୁ ନିଜ ଘରର ପିଲା ପରି ଆପଣେଇ ସେତିକି ଆଦର ଦେଇପାରିଲେ ସଂସାର ସୁନ୍ଦର ହେବ । ବୋହୂଟିଏ ସେତେବେଳେ ହିଁ ବାର୍ଦ୍ଧକ୍ୟର ସାହାରା ହୋଇପାରିବ, ଯେତେବେଳେ ତାକୁ ଶାଶୁଘରେ ଝିଅ ପରି ସମ୍ମାନ ଓ ସ୍ନେହ ମିଳିବ । ଯଦି ତାକୁ ସବୁବେଳେ ପର ବୋଲି ଦେଖାଯିବ, ତାହାର ଭାବନାକୁ ଅଣଦେଖା କରାଯିବ, ତେବେ ସମ୍ପର୍କରେ ଦୂରତା ଆସିବା ସ୍ୱାଭାବିକ । ସ୍ନେହ, ସମ୍ମାନ ଓ ବିଶ୍ୱାସ ହେଉଛି ସେହି ସେତୁ, ଯାହା ଶ୍ୱଶୁର-ଶାଶୁ ଓ ବୋହୂଙ୍କ ମଧ୍ୟରେ ଆତ୍ମୀୟତାର ସମ୍ପର୍କ ଗଢ଼ି ତୋଳେ । ଆଧୁନିକ ପ୍ରଭାବରେ ଆଜି ଯୌଥ ପରିବାର ଧୀରେ ଧୀରେ ଭାଙ୍ଗୁଛି । ବୃଦ୍ଧାଶ୍ରମ ସଂଖ୍ୟା ବଢୁଛି । ଅନେକ ବୃଦ୍ଧ ନିଜ ଘରେ ଥାଇ ମଧ୍ୟ ଏକାକୀ ଜୀବନ ବିତାଉଛନ୍ତି । ଏଭଳି ସମୟରେ ବୋହୂର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ସେ ଚାହିଁଲେ ଘରକୁ କେବଳ ଇଟା-ସିମେଣ୍ଟର ଘର ନୁହେଁ, ବରଂ ସ୍ନେହ ଓ ସଂସ୍କାରର ମନ୍ଦିରରେ ପରିଣତ କରିପାରିବ । ତେଣୁ ତାକୁ ବି ସେତିକି ଶ୍ରଦ୍ଧାର ଆବଶ୍ୟକତା ରହିଛି । ବାର୍ଦ୍ଧକ୍ୟରେ ଶରୀର ଦୁର୍ବଳ ହୋଇଯାଏ, କିନ୍ତୁ ମନ ଅଧିକ ସମ୍ବେଦନଶୀଳ ହୋଇପଡ଼େ । ଏହି ସମୟରେ ଜଣେ ବୃଦ୍ଧଙ୍କୁ ନିଜ ଲୋକଙ୍କ ଆପଣାପଣ, ବିନମ୍ର ଆଚରଣ, ଭଲପାଇବା ଟିକେ ସମୟ ବଞ୍ଚିବାର ସାହସ ଦେଇଥାଏ । ବୋହୂ ଯଦି ଟିକିଏ ହସି କଥା କହେ, ଟିକିଏ ଯତ୍ନ ନିଏ, ତେବେ ବୃଦ୍ଧ ଶ୍ୱଶୁର-ଶାଶୁଙ୍କ ମନ ଖୁସିରେ ଭରିଯାଏ । ସେମାନେ ଅନୁଭବ କରନ୍ତି ଯେ, ଜୀବନର ଅପରାହ୍ନରେ ସେମାନେ ଏକା ନୁହଁନ୍ତି, କେହି ତ ନିଜର ଅଛି । ଏହି ସମୟରେ ମଣିଷଙ୍କୁ କେବଳ ଔଷଧ କିମ୍ବା ଅର୍ଥର ଆବଶ୍ୟକତା ନଥାଏ, ଆବଶ୍ୟକତା ଥାଏ ଉଦାରପଣ, ସ୍ନେହ, ସେବା ଓ ସମୟ ଯାହା ପୁଅ ଝିଅଙ୍କ ଅପେକ୍ଷା ବୋହୂଟିଏ ଅଧିକ ପ୍ରକଟ କରିଥାଏ । ସଂସାରରେ ସବୁ ପ୍ରକାର ମଣିଷ ଅଛନ୍ତି । ଯେମିତି ସବୁ ଶାଶୁ ଶ୍ୱଶୁର ଖରାପ ନୁହନ୍ତି, ସେମିତି ସବୁ ବୋହୂମାନଙ୍କୁ ମଧ୍ୟ ଖରାପ କୁହାଯାଇପାରିବ ନାହିଁ । କିଛି ଅତ୍ୟାଧୁନିକ ବୋହୂମାନଙ୍କ ଅବ୍ୟବହାର ପାଇଁ ଆଢୁଆଳରେ ରହିଯାଇଥିବା ଅନେକ ବୋହୂଙ୍କ ତ୍ୟାଗକୁ ଆମେ ଅଣଦେଖା କରିପାରିବା ନାହିଁ । ଗାଁଗହଳିଠୁ ସହର ଯାଏ ବୃଦ୍ଧମାନଙ୍କ ଅନ୍ତିମ ସମୟରେ ପୁଅ, ଝିଅଙ୍କ ଅପେକ୍ଷା ବୋହୂଟିଏ ହିଁ ଅଧିକ ଦାୟିତ୍ୱ ଉଠାଉଥିବାର ଦେଖାଯାଏ, ଯାହାକୁ ଆମେ କର୍ତ୍ତବ୍ୟ କହି ତା'ର ତ୍ୟାଗକୁ ଏଡ଼ାଇ ଦେଉ ।

ଆମମାନଙ୍କ ଘରେ ୩୦-୩୨ ବର୍ଷର ଅବିବାହିତ ଝିଅଟିଏ ଭୁଲ କରିଦେଲେ ଆମେ ପିଲାଟିଏ ବୋଲି ଭାବିନେଇ ତାର ସବୁ ଭୁଲ କ୍ଷମା କରିଦେଉଥିବା ବେଳେ ୨୩-୨୪ ବର୍ଷର ଝିଅଟି ଆମ ଘରକୁ ବୋହୂ ହୋଇ ଆସିବା ପରେ ତା'ର ଛୋଟ ଭୁଲକୁ ବି ଆମେ କ୍ଷମା ନକରି କଥାକୁ ବିରାଟ କରି ବାପଘର ଯାଏ କଥା ପହଞ୍ଚାଇଦେଉ । ରୋଷେଇଠୁ ଆରମ୍ଭ କରି, ଶାଶୁ ଶ୍ୱଶୁରଙ୍କ ସେବା ଅତିଥିଙ୍କ ସମ୍ମାନ, ଘର ସାଜସଜ୍ଜା, ଘରର ଛୋଟ ପିଲାମାନଙ୍କ ଦାୟିତ୍ୱ ସବୁ କିଛି ବୋହୂ କରିନେଉ ବୋଲି ବିରାଟ ଆଶା ରଖୁ । ଯଦି ସେସବୁ ପୂରଣ ନ ହେଲା ବାପା, ମାଆ କିଛି ଶିଖାଇ ନାହାନ୍ତି ବୋଲି ଆକ୍ଷେପ କରି ବୋହୂକୁ କହିଥାଉ । ଏସବୁ ସଭ୍ୟ ସମାଜର ଲକ୍ଷଣ ନୁହେଁ । ଆମ ଝିଅ ପରି ସେ ବି ଝିଅଟିଏ । ତା ପାଇଁ ସବୁ ନୂଆ । ପରିବେଶ, ପରିବାର, ପରିସ୍ଥିତିକୁ ଆପଣେଇବାକୁ ତାକୁ ବି ସମୟ ଦେବା ଦରକାର । ତା'ର ମନ ଜାଣି ନିଜ ପରିବେଶ ଅନୁସାରେ ଚଳେଇ ନେବା ହିଁ ଆମ ଦାୟିତ୍ୱ । ଯଦି ଆରମ୍ଭରୁ ଆମେ ନିଜ ଦାୟିତ୍ୱ ସଠିକ୍ କରିପାରିବା ନାହିଁ, ତେବେ ବୃଦ୍ଧ ସମୟରେ ବୋହୂଠାରୁ ସେବା, ସମୟ, ଶ୍ରଦ୍ଧା ଆଶା କରିବା ଉଚିତ୍ ହେବନାହିଁ । ବୟସ ଥିବା ବେଳେ ହିଁ ବୟସ ଯିବା ବେଳର ପରିସ୍ଥିତି ନିର୍ଦ୍ଧାରଣ କରି ସମୟାନୁସାରେ ସମ୍ପର୍କର ମୂଲ୍ୟ ବୁଝିନେବା ଉଚିତ୍ ।

**ସରକାରଙ୍କ ଦାୟିତ୍ୱ:-**

ବୃଦ୍ଧମାନେ ସମାଜର ଅମୂଲ୍ୟ ସମ୍ପଦ । ସେମାନଙ୍କ ସୁରକ୍ଷା, ସମ୍ମାନ ଓ ସୁସ୍ଥ ଜୀବନ ନିଶ୍ଚିତ କରିବା ସରକାରଙ୍କ ଏକ ପ୍ରମୁଖ ଦାୟିତ୍ୱ । ବୃଦ୍ଧାବସ୍ଥା ଭତ୍ତାକୁ ଠିକ୍ ସମୟରେ ଓ ପର୍ଯ୍ୟାପ୍ତ ପରିମାଣରେ ପ୍ରଦାନ କରିବା, ଉନ୍ନତ ସ୍ୱାସ୍ଥ୍ୟସେବା ଓ ମାଗଣା କିମ୍ବା ରିହାତି ଚିକିତ୍ସା ସୁବିଧା ଯୋଗାଇବା, ଏକାକୀ ଓ ଅସହାୟ ବୃଦ୍ଧଙ୍କ ପାଇଁ ସହାୟତା କେନ୍ଦ୍ର ସ୍ଥାପନ କରିବା ଏବଂ ସେମାନଙ୍କ ଉପରେ ହେଉଥିବା ଅବହେଳା ଓ ନିର୍ଯାତନା ବିରୋଧରେ କଠୋର ଆଇନ ପ୍ରୟୋଗ କରିବା ଆବଶ୍ୟକ ।

ଏହାସହିତ, ବୃଦ୍ଧମାନେ ଯେପରି ସମ୍ମାନ ଓ ମର୍ଯ୍ୟାଦାର ସହିତ ଜୀବନ ବିତାଇ ପାରିବେ, ସେଥିପାଇଁ ସଚେତନତା କାର୍ଯ୍ୟକ୍ରମ, ମାନସିକ ସହାୟତା ଏବଂ ସାମାଜିକ ସୁରକ୍ଷା ଯୋଜନାକୁ ଅଧିକ ସୁଦୃଢ଼ କରିବା ଉଚିତ୍ । ଜଣେ ବୃଦ୍ଧଙ୍କ ମୁହଁରେ ସୁରକ୍ଷା ଓ ସନ୍ତୋଷର ହସ ହିଁ ଏକ କଲ୍ୟାଣକାରୀ ରାଷ୍ଟ୍ରର ପ୍ରକୃତ ପରିଚୟ । ତେଣୁ ସରକାରଙ୍କ ସହଯୋଗ ମଧ୍ୟ ନିହାତି ଆବଶ୍ୟକ ।

ପରିଶେଷରେ ଏତିକି କହିବି ଯେ ଯେଉଁମାନଙ୍କ ପାଖରେ ମାଆ ବାପା ଅଛନ୍ତି, ବଞ୍ଚିଥିବା ବେଳେ ତାର ମୂଲ୍ୟ ବୁଝନ୍ତୁ, ମାଆ ବାପାଙ୍କୁ ଭଲ ପାଆନ୍ତୁ । ସେମାନଙ୍କୁ ବହୁତ ବଡ଼ ଘର, ଗାଡ଼ି, ବଙ୍ଗଳା, ଟଙ୍କା, ସୁନା, ଚାକର, ପୂଜାରୀ ଦରକାର ନଥାଏ, କେବଳ ଦରକାର ଥାଏ ତାଙ୍କ ପିଲାର ସ୍ନେହ, ପଦେ ମିଠା କଥା, ଟିକେ ସମୟ ଆଉ ତାଙ୍କ ପିଲା ମୁହଁରେ ହସ । ପାରିବେ ଯଦି ନିଜ ମାଆ ବାପାଙ୍କୁ ଥରେ ଆଲିଙ୍ଗନ କରି ଅନୁଭବ କରନ୍ତୁ ଏହାଠାରୁ ଅଧିକ ଶାନ୍ତି ଈଶ୍ୱର ବି ଦେଇପାରିବେ ନାହିଁ । ବୃଦ୍ଧ ହୋଇଗଲେ ମଧ୍ୟ ଆମ ମୁଣ୍ଡ ଉପରେ ଛାତ ହୋଇ ଆମ ସୁରକ୍ଷା ପାଇଁ ଈଶ୍ୱରଙ୍କୁ ତାଙ୍କ ଲୋଚାକୋଚା ହାତରେ ପ୍ରାର୍ଥନା କରନ୍ତି ବାପା ମାଆ । ସେମାନେ ଆମର ବୋଝ ନୁହଁନ୍ତି, ଆମ ସମ୍ପତ୍ତି । ତାଙ୍କ ସୁରକ୍ଷା, ସେବା, ଆନନ୍ଦ ଆମର ଧର୍ମ ଓ କର୍ମ ହେଉ ।

**ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,**
**ଭୁବନେଶ୍ୱର**

## ପୂଜାର୍ଚ୍ଚନାର ଫଳ କ'ଣ ?



- **ଶିବ:** ବିପଦରୁ ଉଦ୍ଧାର, ଧନବୃଦ୍ଧି, ଜ୍ଞାନଲାଭ, ସାଧନଲାଭ, ଯୋଗସିଦ୍ଧି ପ୍ରାପ୍ତ ।
- **ବ୍ରହ୍ମା:** ଅଷ୍ଟ ଐଶ୍ୱର୍ଯ୍ୟଲାଭ, ପରମାୟୁ ବୃଦ୍ଧି ।
- **ବିଷ୍ଣୁ:** ବୈକୁଣ୍ଠ ଲାଭ, ପରମଗତି ଲାଭ ।
- **ଯମ:** ନର୍କରୁ ଉଦ୍ଧାର, ଆୟୁବୃଦ୍ଧି ।
- **ଅଗ୍ନି:** ନୀରୋଗ ଶରୀର ଲାଭ, ତେଜ ବୃଦ୍ଧି ।
- **ଇନ୍ଦ୍ର:** ନେତୃତ୍ୱ ଓ ପ୍ରତିଷ୍ଠାଲାଭ ।
- **କୁବେର:** ଧନବାନ, ସୁଖପ୍ରାପ୍ତ ।
- **ବରୁଣ:** ପରମ ସୁଖ ଲାଭ ।
- **ସୂର୍ଯ୍ୟ:** ନୀରୋଗ ଶରୀର ।
- **ଗଣେଷ:** ବୁଦ୍ଧି ଓ ଜ୍ଞାନ ଲାଭ ।
- **ଦୁର୍ଗା:** ଦୁର୍ଗତି ନାଶ, ଭୟ ନାଶ ।
- **ପାର୍ବତୀ:** ରାଜପ୍ରତିଷ୍ଠା ଲାଭ, ଶତ୍ରୁନାଶ ।
- **ଲକ୍ଷ୍ମୀ:** ଐଶ୍ୱର୍ଯ୍ୟ ଲାଭ ।
- **ସରସ୍ୱତୀ:** ବିଦ୍ୟାଲାଭ ।

## ଦେବଦେବୀଙ୍କର ପ୍ରିୟ ପୁଷ୍ପ ପତ୍ର କ'ଣ ?



- **ଶିବ:** ମନ୍ଦାର, ନାଗାର୍ଜ୍ଜୁନ, ସେବତୀ, ଶ୍ୱେତପଦ୍ମ, ଅରଖ, ଜୟା, କଦମ୍ବ, ଧୂତୁରା, ପଳାଶ, କୁଶ, ବଉଳ, ଅଗସ୍ତି, ଗଙ୍ଗଶିଉଳି, କାଶତଣ୍ଡି ଦୁବ, ଚମ୍ପା, କେତକୀ(ବର୍ଷକରେ ଥରେ), ଧଳା କନିଅର, ଧଳାମନ୍ଦାର ଓ ବେଲପତ୍ର ।
- **ଦୁର୍ଗା:** ମନ୍ଦାର, କୁନ୍ଦ, ପୁନ୍ନାଗ, ଜୟନ୍ତୀ, ନାଗେଶ୍ୱର, ପାଟଳୀ, ନବମଲ୍ଲିକା, କନିଅର ।
- **ସୂର୍ଯ୍ୟ:** ଚମ୍ପା, ଜାଈ, କୁନ୍ଦ, ପଦ୍ମ, ନାଗେଶ୍ୱର, ଶମୀ, କୃଶ, ଅଶୋକ, ପଳାଶ, ଅଗସ୍ତି, ପୁନ୍ନାଗ, ଶତଦଳ ପଦ୍ମ, ଜବା, କରବୀର, ଗଙ୍ଗଶିଉଳୀ, କୁଙ୍କୁମ, ବାସନ୍ତି ଓ ଅରଖ ।
- **ଲକ୍ଷ୍ମୀ:** ପଦ୍ମ, ଚମ୍ପା, ଅଶୋକ, ପୁନ୍ନାଗ, ସେବତୀ, କଦମ୍ବ, ଧୂତୁରା, ଦୂବ ଓ ବେଲପତ୍ର ।
- **ଗଣେଶ:** ଅପରାଜିତା, ପୁନ୍ନାଗ, ପଦ୍ମ, ମାଳତୀ, ମଲ୍ଲୀ, ଯୁଇ, ଗୋଲାପ, କନିଅର, ଚମ୍ପା ଓ ଟଗର ।
- **ସରସ୍ୱତୀ:** ଟଗର, ଗେଣ୍ଡୁ, ମନ୍ଦାର, ପଦ୍ମ, ଅଶୋକ, ପୁନ୍ନାଗ, ଶ୍ୱେତଦୂର୍ବା, ଧତୁରା ଓ କଇଁ ।

## ନାରୀମାନେ କାହିଁକି ବ୍ରତ କରନ୍ତି ?



- ସାବିତ୍ରୀ ବ୍ରତ କରନ୍ତି ସ୍ୱାମୀଙ୍କ ଦୀର୍ଘାୟୁ କାମନା ପାଇଁ ।
- ବୁଧେଇ ଓଷା କରନ୍ତି ପୁତ୍ରପ୍ରାପ୍ତି, ରୋଗ ନାଶ ପାଇଁ ।
- ଷଷ୍ଠୀ ଓଷା କରନ୍ତି ସନ୍ତାନଙ୍କର ଦୀର୍ଘଜୀବନ ଓ ଆରୋଗ୍ୟ କାମନା ପାଇଁ ।
- ଅନନ୍ତ ବ୍ରତ କରନ୍ତି ସର୍ବସୁଖ ପ୍ରାପ୍ତି କାମନା ପାଇଁ ।
- ନିଶା ମଙ୍ଗଳବାର ଓଷା କରନ୍ତି ସର୍ବସୁଖ କାମନା ପାଇଁ ।
- ନାଗ ଚତୁର୍ଥୀବ୍ରତ କରନ୍ତି ପିଲାମାନଙ୍କର ଆଖି କାନ ଆରୋଗ୍ୟ କାମନା ପାଇଁ ।
- କାଞ୍ଜିଅଁଳା କରନ୍ତି ସନ୍ତାନଙ୍କର ମଙ୍ଗଳ କାମନା ପାଇଁ ।
- ପଣ୍ଡୁଓଷା କରନ୍ତି ପୁତ୍ରପ୍ରାପ୍ତି ପାଇଁ ।
- ଦାଣ୍ଡପହଁରା ଓଷା କରନ୍ତି ସନ୍ତାନ ପ୍ରାପ୍ତି ପାଇଁ ।
- ସୁଦଶା ବ୍ରତ କରନ୍ତି ସର୍ବ ସୌଭାଗ୍ୟଲାଭ ପାଇଁ ।

## କେଉଁ ଦେବତା ସକଳ ଶକ୍ତିର ଅଧିକାରୀ



| | |
|---|---|
| ଗଣେଶ | ସଫଳତା ଶକ୍ତିର ଅଧିକାରୀ |
| ନୃସିଂହ | ପରାକ୍ରମ ଶକ୍ତିର ଅଧିକାରୀ |
| ବିଷ୍ଣୁ | ପାଳନ ଶକ୍ତିର ଅଧିକାରୀ |
| ଶିବ | କଲ୍ୟାଣ ସଂହାର ଶକ୍ତିର ଅଧିକାରୀ |
| କୃଷ୍ଣ | ଯୋଗ ଶକ୍ତିର ଅଧିକାରୀ |
| ରାଧା | ପ୍ରେମ ଶକ୍ତିର ଅଧିକାରୀ |
| ଲକ୍ଷ୍ମୀ | ଧନ ଶକ୍ତିର ଅଧିକାରୀ |
| ଅଗ୍ନି | ତେଜ ଶକ୍ତିର ଅଧିକାରୀ |
| ଇନ୍ଦ୍ର | ରକ୍ଷା ଶକ୍ତିର ଅଧିକାରୀ |
| ସରସ୍ୱତୀ | ବୁଦ୍ଧି, ବିଦ୍ୟା ଶକ୍ତିର ଅଧିକାରୀ |
| ଦୁର୍ଗା | ଦମନ ଶକ୍ତିର ଅଧିକାରୀ |
| ହନୁମାନ | ନିଷ୍ଠା ଶକ୍ତିର ଅଧିକାରୀ |
| ପୃଥ୍ୱୀ | ଧାରଣ ଶକ୍ତିର ଅଧିକାରୀ |
| ସୂର୍ଯ୍ୟ | ପ୍ରାଣ ଶକ୍ତିର ଅଧିକାରୀ |
| ରାମ | ମର୍ଯ୍ୟାଦା ଶକ୍ତିର ଅଧିକାରୀ |
| ସୀତା | ତପ ଶକ୍ତିର ଅଧିକାରୀ |
| ଚନ୍ଦ୍ର | ଶାନ୍ତି ଶକ୍ତିର ଅଧିକାରୀ |
| ଯମ | କାଳ ଶକ୍ତିର ଅଧିକାରୀ |
| ବ୍ରହ୍ମା | ଉତ୍ପାଦକ ଶକ୍ତିର ଅଧିକାରୀ |
| ବରୁଣ | ରସ ଶକ୍ତିର ଅଧିକାରୀ |
| ନାରାୟଣ | ଆଦର୍ଶ ଶକ୍ତିର ଅଧିକାରୀ |
| ହୟଗ୍ରୀବ | ସାହସ ଶକ୍ତିର ଅଧିକାରୀ |
| ହଂସ | ବିବେକ ଶକ୍ତିର ଅଧିକାରୀ |
| ତୁଳସୀ | ସେବା ଶକ୍ତିର ଅଧିକାର ❖❖❖ |

## ଢଗଢ଼ମାଳି

**ଅଶୀ ବରଷରେ ହେତୁ ନାଶଯାଏ**
**କାଷି ନାଶ ଯାଏ କୁହୁଡ଼ି ପାତେ**
**ବସି ଖାଇଲେ ଯେ ଧନ ନାଶଯାଏ**
**ଅସୀ ନାଶଯାଏ ହାତୁ ଦିହାତେ ।**

ସାଧାରଣତଃ ମଣିଷକୁ ଅଶୀ ବର୍ଷ ହେଲେ ତା'ର ବୁଦ୍ଧି ନାଶ ହୁଏ । ଏହା ବୟସାଧିକ୍ୟ ରୋଗ । ସେଇଭଳି କୁହୁଡ଼ି ପାତରେ ଆମ୍ବବଉଳ ପୋଡ଼ି ଯାଇ କଷି ନଷ୍ଟ ହୁଏ । ବସି ଖାଇଲେ ନଈବାଲି ସମ୍ପଦ ଶେଷ ହେଇଯାଏ । ପୁଣି ଅସ୍ତ୍ର ନଷ୍ଟହୁଏ ଅନ୍ୟ ହାତକୁ ଚାଲିଗଲେ ।

**ଅକାଳେ ସକାଳେ କଲି ବେଉସା**
**ମୁଣ୍ଡରେ ପଡ଼ିଲା କୁରାଢ଼ି ପଶା ।**

ବେପାର ବଣିଜରେ ସାଧାରଣତଃ ଲାଭ ମିଳୁଥିବାର ଦେଖିବାକୁ ମିଳୁଥିବା ବେଳେ ଅର୍ଥ ଉପାର୍ଜନ କରିବା ଆଶାରେ କିଛି ବ୍ୟକ୍ତି ଏଭଳି ବୃତ୍ତିକୁ ଆପଣେଇ ନେଉଥିବାର ଲକ୍ଷ୍ୟ କରାଯାଏ । କିନ୍ତୁ ବ୍ୟବସାୟର କୌଶଳ ଜାଣି ନ ଥିବା ବ୍ୟକ୍ତି ହଠାତ୍ ବ୍ୟବସାୟ କରି ବସିଲେ ଲାଭ ବଦଳରେ ତାକୁ ଅଧିକ କ୍ଷତି ସହିବାକୁ ପଡ଼ିଥାଏ ।

**ଅଣବାହୁଡ଼ା ରୁକୁଣାରଥ ଅଣବାହୁଡ଼ା ଶର**
**ଅଣବାହୁଡ଼ା ତୁଣ୍ଡର କଥା ଅଣବାହୁଡ଼ା ଝର ।**

ରୁକୁଣା ରଥ କେବେ ପଛକୁ ଫେରି ନଥାଏ । ଠିକ୍ ସେମିତି ଧନୁରୁ ଶର ଥରେ ବାହାରିଗଲେ ତାହା କଦାପି ପଛକୁ ଫେରିଆସୁନଥିବା ଭଳି ଝରଣାରୁ ଝରୁଥିବା ଜଳ ତଳକୁତଳ ମାଡ଼ିଯିବା ସହ ପଛକୁ କେବେ ଫେରିନଥାଏ । ସେହିପରି ମଣିଷ ମୁହଁରୁ ବାହାରୁଥିବା କଟୁକଥା ଶୁଣିବା ଲୋକକୁ ଅତିଶୟ ଯନ୍ତ୍ରଣା ଦେଉଥିବା ବେଳେ କଥା କହିଲା ବେଳେ ସଚେତନ ହେବା ଜରୁରୀ ।

**ଥିଲେ ବାଘର ଆହାର**
**ନଥିଲେ ପବନ ଆହାର ।**

ନିଜର ଆର୍ଥିକ ଅବସ୍ଥାକୁ ବୁଝି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଥିବା ଦରିଦ୍ର ଲୋକର ଚରିତ୍ର ଏପରି ହୋଇଥାଏ । ପାଖରେ ଅର୍ଥ ଥିଲାବେଳେ ସେ ମହାଆନନ୍ଦରେ ଖାଇପିଇ ଚଳୁଥିବାବେଳେ ଅର୍ଥ ଅଭାବ ସମୟରେ ଭୋକ ଉପାସରେ ରହିବାକୁ ପଡ଼ିଥାଏ ।

**ପ୍ରାଣୀର ଭଲମନ୍ଦ ବାଣୀ**
**ମରଣକାଳେ ତାହା ଜାଣି ।**

ଖ୍ରୀଷ୍ଟ ଧର୍ମୀମାନେ କୁହନ୍ତି ସଂସାରରେ ସ୍ୱର୍ଗନର୍କ କିଛି ନାହିଁ । ପ୍ରାଣୀ ଜୀବନ କାଳରେ ଯାହା କର୍ମ ଅପକର୍ମ କରିଥାଏ ତା ମରଣ କାଳରେ ସେହିପରି ଭୋଗ କରେ । ଧର୍ମ କରିଥିଲେ ଭଲରେ ମରେ ଅଧର୍ମ କରିଥିଲେ ରୋଗଦୁଃଖରେ ଛଟପଟ ହୋଇମରେ । ମଣିଷ ମରଣକାଳରେ ସବୁ ସତ କହେ । ସମସ୍ତେ ଜାଣନ୍ତି । କୁକର୍ମ କରିଥିଲେ କୁଗତି ଓ ସୁକର୍ମ କରିଥିଲେ ସୁଗତି ହୁଏ । ଏହାର ଅନେକ ପ୍ରମାଣ ସଂସାରରେ ଦେଖାଦେଇଛି । ଲୋକେ କହନ୍ତି ମଲାବେଳେ ହନୁ ସତ କହେ ମଲାବେଳେ ମଧ୍ୟ ରାବଣ ସତ କହିଥିଲା ।

## ହସକଥା

ଜଣେ ପ୍ରେମିକ ଦିନେ ତା'ର ପ୍ରେମିକାକୁ ପଚାରିଲା ପ୍ରିୟେ ! ତୁମେ ସାମାନ୍ୟ କୁକୁରଟାକୁ ଏତେ ଭଲ ପାଅ କାହିଁକି ?
ପ୍ରେମିକା: ଯୁଧିଷ୍ଠିର ସ୍ୱର୍ଗକୁ ଗଲାବେଳେ କାହାକୁ ସାଙ୍ଗରେ ନେଇଥିଲେ ?
ପ୍ରେମିକ: କୁକୁର ।
ପ୍ରେମିକା: ଦେବଦେବ ମହାଦେବଙ୍କ ସାଥୀ ନନ୍ଦିଙ୍କ ପାଖରେ କିଏ ରହେ ?
ପ୍ରେମିକ: କୁକୁର ।
ପ୍ରେମିକା: ମହାକାଶକୁ ପ୍ରଥମେ କିଏ ଯାଇଥିଲେ ?
ପ୍ରେମିକ: କୁକୁର ।
ପ୍ରେମିକା: ଛାଡ଼ ସେ କଥା । ପ୍ରେମିକା ଦୀର୍ଘ ଶ୍ୱାସ ପକେଇ କହିଲା, ମୋଟ କଥା ହେଲା, ସେଇ ଜନ୍ତୁଟି ତୁମ ଅପେକ୍ଷା ଅଧିକ ବିଶ୍ୱସ୍ତ ।

ଜଣେ ଭଦ୍ର ମହିଳା ନିଜର ସୌଖିନ ପୋଷା କୁକୁରଟି ସହିତ ବସ୍‌ରେ ଉଠି ଦୁଇଜଣିଆ ସିଟ୍‌ଟିକୁ ଦଖଲକରି ବସିଲେ ।
କଣ୍ଡକ୍ଟର: ଦୟାକରି ଗୋଟିଏ ସିଟ୍ ଛାଡ଼ନ୍ତୁ ।
ମହିଳା: ସିଏ ବି ସିଟ୍‌ରେ ବସିବ । ବରଂ ଦୁଇଟି ଟିକେଟ୍ କରନ୍ତୁ ।
କଣ୍ଡକ୍ଟର: କୁକୁର ଆପଣଙ୍କର ଏତେ ପ୍ରିୟ ବୋଲି ଜାଣି ନ ଥିଲି । ତେବେ ଦୟାକରି ତାକୁ ସିଟ୍ ତଳକୁ ଗୋଡ଼ ଲମ୍ୱେଇ ବସିବାକୁ କୁହନ୍ତୁ ।

ପତି: ମୁଁ ତୁମ ବିନା ଗୋଟିଏ ମୁହୂର୍ତ୍ତ ବଞ୍ଚିପାରୁନି ।
ପତ୍ନୀ: ତେବେ ଅଫିସରେ ଛଅ ସାତ ଘଣ୍ଟା ରହିଲା ପରେ ଜୀବିତ ଅବସ୍ଥାରେ ଫେରୁଛ କେମିତି ?

ପତ୍ନୀ: ମୁଁ ମରିଗଲା ପରେ ମୋ ପାଇଁ ଗୋଟିଏ ସମାଧି ମନ୍ଦିର କରିବ ।
ପତି: ନିଶ୍ଚୟ ।
ପତ୍ନୀ: ସବୁଦିନେ ମୋ ସମାଧି ପାଖକୁ ଯିବ ?
ପତି: ସେଥିରେ ଆଉ ଅସୁବିଧା କ'ଣ ! ମୁଁ ସବୁଦିନେ ଭାଟିକୁ ଯିବା ବାଟରେ ଶ୍ମଶାନ ପଡ଼ିବ ।

ପ୍ରେମିକ ପ୍ରେମିକା ହୋଟେଲରେ ଦୁଇଟି ଚେୟାର ଦଖଲ କରିବସିଲା ପରେ ପ୍ରେମିକ ପଚାରିଲା, କୁହ-ତୁମ ପାଇଁ କ'ଣ ମଗେଇବି ?
ପ୍ରେମିକା: ମୋ ପାଇଁ ତ ଚିକେନ ପକୋଡ଼ା ନିଶ୍ଚୟ । ତେବେ ତୁମ ପାଇଁ ଆମ୍ୱୁଲାନ୍ସଟିଏ ମଗେଇ ଦିଅ ।
ପ୍ରେମିକ: ଏତେ ସୁନ୍ଦର ରୋମାଣ୍ଟିକ ମୁହୂର୍ତ୍ତରେ ସେ ଅବର୍ଜଆ ଜିନିଷଟା କି କାମରେ ଲାଗିବ ?
ପ୍ରେମିକା: ହୋଟେଲର ଗେଟ୍ ଆଡ଼କୁ ଚାହିଁ କହିଲା, ଆଗକୁ ଦେଖ । ମୋର ସ୍ୱାମୀ ବୀରଦର୍ପରେ ହୋଟେଲ ଭିତରକୁ ପଶି ଆସୁଛନ୍ତି ।

# ଦେବୀ ପ୍ରସାଦ ମିଶ୍ର ବିଚକ୍ଷଣ, ସାଙ୍ଗଠନିକ ଯୋଦ୍ଧା



ଆଞ୍ଚଳିକ ହେଉକି ଜାତୀୟ ଅନ୍ତର୍ଜାତୀୟସ୍ତର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଜୁ ଜନତା ଦଳ (ବିଜେଡି)ର ଆଭିମୁଖ୍ୟ ସମ୍ପର୍କରେ ଓଡ଼ିଶାର ଗଣମାଧମ ଯେତେବେଳେ କିଛି ଜାଣିବାକୁ ଚାହେଁ, ସେତେବେଳେ ଜଣେ ବ୍ୟକ୍ତି ଖୋଜାପଡ଼ନ୍ତି । ସେ ହେଉଛନ୍ତି ବଡ଼ମ୍ବାର ପୂର୍ବତନ ବିଧାୟକ ତଥା ପାର୍ଟିର ସିନିୟର ଭାଇସ୍ ପ୍ରେସିଡେଣ୍ଟ ଦେବୀ ପ୍ରସାଦ ମିଶ୍ର । ଦଳୀୟ କର୍ମୀ ଓ ନେତାଙ୍କ ମହଲରେ 'ଦେବୀଭାଇ' ନାମରେ ପରିଚିତ ଏହି ୬୭ ବର୍ଷୀୟ ନେତା ଓଡ଼ିଶା ରାଜନୀତିର ଏକ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ ।  ଦଳୀୟ ସଙ୍ଗଠନରେ ତାଙ୍କ ଭାବମୂର୍ତ୍ତି ଏପରି ଭାବେ ଗଢ଼ିହୋଇଛି, ଯାହା ତାଙ୍କୁ ସାରା ରାଜ୍ୟରେ ଜଣେ ଶାନ୍ତ ସ୍ୱଭାବର ତଥା ବୌଦ୍ଧିକ ଗୁଣବତ୍ତା ସମ୍ପନ୍ନ ବରିଷ୍ଠ ରାଜନେତା ଭାବେ ପରିଚୟ ଦେଇଛି । ବିଜେଡିର ସାଙ୍ଗଠନିକ କ୍ଷମତା, ଦଳୀୟ ବ୍ୟାପାରରେ ଦକ୍ଷତା, ଶୃଙ୍ଖଳାଗତ ପଦକ୍ଷେପ ଓ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ନିଷ୍ପତ୍ତି ସବୁଠି ଦେବୀ ବାବୁଙ୍କ ମୁହଁରୁ ପଦୁଟିଏ ଶୁଣିବାକୁ ସମସ୍ତେ ଚାହାଁନ୍ତି । କାରଣ ମୂଲ୍ୟବୋଧ ହରାଇ ବସିଥିବା ଆଜିର ରାଜନୀତିରେ ଦେବୀ ମିଶ୍ର ଜଣେ ଅତ୍ୟନ୍ତ ଭାବଗମ୍ଭୀର, ଚିନ୍ତାଶୀଳ ତଥା ନିଷ୍କଳଙ୍କ ମଣିଷ । ଦେବୀ ମିଶ୍ରଙ୍କ ଜନ୍ମ ୧୯୫୯ ଜାନୁଆରୀ ୨୬ରେ । ସ୍ୱର୍ଗତଃ ରଘୁନାଥ ମିଶ୍ରଙ୍କ ସୁପୁତ୍ର ଦେବୀ ମିଶ୍ର ଜଣେ ସ୍ନାତକ ଏବଂ ବୃତ୍ତିରେ ସମାଜସେବୀ । ସେ ଛାତ୍ର ଜୀବନରୁ ଜନସେବା ପ୍ରତି ମନ ବଳାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ପ୍ରଥମେ ୧୯୯୫ରେ ଜନତା ଦଳରୁ ସେ ନିର୍ବାଚିତ ହୋଇଥିଲେ । କଟକର ବଡ଼ମ୍ବା ନିର୍ବାଚନମଣ୍ଡଳୀରୁ (୧୯୯୫-୨୦୧୯) ଲଗାତର ଭାବେ ବିଧାନସଭାରେ ୬ ଥର ପ୍ରତିନିଧିତ୍ୱ କରିଥିବାବେଳେ ବିଜେଡି ସରକାରର ୨୪ ବର୍ଷ ଶାସନ କାଳରେ ଶିଳ୍ପ ଏବଂ ସ୍କୁଲ ଓ ଗଣଶିକ୍ଷା ଭଳି ବିଭାଗର କ୍ୟାବିନେଟ ମନ୍ତ୍ରୀ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ  ରହିଥିଲେ । ୨୦୨୫ରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ସାଙ୍ଗଠନିକ ଯୋଦ୍ଧାଙ୍କୁ ଦଳର ବରିଷ୍ଠ ଉପାଧ୍ୟକ୍ଷ ନିଯୁକ୍ତ କରିଛନ୍ତି । ଭୋଟର ତାଲିକାର ସଘନ ସଂଶୋଧ ନ (ଏସ୍ଆଇଆର୍) ପ୍ରକ୍ରିୟାରେ ମତଦାତାଙ୍କ ନାମ କଟିଯିବା ଆଦି ଅସୁବିଧାକୁ ନେଇ ଦେବୀ ବାବୁ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏତିକି ନୁହେଁ, ଓଡ଼ିଶା-ଛତିଶଗଡ଼ ଆନ୍ତଃ ରାଜ୍ୟ ମହାନଦୀ ଜଳ ବିବାଦର ସମାଧାନ ପାଇଁ ମଧ୍ୟ ସେ ରାଜ୍ୟ ସରକାରଙ୍କ ନିକଟରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଛନ୍ତି । ସେହିପରି ନିଜ ନିର୍ବାଚନମଣ୍ଡଳୀ ବଡ଼ମ୍ବାର ହସ୍ତତନ୍ତ କଳାକୁ ଦେଶବିଦେଶରେ ପହଞ୍ଚାଇ ଏହାକୁ ଅଧିକ ଆଦୃତ କରାଇବାରେ ଦେବୀବାବୁଙ୍କ ଭୂମିକା ଅତୁଳନୀୟ । ଭେଟେରାନ୍ ଦେବୀ  ମିଶ୍ରଙ୍କ ରାଜନୈତିକ ଯାତ୍ରା ନିରନ୍ତରତା ଓ ସ୍ଥାୟିତ୍ୱର ପ୍ରତୀକ । ଏଥିସହ ରାଜନୀତିରେ ଅନେକ ଦଶନ୍ଧିର ଅଭିଜ୍ଞତା ଓ ଦଳୀୟ ବ୍ୟାପାରରେ ନିପୁଣତା ତାଙ୍କୁ ଦେଇଛି ଏକ

**ବିଜେଡିର ସାଙ୍ଗଠନିକ କ୍ଷମତା, ଦଳୀୟ ବ୍ୟାପାରରେ ଦକ୍ଷତା, ଶୃଙ୍ଖଳାଗତ ପଦକ୍ଷେପ ଓ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ନିଷ୍ପତ୍ତି ସବୁଠି ଦେବୀ ବାବୁଙ୍କ ମୁହଁରୁ ପଦୁଟିଏ ଶୁଣିବାକୁ ସମସ୍ତେ ଚାହାଁନ୍ତି । କାରଣ ମୂଲ୍ୟବୋଧ ହରାଇ ବସିଥିବା ଆଜିର ରାଜନୀତିରେ ଦେବୀ ମିଶ୍ର ଜଣେ ଅତ୍ୟନ୍ତ ଭାବଗମ୍ଭୀର, ଚିନ୍ତାଶୀଳ ତଥା ନିଷ୍କଳଙ୍କ ମଣିଷ ।**

ଭିନ୍ନ ପରିଚୟ । ନିର୍ବାଚନମଣ୍ଡଳୀର ରାଜନୀତି ହେଉ କି ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ଅଥବା ଓଡ଼ିଶାର ଭୋଟରଙ୍କ ମନକଥା ବୁଝି ବୃହତ୍ ସ୍ୱାର୍ଥରେ ନିଷ୍ପତ୍ତି ନେବା କେବଳ ଦେବୀ ବାବୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ । ତେଣୁ ଦଳ ଭିତରେ ତାଙ୍କୁ ଜଣେ ବିଶ୍ୱସ୍ତ ସାଙ୍ଗଠନିକ ଷ୍ଟ୍ରାଟେଜିଷ୍ଟ ମନେକରାଯାଏ । ରାଜନୈତିକ ନେତୃତ୍ୱ ଓ  ପାର୍ଟି ୱାର୍କର୍ସଙ୍କ ମଧ୍ୟରେ ଦେବୀ  ମିଶ୍ର ଏକ ଭରସାଯୋଗ୍ୟ ସେତୁ ଭଳି କାର୍ଯ୍ୟ କରନ୍ତି । ଅନେକ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସବୁ ବର୍ଗର ଲୋକଙ୍କ ସହ ସମନ୍ୱୟ ରକ୍ଷାକରି ନିଜ ଅଭିଜ୍ଞତା ଆଧାରରେ ସେ ଯେଉଁ ୨ ଧାଡ଼ି ବକ୍ତବ୍ୟ ପ୍ରଦାନ କରିଥାନ୍ତି, ତାହା ସମାଲୋଚକମାନଙ୍କ ମୁହଁ ବନ୍ଦ କରିବାକୁ ଯଥେଷ୍ଟ । ଏହି ସବୁ ନିର୍ଭରଶୀଳ ଗୁଣବତ୍ତା ଓ ମାର୍ଗଦର୍ଶନ ବିଜେଡି କ୍ୟାଡରଙ୍କ ମଧ୍ୟରେ ଶୃଙ୍ଖଳା, ସଙ୍ଗଠନ ଓ ବିଜୟ ସମ୍ଭାବନାକୁ ସୁନିଶ୍ଚିତ କରିଥାଏ । ଏହା ତାଙ୍କୁ ସାମ୍ପ୍ରତିକ ପରିବର୍ତ୍ତନଶୀଳ ରାଜନୀତିରେ ନିଜ ପ୍ରାସଙ୍ଗିକତାକୁ ବଜାୟ ରଖିବାରେ ବିଶେଷ ସହାୟକ ହୋଇଥାଏ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦିଅନ୍ତି ।

# ବିଜେଡିର ନୂଆ ଆଶା ସୁଜାତା ରାଉତ



**୨୦୨୪ ନିର୍ବାଚନରେ ବିଜୁ ଜନତା ଦଳ(ବିଜେଡି)ର ପରାଜୟ ପରଠୁ ଯେଉଁ ଶଙ୍ଖଭବନ ଏକପ୍ରକାର ନୀରବି ଯାଇଥିଲା, ସେଠି ଏବେ ସର୍ବଦା ଗହଳି ଚହଳି ଲାଗିରହିଛି । ପ୍ରତିଦିନ ଜିଲାଗୁଡ଼ିକରୁ ନେତା ଓ କର୍ମୀ ଧାଇଁବାରେ ଲାଗିଛନ୍ତି । ତୃଣମୂଳ ସ୍ତରର କର୍ମୀଙ୍କଠୁ ନେଇ ବରିଷ୍ଠ ନେତାଙ୍କ ପର୍ଯ୍ୟନ୍ତ ପ୍ରତ୍ୟହ ଧାଡ଼ି ଲାଗୁଛି । ମୋଟାମୋଟି ଭାବେ ବିଜେଡି ମୁଖ୍ୟାଳୟ ପୁନର୍ବାର ରାଜ୍ୟ ରାଜନୀତିର ଦୃଷ୍ଟି ଆକର୍ଷଣକାରୀ ଚଳଚଞ୍ଚଳ କେନ୍ଦ୍ରସ୍ଥଳ ପାଲଟିଯାଇଛି । କହିବା ବାହୁଲ୍ୟ ଯେ, ଏହି ତତ୍ପରତା ସୁଜାତା ରାଉତଙ୍କ ବିଜେଡିରେ ଯୋଗଦାନ ଯୋଗୁ ସମ୍ଭବ ହୋଇଛି । ଦଳୀୟ କ୍ୟାଡରମାନଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଛି । ଏତିକି ବେଳେ ପୂର୍ବରୁ ବିଜେଡିକୁ ଘେରିଆସୁଥିବା ସମାଲୋଚକଙ୍କ ମୁହଁ ବନ୍ଦ ହୋଇଥିବା ଲକ୍ଷ୍ୟ କରାଯାଉଛି । ଏସବୁ ଦେଖି ବିଜେଡି ପ୍ରେମୀ କହୁଛନ୍ତି, ଆମ ଦଳ ଏବେ ପୂର୍ବ ତୁଳନାରେ  ଅଧିକ ଜାଗ୍ରତ ହୋଇ ମଇଦାନକୁ ଆସୁଛି । ଆଗକୁ ସୁଜାତା ରାଉତଙ୍କ ନେତୃତ୍ୱରେ ଦଳ ଅନେକ କିଛି ଦେଖିବାକୁ ଯାଉଛି ।**

ଜୁନ୍ ୨୫ ତାରିଖ ଥିଲା ଗୁରୁବାର । ଏହି ଦିନ ଲକ୍ଷ୍ମୀଙ୍କ ଗୃହପ୍ରବେଶ ଭଳି ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ପୂର୍ବତନ ଅଧିକାରୀ ସୁଜାତା ରାଉତ । ପୂର୍ବରୁ ସ୍ଥିର ହୋଇଥିବା କାର୍ଯ୍ୟକ୍ରମ ମୁତାବକ ସୁଜାତା ମଧ୍ୟାହ୍ନରେ ଶଙ୍ଖ ଭବନରେ ପ୍ରବେଶ କରିଥିଲେ । ତା' ପରେ ଯାହାକିଛି ହୋଇଥିଲା ସମସ୍ତେ ଜାଣନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଦଶର୍ସ୍ପ କରି ସୁଜାତା ବିଜେଡିର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ । ସୁଜାତା ରାଉତ ବିଜେଡିରେ ସାମିଲ ହେବା ପରେ ଜନସେବା ପାଇଁ ଦଳର ଉଦ୍ୟମ ଆହୁରି ବଳିଷ୍ଠ ହେବ ବୋଲି ନବୀନ ବାବୁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସୁଜାତାଙ୍କୁ ନବୀନ ନିଜ ଉତ୍ତରାଧିକାରୀ ଘୋଷଣା କରିବେ, କିଛି ଗୋଟିଏ ବଡ଼ ପଦବୀ ଦେଇଦେବେ ବୋଲି ପୂର୍ବରୁ ଯେଉଁ ଚର୍ଚ୍ଚା ହେଉଥିଲା, ଦଳର ସଭାପତି ସେହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇ ଘୋଷଣା କଲେ ଯେ ଆଗାମୀ ନିର୍ବାଚନ ତାଙ୍କ ନେତୃତ୍ୱରେ ହିଁ ଲଢ଼ାଯିବ । ଏହି ଅବସରରେ ନବୀନ କହିଛନ୍ତି ଯେ, ସୁଜାତା ରାଉତ ଜଣେ ସାଧାରଣ ସଦସ୍ୟଭାବେ ବିଜେଡିରେ ଯୋଗ ଦେଇଛନ୍ତି । ତାଙ୍କୁ ଏ ପର୍ଯ୍ୟନ୍ତ କୌଣସି ପଦପଦବୀ ଦିଆଯାଇନାହିଁ । ତାଙ୍କୁ ଦଳ ଓ ଦଳୀୟ କାର୍ଯ୍ୟ ସହିତ ଅଭ୍ୟସ୍ତ ହେବାକୁ ଦିଆଯାଉ । ଏହି ଅବସରରେ ସୁଜାତାଙ୍କ ପ୍ରଥମ ପ୍ରତିକ୍ରିୟା ଥିଲା, "ନବୀନ ସାରଙ୍କ ନେତୃତ୍ୱରେ ମୁଁ ୨୪ ବର୍ଷ ଓଡ଼ିଶା ମାଟିର ସେବା କରିବାକୁ ସୁଯୋଗ ପାଇଥିଲି । ଏବେ ପୁଣି ତାଙ୍କ ନେତୃତ୍ୱରେ ଓଡ଼ିଶାବାସୀଙ୍କ ସେବା କରିବାକୁ ନୂଆ ସୁଯୋଗ ପାଇଛି । ପ୍ରଭୁ ଜଗନ୍ନାଥଙ୍କ କୃପା ଓ ଆଶୀର୍ବାଦରୁ ରାଜ୍ୟବାସୀଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ତଥା ପ୍ରତିଶ୍ରୁତିବଦ୍ଧତା ନେଇ କାର୍ଯ୍ୟ କରିବି ।" ରାଜନୀତିରେ ନିଜ ଯୋଗଦାନକୁ ସୁଜାତା ଦଶନ୍ଧି ଧରି କରିଆସିଥିବା ପ୍ରଶାସନିକ କାର୍ଯ୍ୟର ଏକ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ପରିସର ରୂପେ ଅଭିହିତ କରିଛନ୍ତି । ଆଜି ଓଡ଼ିଶାର ସେବା କରିବାକୁ ପୁଣି ଥରେ ନବୀନ ପଟ୍ଟନାୟକ ପୁଣିଥରେ ସୁଯୋଗ ଦେଇଛନ୍ତି । ସେଥିପାଇଁ ସେ କୃତଜ୍ଞତା ବୋଲି ସୁଜାତା ରାଉତ କହିଛନ୍ତି ।

## ସୁଜାତା ରାଉତ କିଏ ?

୨୦୦୦ବ୍ୟାଚର ଆଇଏଏସ୍ ଅଫିସର ସୁଜାତା ରାଉତ ଓଡ଼ିଶାରେ ୨୪ ବର୍ଷର ପ୍ରଶାସନିକ ସେବା ପରେ ୨୦୨୫ ମାର୍ଚ୍ଚ ୧୩ରେ ସିଭିଲ ସର୍ଭିସରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ସୁଜାତାଙ୍କ ଘର  କେନ୍ଦ୍ରାପଡ଼ା ଜିଲାରେ । ସମାଜ ମଙ୍ଗଳ କାର୍ଯ୍ୟଗୁଡ଼ିକୁ ନେଇ ସେ ରାଜ୍ୟରେ ବେଶ୍ ଜଣାଶୁଣା । ବିଶେଷକରି ମହିଳା, ଶିଶୁ ଓ ବଞ୍ଚିତ ବର୍ଗଙ୍କ ପାଇଁ ସୁଜାତା ଅନେକ କାର୍ଯ୍ୟକ୍ରମ

ଜରିଆରେ ନିଜ ନିପୁଣତା ଓ ବିଚକ୍ଷଣତାର ପରିଚୟ ଦେଇଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଲେଡି ଶ୍ରୀରାମ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ ଶିକ୍ଷା ଗ୍ରହଣ ପରେ ଏହି ଓଡ଼ିଆ ଝିଅ ଦେଶର ମର୍ଯ୍ୟାଦାସମ୍ପନ୍ନ ଶିକ୍ଷାନୁଷ୍ଠାନ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍ୟୁ)ରୁ ଇଣ୍ଟରନ୍ୟାଶନାଲ ପଲିଟିକ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଲାଲ ବାହାଦୁର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନ୍‌ରେ ତାଲିମ ନେବା ସମୟରେ ସୁଜାତା ବେଷ୍ଟ ଅଫିସର ଟ୍ରେନି ଭାବେ ଅଶୋକ ବାମାଓ୍ୱାଲେ ପୁରସ୍କାର ପାଇଥିଲେ ।

## ପ୍ରଶାସନିକ ଯାତ୍ରା ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଆଇଏଏସ୍ ଅଫିସର କ୍ୟାରିୟର ଭିତରେ ସୁଜାତା ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଳଙ୍କୃତ କରିଥିଲେ । ସୁନ୍ଦରଗଡ଼ ଜିଲାପାଳ ରୂପେ ନିଯୁକ୍ତ ଥିବାବେଳେ ସେ ସ୍କୁଲ ଛାତ୍ରୀମାନଙ୍କ ପାଇଁ ସାଇକେଲ ବଣ୍ଟନ ଯୋଜନା ଆରମ୍ଭ କରି ଆଦିବାସୀ ପିଲାଙ୍କ ଡ୍ରପ୍ ଆଉଟ୍ ହାର ହ୍ରାସ କରିବାରେ ସକ୍ଷମ ହୋଇଥିଲେ । ପରବର୍ତ୍ତୀ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରିଥିଲେ । ଗ୍ରାମାଞ୍ଚଳ ଯୁବପିଢ଼ିଙ୍କ ମଧ୍ୟରେ ହକିକୁ ଲୋକପ୍ରିୟ କରାଇବା ହେଉ କି ସୁନ୍ଦରଗଡ଼ ଜିଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସବୁଠି ସୁଜାତାଙ୍କ ସ୍ୱତନ୍ତ୍ର କାର୍ଯ୍ୟଶୈଳୀ ତାଙ୍କୁ ଜଣେ ଉଦୀୟମାନ ଯୁବ ପ୍ରଶାସିକା ଭାବେ ପରିଚୟ ପ୍ରଦାନ କରିଥିଲା । ୨୦୦୬ରେ ମଧ୍ୟାହ୍ନ ଭୋଜନରେ ଅଣ୍ଡାକୁ ସାମିଲ କରାଯିବା ମଧ୍ୟ ସୁଜାତାଙ୍କ ଏକ ପୁଷ୍ଟିକର ଅବଦାନ । କଟକ ଜିଲାପାଳ ଥିବାବେଳେ ଗର୍ଭବତୀମହିଳାଙ୍କ ପାଇଁ ମମତା ଯୋଜନା ଆରମ୍ଭ କରି ସୁଜାତା ଓଡ଼ିଶାର ଘରେ ଘରେ ପରିଚିତ ହୋଇ ପାରିଥିଲେ । ସୁଜାତାଙ୍କ ସର୍ବଶ୍ରେଷ୍ଠ କୃତି ମଧ୍ୟରେ ଆସିଥାଏ ମିଶନ ଶକ୍ତି । ନବୀନ ସରକାର ଏହାକୁ ନେଇ ସାରା ରାଜ୍ୟର ମହିଳାଙ୍କୁ ସଶକ୍ତ କରିବା ଦିଗରେ ଅଗ୍ରସର ହୋଇଥିଲେ । ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକ ଜରିଆରେ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରାଇବାର ଧାରା ଓଡ଼ିଶାରେ ଏଇଠୁ ଆରମ୍ଭ ହୋଇଥିଲା । ଭୁବନେଶ୍ୱରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ମଧ୍ୟ ସୁଜାତା କରାଇଥିଲେ, ଯାହାକି ଭାରତ ତଥା ବିଶ୍ୱର ବିଭିନ୍ନ ଭାଗରେ ବସବାସ କରୁଥିବା ଓଡ଼ିଆ ବିଦ୍ୱାନ ଓ ବୁଦ୍ଧିଜୀବୀଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ଗୋଟିଏ ମଞ୍ଚରେ ଛିଡ଼ା କରାଇଥିଲା ।

## ରାଜନୈତିକ ପ୍ରେକ୍ଷାପଟ

ରାଜନୀତିରେ ସୁଜାତାଙ୍କ ଯୋଗଦାନ ଏପରି ସମୟରେ ହୋଇଛି, ଯେତେବେଳେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଦ୍ୱିତୀୟ ବର୍ଷ ପୂର୍ତ୍ତିର ଉତ୍ସବ ମନାଉଛନ୍ତି । ସକ୍ରିୟ ରାଜନୀତିରୁ ସ୍ୱାମୀ ଭି.କେ ପାଣ୍ଡିଆନ୍‌ଙ୍କ ସନ୍ନ୍ୟାସ ପରଠୁ ଦଳରେ ଯେଉଁ ରଣନୈତିକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା, ସୁଜାତା ତାକୁ ପୂରଣ କରିପାରିବେ ବୋଲି ଅନେକେ ମତ ଦେଉଛନ୍ତି । ଏପରି କି ଏଭଳି ଜଣେ ଅନୁଭବୀ ତଥା ଡାଇନାମିକ୍ ବ୍ୟକ୍ତିତ୍ୱ ରାଜ୍ୟ ରାଜନୀତିକୁ ରୁଦ୍ଧିମନ୍ତ କରିବ ବୋଲି ବିରୋଧୀ କଂଗ୍ରେସ ମଧ୍ୟ କହିବାକୁ ପଛାଇନାହିଁ ।

"ଭଗବାନ ଶ୍ରୀକୃଷ୍ଣ ଗୀତରେ କହିଥିଲେ, 'କର୍ମଣ୍ୟେ ବାଧିକାରସ୍ତେ, ମା ଫଳେଷୁ କଦାଚନ ।' ଆଜି ବି ମୁଁ ସେଇ ଶ୍ଳୋକକୁ ମନେ ରଖିଛି । ପ୍ରତ୍ୟେକ କାମକୁ ନିଷ୍ଠା ଓ ସମର୍ପଣ ଭାବରେ କରିଆସିଛି । ଦଳ ପାଇଁ ସମ୍ପୂର୍ଣ୍ଣ ନିଷ୍ଠା ଓ ସମର୍ପଣ ଭାବ ନେଇ କାର୍ଯ୍ୟ କରିବି । ନବୀନ ସାରଙ୍କ ନେତୃତ୍ୱରେ ମୁଁ ୨୪ ବର୍ଷ ଓଡ଼ିଶା ମାଟିର ସେବା କରିବାକୁ ସୁଯୋଗ ପାଇଥିଲି । ଏବେ ପୁଣି ତାଙ୍କ ନେତୃତ୍ୱରେ ଓଡ଼ିଶାବାସୀଙ୍କ ସେବା କରିବାକୁ ନୂଆ ସୁଯୋଗ ପାଇଛି । ପ୍ରଭୁ ଜଗନ୍ନାଥଙ୍କ କୃପା ଓ ଆଶୀର୍ବାଦରୁ ରାଜ୍ୟବାସୀଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ତଥା ପ୍ରତିଶ୍ରୁତିବଦ୍ଧତା ନେଇ କାର୍ଯ୍ୟ କରିବି ।"




## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩-୨୪ ପ୍ରଦାନ

ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ୩୫ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୩-୨୦୨୪ ମସିହା ପାଇଁ ପ୍ରଦାନ କରାଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଓଡ଼ିଆ ସିନେମାର ସମୃଦ୍ଧି ପାଇଁ ଏକାଠି ହୋଇ 'ଟିମ୍ ଓଡ଼ିଶା' ଭାବରେ କାମ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଅସ୍ମିତାର ପରିଚୟ । ସରକାର ଖୁବ୍‌ଶୀଘ୍ର ନୂତନ ଚଳଚ୍ଚିତ୍ର ନୀତି ପ୍ରଣୟନ କରିବାକୁ ଯାଉଛନ୍ତି । ଏହାର ସର୍ବାଙ୍ଗୀନ ବିକାଶ ଓ କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ସବୁ କାର୍ଯ୍ୟ କରିବାକୁ ପ୍ରସ୍ତୁତ । ରାଜ୍ୟରେ ଅର୍ଥର ଅଭାବ ନାହିଁ ବରଂ ଯଦି କୌଣସି କାହାର ମତାମତ ଥାଏ ତେବେ ନିଶ୍ଚୟ ଦିଅନ୍ତୁ । ସରକାର ଆପଣଙ୍କ ମତାମତକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । କଳିଙ୍ଗ ଷ୍ଟୁଡିଓକୁ ଦେଶର ପ୍ରମୁଖ ଡିଜିଟାଲ ଓ ପୋଷ୍ଟ ପ୍ରଡକ୍ସନ ହବ୍‌ରେ ପରିଣତ କରାଯିବ । ସିନେମା ହଲରୁ ଓଡ଼ିଆ ସିନେମାକୁ ବାହାର କରି ଯଦି ଆଉ କୌଣସି ସିନେମାକୁ ପ୍ରଚାର କରାଯାଏ ତେବେ ସରକାରୀ ସ୍ତରରେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ସହ ସମସ୍ତ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ସଙ୍କଳ୍ପବଧ । ଓଡ଼ିଶାର ପ୍ରତି ବ୍ଲକରେ ସିନେମା ହଲ ହେବ । ଗୋଟିଏ ବ୍ଲକରେ ଅତି କମ୍‌ରେ ଗୋଟିଏରୁ ଦୁଇଟି ସିନେମା ହଲ ଖୋଲାଯିବ । ଗାଁରେ ସିନେମା ଚାଲିଲେ ଯାଇ ସୁପର ଡୁପର ହିଟ୍ ହେବ । ସେହିପରି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଆଗାମୀ ଦିନରେ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଅନୁଷ୍ଠାନର ବିକାଶ ସାଙ୍ଗକୁ ଦକ୍ଷ ମାନବ ସମ୍ବଳ ଯୋଗାଇ ଦିଆଯିବା ସହ ଖୁବ୍‌ଶୀଘ୍ର କଳିଙ୍ଗ ଷ୍ଟୁଡିଓ ଖୋଲିବ । ସେହିପରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ, ସରକାର ଆଜି ଓଡ଼ିଆ ସିନେମା ଜଗତର ପୁନରୁଦ୍ଧାର ପାଇଁ ସଙ୍କଳ୍ପବଦ୍ଧ । ଏହି ଉତ୍ସବରେ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୩ ବର୍ଷ ପାଇଁ ବିଶିଷ୍ଟ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ ୨୦୨୪ ବର୍ଷ ପାଇଁ ବିଶିଷ୍ଟ ଅଭିନେତ୍ରୀ ନମ୍ରତା ଦାସ(ଡଲିଅପା)ଙ୍କୁ ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ତଥା ଜୀବନବ୍ୟାପୀ ସାଧନା ସମ୍ମାନ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉଭୟ କଳାକାରଙ୍କୁ ପୁଷ୍ପଗୁଚ୍ଛ, ଟ୍ରଫି, ଅଙ୍ଗବସ୍ତ୍ର, ମାନପତ୍ର ସହିତ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଏହାସହିତ ୨ବର୍ଷ ଲାଗି ୬୨ ବିଭାଗରେ ବିଭିନ୍ନ ଚଳଚ୍ଚିତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା କଳାକାର ଓ ଜୁରି ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଦିଗପହଣ୍ଡିର ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ତଥା ଅଭିନେତା ଅକାଶଦାସ ନାୟକ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ପୁରସ୍କାର ବିଚାରକ ମଣ୍ଡଳୀର ଅଧ୍ୟକ୍ଷ ପ୍ରଣବ ଦାସ ପ୍ରମୁଖ ଉପସ୍ଥିତଥିଲେ ।



KIMS SUPER SPECIALTY
& CANCER CENTRE
Super Speciality Hospital
Cancer Centre
STATE OF ART
HEALTHCARE FACILITY AND
TO DELIVER WORLD-CLASS
MEDICAL SERVICES
SERVICES & MORE
KIMS FACTS
Nurses 1,000 +
Pharmacists 200 +
KIMS Red Ambulance @ 1800 309 8888 and 0674-7111333
Hello KIMS: @ 0674-7111000 / 2304400

# ସ୍ଥିତପ୍ରଜ୍ଞ

■ଦିଲ୍ଲୀପ ଦାଶଶର୍ମା

ବହୁମୁଖୀ ପ୍ରତିଭାର ଅଧିକାରୀ ଶ୍ରୀ ଦିଲ୍ଲୀପ ଦାଶଶର୍ମାଙ୍କ ଜନ୍ମ ଜାନୁଆରୀ ୨୬ ତାରିଖ ୧୯୬୬ ମସିହାରେ ଅନୁଗୋଳ ଜିଲ୍ଲାର ତଳମୂଳ ଶାସନ ନୂଆଁସାହି ଗ୍ରାମରେ । ପିତା ଶ୍ରୀ ଭ୍ରମରବର ଦାଶ ଓ ମାତା ସ୍ୱର୍ଗୀୟା ସୁଷମା ଦାଶ । ଶିକ୍ଷାଗତ ଯୋଗ୍ୟତା ତାଙ୍କର ବାଣିଜ୍ୟରେ ଅଧିସ୍ନାତକ ଓ ଆଇନରେ ସ୍ନାତକ ଉପାଧି । ବୃତ୍ତିରେ ଅଧିବକ୍ତା(ଟିକସ ବିଭାଗ) ହେଲେ ମଧ ସେ ପ୍ରକୃତରେ ଜଣେ ସମାଜସେବୀ ଓ ସଙ୍ଗଠକ । ସମ୍ପ୍ରତି ସେ ରେଡକ୍ରସ, ସେଣ୍ଟଜୋନ ଆମ୍ବୁଲାନ୍ସ ଓ ଉତ୍କଳ ସମ୍ମିଳନୀ ଭଳି ଅନୁଷ୍ଠାନର ଆଜୀବନ ସଦସ୍ୟ ଥିବାବେଳେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ପ୍ରତିଷ୍ଠାତା ଓ ପ୍ରଥମ ସଭାପତି, ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ପ୍ରତିଷ୍ଠାତା ସଭାପତି, ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ, ଭୁବନେଶ୍ୱର ଦୁର୍ଗାପୂଜା ଭସାଣୀ ସମିତି ଓ ଭି.ଏସ୍.ଏସ୍ ନଗର ଦୁର୍ଗାପୂଜା ସମିତିର ଉପ-ସଭାପତି, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ଓ ଭି.ଏସ୍.ଏସ୍ ନଗର ଦୁର୍ଗାପୂଜା ସମିତିର ପୂର୍ବତନ କୋଷାଧ୍ୟକ୍ଷ, ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍ ରେଡକ୍ରସ ଶାଖାର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ, ଗଙ୍ଗାଧର ମେହେର ଜୟନ୍ତୀ କମିଟିର ଯୁଗ୍ମ-ସମ୍ପାଦକ, ହରିଶ୍ଚନ୍ଦ୍ର ବକ୍ସିପାତ୍ର ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ସଦସ୍ୟ ଓ ରେଡକ୍ରସ ରାଜ୍ୟ ଶାଖା ସୁରକ୍ଷା ସମିତିର ଆବାହକ ଭାବେ କାର୍ଯ୍ୟରତ । ଦିଲ୍ଲୀପ ବାବୁଙ୍କ ଲେଖା ଓ ସମ୍ପାଦନାରେ ଉତ୍କଳ ପ୍ରଭାତ, ରେଡକ୍ରସ କଥା, ସ୍ୱେଚ୍ଛାକୃତ ରକ୍ତଦାନ, ସ୍ମୃତି ଦିବସ, ଉତ୍କଳ ସମ୍ମିଳନୀ ସମାଚାର, ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତର ଇତିହାସ ଆଦି ବହୁ ପୁସ୍ତକ ପ୍ରକାଶ ପାଇଛି । ବହୁ ଅନୁଷ୍ଠାନ ସହିତ କାମ କରିବା ଓ ନିଜ ବ୍ୟକ୍ତିଗତ ଜୀବନରେ କାମ କରିବା ବେଳେ କିଛି ମୁଖ୍ୟ ଓ ଉପାଦେୟ ପ୍ରସଙ୍ଗକୁ ଏକାଠି କରି ଏହି ପୁସ୍ତକ ସେ ଲେଖିଛନ୍ତି । ଏହି ପୁସ୍ତକ ପାଠ କରିବା ପରେ ପାଠକମାନେ ନିଜ ଜୀବନରେ ହେଉ କିମ୍ବା




ସାମାଜିକ ସ୍ତରରେ ହେଉ ଯାହା ନିଷ୍ପତ୍ତି ନେବାକୁ ପଡ଼ିବ କେବେହେଲେ ବିଚଳିତ ହେବେ ନାହିଁ ଓ ଦୃଢ଼ ନିଷ୍ପତ୍ତି ନେବେ ବୋଲି ବିଶ୍ୱାସ । ଏହି ପୁସ୍ତକଟି ପାଠକମାନଙ୍କ ମଧ୍ୟରେ ଆଦୃତ ହେବ ।❖❖❖

-ପ୍ରକାଶକ




# ଜନଜାତି ବିବରଣ

■ଡକ୍ଟର ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର

ଡକ୍ଟର ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଓଡ଼ିଆ ସାହିତ୍ୟ ଜଗତରେ ଏକ ଜଣାଶୁଣା ନାଁ । ସେ ଗଳ୍ପ, କବିତା, ଫିଚର, ପ୍ରବନ୍ଧ, ସମାଲୋଚନା ଓ ଜନଜାତି ସମ୍ବଳିତ ଆଲେଖ୍ୟ ରଚନାରେ ନିଜର ରୁଚି ରଖନ୍ତି । 'ଡମ୍ବରୁ ଓ ଅନ୍ୟାନ୍ୟ ଗଳ୍ପ', 'ଈଶ୍ୱର ! ମାଫକର', 'ତାପମାତ୍ରା' (ଗଳ୍ପ ସଂକଳନ), 'ଶବ୍ଦର ସୀମାରେଖା' (ଲଳିତ ପ୍ରବନ୍ଧ ସଂକଳନ), 'ଆଖିରୁ ଆଖିକୁ ଯାହା ଦିଶେ' (ସମାଲୋଚନା) ଓ ସାତବାର କଥା, ବାରମାସ କଥା(ଶିଶୁ ସାହିତ୍ୟ) ତାଙ୍କର ଅଦ୍ୟାବଧି ପ୍ରକାଶିତ ପୁସ୍ତକ । ନିଜର ସୃଜନ କୃତିତ୍ୱ ପାଇଁ ସେ ରବି ପଟ୍ଟନାୟକ ସ୍ମୃତି ଗଳ୍ପ ପୁରସ୍କାର, ଓଡ଼ିଶା ସରକାରଙ୍କ ପ୍ରଦତ୍ତ ରାଜ୍ୟ ଯୁବ ପୁରସ୍କାର, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ଜୁନିଅର ଫେଲୋସିପ, ମନ୍ମଥ ଯୁବ ପୁରସ୍କାର, କଳିଙ୍ଗ ପୁସ୍ତକମେଳା ପୁରସ୍କାର, ତପସ୍ୱିନୀ ପୁରସ୍କାର, ଉମାକାନ୍ତ ସ୍ମୃତି ସମ୍ମାନ, ଶ୍ରୀକାନ୍ତ ଦାସ ସ୍ମୃତି ସମ୍ମାନ, କଳିଙ୍ଗ ଲିଟରାରୀ ଫେଷ୍ଟିଭାଲ ଯୁବ ପୁରସ୍କାର, ସିନ୍ଧୁଜା ସମ୍ମାନ ଆଦି ପୁରସ୍କାରରେ ସମ୍ମାନିତ । ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ସାହିତ୍ୟିକ କାର୍ଯ୍ୟକ୍ରମ ଏବଂ ଗବେଷଣାଧର୍ମୀ ସଂପାନରେ ପ୍ରତିନିଧିତ୍ୱ କରି ସେ ଉଚ୍ଚ ପ୍ରଶଂସିତ । ଜଣେ ଅନୁସନ୍ଧିତ୍ସୁ ଜନଜାତି ସଂସ୍କୃତି ଗବେଷକ ଭାବେ ତାଙ୍କର ସିଦ୍ଧି ଓ ସ୍ୱାକ୍ଷର 'ଜନଜାତି ବିବରଣ' ଗ୍ରନ୍ଥରେ ପ୍ରତିଫଳିତ । ସଂପ୍ରତି ସେ ବାରିପଦା, ମୟୂରଭଞ୍ଜ ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନାରେ ନିୟୋଜିତ ।❖❖❖

-ପ୍ରକାଶକ

# ଡ.ଏପିଜେ ଅବଦୁଲ କଲାମ

ଅବୁଲ ପକିର ଜୈନୁଲାବଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ତାମିଲନାଡୁର ପ୍ରସିଦ୍ଧ ଶୈବପୀଠ ରାମେଶ୍ୱରମଠାରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନରୁ କଲାମ ପାଠପଢ଼ା ସହିତ ଦୈନିକ ଖବରକାଗଜର ବିତରକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୧୯୬୨ରେ ସେ ଇସ୍ରୋରେ ଯୋଗ ଦେଇଥିଲେ। କଲାମଙ୍କ ବିଚକ୍ଷଣ ବୁଦ୍ଧି ଓ ପାରଙ୍ଗମତା ଯୋଗୁ ୧୯୮୨ରେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ନିଜର ଜ୍ଞାନକୌଶଳ ଯୋଗୁ ୧୯୮୨ରେ ହିଁ ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ପରାମର୍ଶଦାତାଭାବରେ ନିଯୁକ୍ତ ହୋଇଥିଲେ ଏବଂ ୧୯୯୯-୨୦୦୧ ପର୍ଯ୍ୟନ୍ତ ଭାରତ ସରକାରଙ୍କ ପ୍ରଧାନ ବିଜ୍ଞାନ ଉପଦେଷ୍ଟା ଭାବରେ କାର୍ଯ୍ୟ ତୁଲାଇଥିଲେ। ଏହିଭଳି ଜଣେ ସୁନାମଧନ୍ୟ ବ୍ୟକ୍ତି ଭାରତମାତାର ସୁଯୋଗ୍ୟ ସନ୍ତାନ ହେବା ସଙ୍ଗେ ସଙ୍ଗେ ବିଶ୍ୱର ଶ୍ରେଷ୍ଠ ୧୦ ଜଣ କ୍ଷେପଣାସ୍ତ୍ର ବୈଜ୍ଞାନିକଙ୍କ ମଧ୍ୟରୁ ଅନ୍ୟତମ। ନିଜର କର୍ମଦକ୍ଷତା ପାଇଁ ସେ ୧୯୯୭ରେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ଉପାଧି ପାଇଥିଲେ। ଏଥିସହିତ ୧୯୮୧ରେ ପଦ୍ମଭୂଷଣ ଏବଂ ୧୯୯୦ରେ ପଦ୍ମବିଭୂଷଣ ଉପାଧିରେ ଭୂଷିତ ହୋଇଥିଲେ। ମିଶାଇଲ ମ୍ୟାନ ଅବଦୁଲ କଲାମ ହେଉଛନ୍ତି ଭାରତର ପ୍ରଥମ ଅବିବାହିତ ରାଷ୍ଟ୍ରପତି। ଏଣୁ ତାଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ବ୍ରହ୍ମଚାରୀ ବୋଲି କୁହାଯାଏ। ନିଜର ଅନାବିଳ ସ୍ନେହ ଓ ବିଚକ୍ଷଣ ବୁଦ୍ଧିଯୋଗୁ ମଧ୍ୟ ସେ ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଷ୍ଠିତ ହେବାରେ ସଫଳତାଲାଭ କରିପାରିଥିଲେ। ଗରିବକୁଳରେ ଜନ୍ମ ହେଲେ ମଧ୍ୟ ଅଗାଢ଼ ବିଶ୍ୱାସ ଓ କଠିନ ପରିଶ୍ରମ ଦ୍ୱାରା ସେ ନିଜ ଭାଗ୍ୟ ଗଢ଼ି ଆଜି ସମଗ୍ର ଭାରତ ପାଇଁ ପାଲଟିଛନ୍ତି ଏକ ଆଦର୍ଶର କେନ୍ଦ୍ର ବିନ୍ଦୁ। ଏହିଭଳି ଜଣେ ଆଦର୍ଶବାନ, ଦିଗଦର୍ଶକ ମହାନ ପୁରୁଷ ୨୦୧୫ ଜୁଲାଇ ୨୭ରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କର ମୃତ୍ୟୁରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଥିଲା। ସେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଦେଶକୁ ବେଶ୍ ଗୌରବାନ୍ୱିତ କରିଛନ୍ତି।



# ପଲ୍ଲୀକବି ନନ୍ଦକିଶୋର ବଳ

ସେ ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀକବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସପେକ୍ଟର ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ରଚନାବଳି ନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲୀରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି।





# ଆମ ସମ୍ବିଧାନ ସବୁଠାରୁ ଶ୍ରେଷ୍ଠ ଓ ଭଲ

ସଙ୍କଟରେ ସମ୍ବିଧାନ, ସନ୍ଧିକ୍ଷଣରେ ଗଣତନ୍ତ୍ର ଆଲୋଚନାଚକ୍ର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଣମାଧ୍ୟମ ଅଧ୍ୟୟନ ପ୍ରତିଷ୍ଠାନମାନଙ୍କ ମିଳିତ ସହଯୋଗରେ ଏକ ଜାତୀୟ ଆଲୋଚନାଚକ୍ର ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆମ ସମ୍ବିଧାନ ସବୁଠାରୁ ଭଲ, ସବୁଠାରୁ ଶ୍ରେଷ୍ଠ । ତେବେ ଏହାର ରାଜନୈତିକ ଦୃଷ୍ଟିରେ ଅପବ୍ୟବହାର ନ ହେବା ଦରକାର । ଯଦି ଜଣେ ଖରାପ ବ୍ୟକ୍ତି ହାତରେ ଏହା ରହିବ ଓ ଏହାର ଅପବ୍ୟବହାର ହେବ ତେବେ ନାଗରିକମାନଙ୍କୁ ହିଁ ଦୁଃଖ ଭୋଗିବାକୁ ପଡ଼ିବ । ତେଣୁ ସମ୍ବିଧାନର ସୁରକ୍ଷା ତଥା ସମ୍ବିଧାନ ସମ୍ମତ ଶାସନ ବ୍ୟବସ୍ଥାର ରକ୍ଷା ପାଇଁ ନାଗରିକମାନେ ସଚେତନ ରହିବା ଆବଶ୍ୟକ ବୋଲି ଉପସ୍ଥିତ

## ୧୯୭୫ ଜରୁରୀକାଳିନ ପରିସ୍ଥିତିର ସ୍ମୃତିଚାରଣ ସଭା

ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି । ୧୯୭୫ ଜରୁରୀକାଳିନ ପରିସ୍ଥିତିର ଏକ ବିଶ୍ଲେଷଣାତ୍ମକ ନିଷ୍କର୍ସ ସ୍ୱରୂପ 'ସଙ୍କଟରେ ସମ୍ବିଧାନ: ସନ୍ଧିକ୍ଷଣରେ ଗଣତନ୍ତ୍ର' ବିଷୟରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଜରୁରୀକାଳିନ ପରିସ୍ଥିତିର ବନ୍ଦୀ ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ଅଧିବେଶନରେ ସମାଜସେବୀ କୃଷ୍ଣ ଜଗଦେବ, ଲୋକତନ୍ତ୍ର ସେନାନୀର ସମ୍ପାଦକ ଶ୍ରୀଧର ଦାଶ, ଶିକ୍ଷାବିତ୍ ଡ. ପ୍ରଶାନ୍ତ ରାଉତ, ଡ. ଗିରିଶ ପ୍ରସାଦ ସ୍ୱାଇଁ ଏବଂ ପ୍ରଗତିବାଦୀ କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଦାଶ ବେନହୁର, ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀର ଯୁଗ୍ମ ସଚିବ ସଞ୍ଜୟ କୁମାର ଛୁଆଲସିଂ, ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସମ୍ମାନିତ ଅତିଥିଭାବେ ଯୋଗଦେଇ ଜରୁରୀକାଳିନ ପରିସ୍ଥିତିର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଗଣମାଧ୍ୟମ ଅଧ୍ୟୟନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଉଭୟ ଅଧିବେଶନକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ଜରୁରୀକାଳିନ ପରିସ୍ଥିତିକୁ ନେଇ ପ୍ରକାଶିତ ଦୁଇଟି ସ୍ୱତନ୍ତ୍ର ପୁସ୍ତକ ଉନ୍ମୋଚିତ ହୋଇଥିଲା । ❖❖❖

# ସ୍ୱାମୀ କିମ୍ବା ସ୍ତ୍ରୀ କଥା ନ ହେବା ବୈବାହିକ କ୍ରୂରତା ନୁହେଁ

ତାମିଲନାଡୁର ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କ ସହ ୧୩ ଦିନ କଥା ନ ହେବାରୁ ପତ୍ନୀ ଆତ୍ମହତ୍ୟା କରିଥିଲେ । ସେହି ବ୍ୟକ୍ତି ନିଜ ପତ୍ନୀଙ୍କ ପ୍ରତି କ୍ରୂରତା ପ୍ରଦର୍ଶନ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ନିମ୍ନ ଅଦାଲତ ଏବଂ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ସେହି ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହାକୁ ବିରୋଧ କରି ସେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିଲେ । ସୁପ୍ରିମକୋର୍ଟ ବିଚାରପତି ଜେ.କେ ମହେଶ୍ୱରୀ ଓ ବିଚାରପତି ଅତୁଲ



ଏସ୍. ଚାନ୍ଦ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦୋଷମୁକ୍ତ କରିଥିଲେ । ବୈବାହିକ ଜୀବନରେ ଦମ୍ପତିଙ୍କ ମଧ୍ୟରେ ଛୋଟମୋଟ ବିବାଦ ହୋଇଥାଏ । ଯାହାକୁ ନେଇ ସେମାନେ କିଛି ଦିନ ପରସ୍ପର ସହ କଥାବାର୍ତ୍ତା ହୋଇନଥାନ୍ତି । ସ୍ୱାମୀ କିମ୍ବା ସ୍ତ୍ରୀ ପରସ୍ପର ସହ କିଛିଦିନ କଥା ନ ହେବାକୁ ବୈବାହିକ କ୍ରୂରତା ବୋଲି ଗ୍ରହଣ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି ସେହି ବ୍ୟକ୍ତି ଜଣକ ନିଜ ପତ୍ନୀଙ୍କୁ କୌଣସି ଶାରୀରିକ କିମ୍ବା ମାନସିକ ଯନ୍ତ୍ରଣା ଦେଇନାହାନ୍ତି । ❖❖❖

## ସବୁଠାରୁ ଶ୍ରେଷ୍ଠ କିଏ



- ପିତାମାତା ଶ୍ରେଷ୍ଠ ଗୁରୁ ।
- ଅନ୍ନଦାନ ଶ୍ରେଷ୍ଠ ଦାନ ।
- ଜୀବସେବା ଶ୍ରେଷ୍ଠ ଈଶ୍ୱର ସେବା ।
- ତତ୍ତ୍ୱଜ୍ଞାନ ଶ୍ରେଷ୍ଠ ଜ୍ଞାନ ।
- ଆତ୍ମ ଦର୍ଶନ ଶ୍ରେଷ୍ଠ ସାଧନ ।
- ସତ୍‌ମାର୍ଗୀ କର୍ମ ଶ୍ରେଷ୍ଠ କର୍ମ ।
- କର୍ତ୍ତବ୍ୟ କର୍ମ ଶ୍ରେଷ୍ଠ ବିଚାର ।
- ଭାଷା ଓ ବ୍ୟବହାର ମନୁଷ୍ୟର ଶ୍ରେଷ୍ଠ ପରିଚୟ ।
- ଭକ୍ତିଯୋଗ ଶ୍ରେଷ୍ଠ ଯୋଗ ।
- ଜ୍ଞାନଯୋଗୀ ଶ୍ରେଷ୍ଠ ଯୋଗୀ ।
- ତତ୍ତ୍ୱଦର୍ଶୀ ଗୁରୁ ଶ୍ରେଷ୍ଠ ସଦ୍‌ଗୁରୁ ।
- ତ୍ୟାଗୀ ବ୍ୟକ୍ତି ଶ୍ରେଷ୍ଠ ବ୍ୟକ୍ତି ।
- ଆଦର୍ଶ ଜୀବନ ଶ୍ରେଷ୍ଠ ଜୀବନ ।
- ଈଶ୍ୱର ଚିନ୍ତା ଶ୍ରେଷ୍ଠ ଚିନ୍ତା ।
- ଦୁଗ୍ଧଜାତ ଖାଦ୍ୟ ଶ୍ରେଷ୍ଠ ଖାଦ୍ୟ ।
- ଜଗତର ମଙ୍ଗଳ ଶ୍ରେଷ୍ଠ ପ୍ରାର୍ଥନା ।
- ଈଶ୍ୱରଙ୍କ ଚରଣରେ ଶରଣ ଶ୍ରେଷ୍ଠ ଆଶ୍ରୟ ।
- ଈଶ୍ୱରଙ୍କୁ କିଛି ନ ମାଗୁଥିବା ବ୍ୟକ୍ତି ଶ୍ରେଷ୍ଠ ଧନୀ ।
- ଗୁରୁଦତ୍ତ ମନ୍ତ୍ର ଶ୍ରେଷ୍ଠ ଗୁପ୍ତ ଧନ ।

## ନିଜର ଅଧିକାର କିପରି ସାବ୍ୟସ୍ତ କରିବ

- ଖୁବ୍ ବିଶ୍ୱସ୍ତ ହେବ ।
- କୌଣସି ଜିନିଷକୁ ଲୋଭ କରିବ ନାହିଁ ।
- କେତେବେଳେ ଅବାଧ ହେବ ନାହିଁ ।
- କୌଣସି କଥାରେ ବିତଣ୍ଡା ଯୁକ୍ତି କରିବ ନାହିଁ ।
- କାହାରି ମନରେ କଷ୍ଟ ଦେଲା ଭଳି କିଛି କହିବ ନାହିଁ ।
- ଘରକଥା ପଦାରେ ପକାଇବ ନାହିଁ ।
- କାହାରି କଥା କାହା ଆଗରେ କହିବ ନାହିଁ ।
- ଅନ୍ୟର କୁ-ଶିକ୍ଷାରେ ପଡ଼ିବ ନାହିଁ ।
- ନିଜର ବାହାଦୁରୀ ଦେଖାଇ କିଛି କହିବ ନାହିଁ ।
- କଠିନ ପରିଶ୍ରମ କରିବ ।
- ସମସ୍ତଙ୍କୁ ନିଜର କରିବ ।
- ଯିଏ ଯାହା କହିଲେ ସବୁ ସହିଯିବ ।
- ବିପଦ ପଡ଼ିଲେ ଆଗଭର ହୋଇ ବାହାରି ପଡ଼ିବ ।
- ଖାଇବାରେ ପିନ୍ଧିବାରେ ଅସନ୍ତୁଷ୍ଟ ହେବ ନାହିଁ ।
- ସେବା କରିବା ପାଇଁ ପଛାଇବ ନାହିଁ ।
- ଈଶ୍ୱର ବିଶ୍ୱାସୀ ହେବ ।
- ଭାଷାରେ ଭଦ୍ରତା ଓ ନମ୍ରତା ଯେପରି ରହେ ଯତ୍ନ କରିବ ।
- ଦେଉଥିବ- ମାଗିବ ନାହିଁ ।



## କେଉଁମାନଙ୍କଠାରୁ ଦୂରେଇ ରହିବେ

- କପଟୀ ଲମ୍ପଟ ବିଟପୀ ନାରୀ ।
- ନିଶାପାଣି ଖିଆ ଅସଦାଚାରୀ ।
- ଖଚୁଆ ମିଛୁଆ ଚୋର ନାସ୍ତିକ ।
- ସଂକ୍ରାମକ ରୋଗୀ ପରନିନ୍ଦୁକ ।
- ବିଷଧର ସର୍ପ ହିଂସ୍ରକ ପ୍ରାଣୀ ।
- ପାଖକୁ ନ ଯିବ ଯେ ଜାଣି ଶୁଣି ।



## କେତେବେଳେ ପ୍ରଣାମ କରିବେ ନାହିଁ

- ଛୋଟପିଲାଙ୍କୁ କାଖେଇ ଥିବା ବେଳେ ।
- ଝାଡ଼ା, ପରିସ୍ରା ଓ ସ୍ନାନ କରୁଥିବା ବେଳେ ।
- ଖାଇ ବସିଥିବା ସମୟରେ ।
- ଦେବ ମନ୍ଦିରରେ ।
- ବରବେଶ ସାଜିଥିବା ବେଳେ ।
- ମୁଖାଗ୍ନି ଦେଉଥିବା ଅବସ୍ଥାରେ ।
- ଶବ କାନ୍ଧେଇ ଯାଉଥିବା ବେଳେ ।
- ପାଣିରେ ପଶିଥିବା ବେଳେ ।
- ତେଲ ଲଗାଇଥିବା ବେଳେ ।
- କ୍ଷୌର ହେଉଥିବା ବେଳେ ।

## କ'ଣ ଦେଖିଲେ ଶୁଭ

- ବାମ ପାଖରେ ଶବ ଦେଖିଲେ ।
- ନେଉଳ ଆଗରେ ଚାଲିଗଲେ ।
- ପୁରୁଷ ପୁଅର ଡାହାଣ ଆଖି ଓ ବାହୁ ଥରି ଉଠିଲେ ।
- ଗାଈ ବାଛୁରୀକୁ କ୍ଷୀର ପିଆଉ ଥିଲେ ।
- ମାଛ ଓ ଦହି ଦେଖିଲେ ।





# ସାଈ ଆରାଧନା ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ

ଭୁବନେଶ୍ୱରର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ସାଈ ଆରାଧନା ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ଅବସରରେ ଷଷ୍ଠ ନୃତ୍ୟ ମୋହିନୀ ଜାତୀୟ ନୃତ୍ୟ ଉତ୍ସବ-୨୦୨୬ ଆୟୋଜିତ ହୋଇଯାଇଛି । ଏହି ଉତ୍ସବକୁ ଅନୁଷ୍ଠାନର ସମ୍ପାଦିକା ଓ ନିର୍ଦ୍ଦେଶିକା ଗୁରୁ ପ୍ରଜ୍ଞା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ 'ଦୂରଦର୍ଶୀ'ର ସମ୍ପାଦକ ଶ୍ରୀ ଦୁର୍ଗା ପ୍ରସାଦ ସାମନ୍ତରାୟ, ଅଭିନେତ୍ରୀ ଶ୍ରୀମତୀ ରଶ୍ମିତା ପାଣିଗ୍ରାହୀ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଶ୍ରୀମତୀ କ୍ଷଣପ୍ରଭା ପରିଡ଼ା ଏବଂ ଗୁରୁ ଶୁଭେନ୍ଦୁ କୁମାର ଦାସ ଯୋଗଦାନ କରିବା ସହ କାର୍ଯ୍ୟକ୍ରମର ଭୂୟସୀ ପ୍ରସଂଶା କରିଥିଲେ । ଏହି କାର୍ଯ୍ୟକ୍ରମରେ ନୃତ୍ୟ ମୋହିନୀ ଯୁବା ପ୍ରତିଭା ସମ୍ମାନ ପ୍ରଦାନ ଅବସରରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କନିଷ୍ଠ ତଥା ବରିଷ୍ଠ ବିଭାଗର ଶିଳ୍ପୀଙ୍କୁ ସ୍ମୃତିଫଳକ ଏବଂ ପ୍ରଶଂସାପତ୍ର ସହ ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶେଷଦେବ ସଂଯୋଜନା କରିଥିଲେ । ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଓଡ଼ିଶୀ ସଙ୍ଗୀତ ଅଧ୍ୟାପକ ଗୁରୁ ପ୍ରଦୀପ କୁମାର ଦାସ, ଓଡ଼ିଶୀ ନୃତ୍ୟ ଗବେଷକ ଡ. ମନୋଜ କୁମାର ବେହେରା, ଉତ୍କଳ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ବିଭାଗୀୟ ମୁଖ୍ୟ ତଥା ପ୍ରଖ୍ୟାତ କଣ୍ଠଶିଳ୍ପୀ ଡ. ଅନୁସୂୟା ନାଥ ଯୋଗଦେଇଥିଲେ । ଏହି ଅବସରରେ ନୃତ୍ୟ କ୍ଷେତ୍ରରେ ଜୀବନବ୍ୟାପି ସାଧନା ନିମନ୍ତେ ନୃତ୍ୟଗୁରୁ ଶ୍ରୀମତୀ ମୁକ୍ତିଲତା ପାଲଙ୍କୁ ନୃତ୍ୟ ମୋହିନୀ ଜୀବନବ୍ୟାପୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହିତ ସାଈ ଆରାଧନା ସଂସ୍କୃତି ସମ୍ମାନ-୨୦୨୬ ଅଧ୍ୟାପିକା ମହାପାତ୍ର ସବିତା ହୋତା, ଡକ୍ଟର ଗିରିଶ ରଞ୍ଜନ ସାହୁ, ଡ. ରଘୁନାଥ ମଣ୍ଡଳ ଏବଂ ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ମଙ୍ଗରାଜଙ୍କୁ ପ୍ରଦାନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି କଳାକାର ଶୁଭେନ୍ଦୁ କୁମାର ଦାସ ଏକକ, ଦଳଗତ ଓଡ଼ିଶୀ ନୃତ୍ୟ ଶୂନୟନା ଚାରିଟେବୁଲ ଟ୍ରଷ୍ଟ ଏବଂ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା









ପରିବେଷଣ କରାଯାଇଥିଲା । ବିଶିଷ୍ଟ ସଂଯୋଜକ ତଥା ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି ଉତ୍ସବକୁ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଅମୂଲ୍ୟ କୁମାର ଦାସ ପରିଚାଳନା କରିଥିଲେ ।




# ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ ‘ସମୟ ସାକ୍ଷୀ’ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର କୃଷି ଶିକ୍ଷା ସଦନଠାରେ ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ବହୁ ପ୍ରତିକ୍ଷିତ ଆତ୍ମଜୀବନୀ ‘ସମୟ ସାକ୍ଷୀ’ ପୁସ୍ତକ ଜଣେ ସାଧାରଣ ଓଡ଼ିଆର କଥା ଲୋକାର୍ପିତ ହୋଇଛି । ୯ ଜଣ ସାଧାରଣ ଓଡ଼ିଆ ଏହି ପୁସ୍ତକ ଉନ୍ମୋଚନ କରିଛନ୍ତି । ‘ସମୟ ସାକ୍ଷୀ’ ପୁସ୍ତକ ସମ୍ପର୍କରେ ନିଜର ଆନ୍ତରିକ ମତ ରଖି ଅତ୍ୟନ୍ତ ଭାବବିହ୍ୱଳ ଭାବରେ କହିଛନ୍ତି, ଏହା କେବଳ ଆଜିର ବର୍ତ୍ତମାନର ପିଢ଼ୀଙ୍କ ପାଇଁ ନୁହେଁ, ଆଗାମୀ ପିଢ଼ୀ ପାଇଁ ବାର୍ତ୍ତାବହ ଅଟେ । ବିଶିଷ୍ଟ ସାହିତ୍ୟିକ ଦାସ ବେନହୁର ପୁସ୍ତକର ସମୀକ୍ଷା କରି କହିଥିଲେ ଯେ, ଅନେକ ବ୍ୟକ୍ତି ନିଜର ଆତ୍ମଜୀବନୀ ଲେଖିଛନ୍ତି ହେଲେ ଜଣେ ରାଜନେତାଙ୍କ ଆତ୍ମଜୀବନୀ ଅନ୍ୟମାନଙ୍କ ଠାରୁ ଭିନ୍ନ । କାରଣ ସାଧାରଣ ଲୋକମାନଙ୍କ ପାଇଁ ଏହା ଅଧିକ ପ୍ରାସଙ୍ଗିକ । ନିରଞ୍ଜନ ବାବୁଙ୍କ ଏହି ଆତ୍ମଜୀବନୀ ପୁସ୍ତକ ୩୩୬ ପୃଷ୍ଠାର ୫ଟି ବିଭାଗରେ ବିଭକ୍ତ । ଜୀବନର ସଂଘର୍ଷ, ଶାସନ, ସଫଳତା, କାହାଣୀ,

## ଆଗାମୀ ପିଢ଼ୀ ପାଇଁ ପୁସ୍ତକ ଲେଖିଛି: ନିରଞ୍ଜନ

ସାମ୍ପ୍ରତିକ ଅନୁଚିନ୍ତା, ଅଙ୍କାବଙ୍କା ରାସ୍ତା ଓ ଶେଷ କଥା ସ୍ଥାନ ପାଇଛି । କଂଗ୍ରେସ ଶାସନ ସମୟରେ ଘଟିଥିବା ଅନେକ ବିବାଦୀୟ ଘଟଣାକୁ ମଧ୍ୟ ସେ ସ୍ଥାନ ଦେଇଛନ୍ତି । ଜୀବନ ପଥରେ ସତ୍ୟ, ନିଷ୍ଠା, ଆତ୍ମବିଶ୍ୱାସ ଦୃଢ଼ତାକୁ ରଖିପାରିଲେ ଜୀବନ ସଫଳମୟ ହୋଇପାରିବ । ଜୀବନରେ ଓକିଲାତି ଓ ରାଜନୀତି ଜରିଆରେ ଜନସେବା କରିବା ତାଙ୍କର ପାଇଁ ଲକ୍ଷ୍ୟ ଥିଲା । ସେଥିପାଇଁ ବହୁ ସଂଘର୍ଷ କରିବାକୁ ପଡ଼ିଛି । ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବଙ୍କ ଭଳି ବ୍ୟକ୍ତିତ୍ୱ ଏବଂ ରାଜନୀତିରେ ବିଜୁ ପଟ୍ଟନାୟକ, ଜାନକୀ ପଟ୍ଟନାୟକ ଓ ନନ୍ଦିନୀ ଶତପଥୀଙ୍କ ଅନେକ ଗୁଣ ପ୍ରଭାବିତ କରିଛି । ଜାନକୀବାବୁଙ୍କ ଭଳି ଜଣେ ସହନଶୀଳ ଓ ଜ୍ଞାନି ବ୍ୟକ୍ତି ରାଜନୀତିରେ ବିରଳ । ଯଦି ବିଜୁ ବାବୁ ଓ ଜାନକୀବାବୁଙ୍କ ଗୋଟିଏ ବାକ୍ୟରେ ତୁଳନା କରାଯାଏ ବିଜୁବାବୁ ଥିଲେ ସ୍ୱପ୍ନଦର୍ଶୀ ଓ ଜାନକୀବାବୁ କାମ କରୁଥିବା ବ୍ୟକ୍ତିତ୍ୱ । ଏପରିକି ନନ୍ଦିନୀଦେବୀ କମ୍ୟୁନିଷ୍ଟ ଦଳ ଛାଡ଼ି କଂଗ୍ରେସରେ ଯୋଗଦେବା ପଛରେ ତାଙ୍କର ଏକ ଛୋଟ ଭୂମିକା ରହିଥିଲା । ଜୀବନର କିଛି ଅନୁଭୂତି ଓ ଘଟଣାଚରିତ୍ରକୁ ନେଇ ସେ ଆତ୍ମଜୀବନୀ ରଚନା କରିଛନ୍ତି । ଆତ୍ମଜୀବନୀରେ ଓଡ଼ିଶାର ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଗୁମର କଥାକୁ ଉନ୍ମୋଚିତ କରିଛନ୍ତି । ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ନିରଞ୍ଜନ ପଟ୍ଟନାୟକଙ୍କ ଏହି ଆତ୍ମଜୀବନୀ ‘ସମୟ ସାକ୍ଷୀ’ରେ ତାଙ୍କର ପ୍ରାୟତଃ ୫୦ ବର୍ଷର ରାଜନୈତିକ କାର୍ଯ୍ୟକଳାପ, କଂଗ୍ରେସ ଶାସନ ତଥା ନିଜର ବ୍ୟକ୍ତିଗତ ଆଭିମୁଖ୍ୟକୁ ଏହି ପୁସ୍ତକ ମାଧ୍ୟମରେ ଉପସ୍ଥାପନା କରିଛନ୍ତି । ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ପୁସ୍ତକ ଲୋକର୍ପଣ ସଭାରେ ସଭାପତିତ୍ୱ କରିଥିଲେ । ଲୋକାର୍ପଣ ଉତ୍ସବରେ ରାଜ୍ୟର ବହୁ ଲେଖକ, ବୁଦ୍ଧିଜୀବୀ ଓ କଳାକାର ଉପସ୍ଥିତଥିଲେ ।❖❖❖

# ଜାତୀୟ ଏସ୍‌ଏ ଚେସ୍ ପରୀକ୍ଷା ଫଳରେ ଭବାନୀ ମେହେର ପ୍ରଥମ

ସର୍ବଭାରତୀୟ ଚେସ୍ ସଂଘ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ମେ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ଜାତୀୟ ସିନିଅର ଆର୍ବିଟର(ଏସ୍‌ଏ) ପରୀକ୍ଷାରେ ଓଡ଼ିଶାର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି । ଏହି ଦୁଇଦିନିଆ ପ୍ରତିଯୋଗିତାକୁ ଆନ୍ତର୍ଜାତୀୟ ଆର୍ବିଟର ଆର. ଅନନ୍ତରମଣ ପରିଚାଳନା କରିଥିଲେ । ବଲାଙ୍ଗୀରର ଭବାନୀ ମେହେର, କଟକ ଏସ୍‌ଆର ଚେସ୍ କେନ୍ଦ୍ରର ରତୁକ ସାହୁ, କଳାହାଣ୍ଡିର ମନୋଜ କୁମାର ହୋତା ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନରେ ରହିଛନ୍ତି । ମାନସ ରଞ୍ଜନ ପଟ୍ଟନାୟକ, ନିରୂପମା ପୃଷ୍ଟି, ଅନିକେତ ଡାନୀ, ଗୌରହରୀ ମହାପାତ୍ର, ସର୍ବୋଚ ନମ୍ବର ରଖି ଏ ଗ୍ରେଡ୍ ପାଇଛନ୍ତି । ସେହିପରି ସୁବାଶିଷ ପଟ୍ଟନାୟକ, ମନୋଜ କୁମାର ପରିଡ଼ା, ସରୋଜ କୁମାର ଦାସ, ନାରାୟଣ ଦାସ, ଲଲାଟକେଶରୀ ସାମଲ, ବିକ୍ରମ କେଶରୀ ବିଶ୍ୱାଳ, ସୁକଦେବ ଗୁରୁ ବି ଗ୍ରେଡ୍ ସହ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ଅଭିଷେକ ପଟ୍ଟନାୟକ, ପ୍ରଣମ କୁମାର ମହାନ୍ତି, ସମୀର କୁମାର ପଟ୍ଟନାୟକ, ବିସ୍ମିତା ସାହୁ, ସଂଘମିତ୍ରା ଷଡଙ୍ଗୀ, ଚନ୍ଦ୍ରଶେଖର ମିଶ୍ର, ଡ. ଅମରେଶ ସାହୁ ବି ଗ୍ରେଡ୍ ପାଇବା ସହ ଜାତୀୟ ସିନିଅର ଅର୍ବିଟର ଲାଇସେନ୍ସ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସଫଳ ହୋଇଥିବା ସମସ୍ତ ସିନିୟର ଆର୍ବିଟରଙ୍କୁ ନିଖିଳ ଓଡ଼ିଶା ଚେସ୍ ସଂଘର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, କୋଷାଧ୍ୟକ୍ଷ ବି.ବି ମିଶ୍ର, କାର୍ଯ୍ୟକାରୀ କମିଟିର ସଦସ୍ୟ ପ୍ରଦୀପ ମହାନ୍ତି, ପଦ୍ମିନୀ ସିଂ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ❖❖❖

**ଗୃହ ଉପକରଣଠୁ ଆରମ୍ଭ କରି ମହାକାଶ ଯାନ, କୃତ୍ରିମ ଦାନ୍ତ, ବୈଦ୍ୟୁତିକ ଉପକରଣ, ସିମେଣ୍ଟ, ସେରାମିକ୍ ଟାଇଲ, ଗୃହ ସଜ୍ଜା ଉପକରଣ ଆଦିରେ ସେରାମିକର ବ୍ୟବହାର କରାଯାଏ । ଉଚ୍ଚ ତାପମାତ୍ରା ସହ୍ୟ କରିବାର ଶକ୍ତି ଥିବାରୁ ସେରାମିକକୁ ବୈଦ୍ୟୁତିକ ଉପକରଣ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ସେରାମିକ୍ ସାମଗ୍ରୀର ଉତ୍ପାଦନ ଏବଂ ବ୍ୟବହାର ସମ୍ପର୍କରେ ସେରାମିକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଶିକ୍ଷା ଓ ତାଲିମ ଦିଆଯାଇଥାଏ । କଞ୍ଚାମାଲ ସଂଗ୍ରହ, ପ୍ରକ୍ରିୟାକରଣ ତଥା ବ୍ୟବହାର ସମ୍ପର୍କରେ ତାଲିମ ଦିଆଯାଏ । ଆଜିକାଲି ସେରାମିକ୍ ଇଣ୍ଡଷ୍ଟ୍ରି ନିଯୁକ୍ତି କ୍ଷେତ୍ରରେ ଅନେକ ସୁଯୋଗ ସୃଷ୍ଟି କରିଛି ।**



# ସେରାମିକ୍ ଇଞ୍ଜିନିୟରିଂ

ସେରାମିକ୍ ଇଞ୍ଜିନିୟରିଂ ପାଠ୍ୟକ୍ରମ ପାଇଁ ସର୍ବଭାରତୀୟ ଏବଂ ରାଜ୍ୟସ୍ତରରେ ଲିଖିତ ପ୍ରବେଶିକା ପରୀକ୍ଷା ହେଉଛି । ଯୁକ୍ତ ଦୁଇ ବିଜ୍ଞାନ ପରେ ଏହି ସବୁ ପରୀକ୍ଷା ପାଇଁ ଆବେଦନ କରିହେବ । ସେରାମିକ୍ ଇଞ୍ଜିନିୟରିଂରେ ଆଇଟିଆଇ, ଡିପ୍ଲୋମା, ବିଟେକ୍, ଏମ୍‌ଟେକ୍ ଆଦି କରିବାର ସୁବିଧା ରହିଛି । ରସାୟନିକ ବିଜ୍ଞାନ ତଥା ପଦାର୍ଥ ବିଜ୍ଞାନରେ ଏମ୍‌ଏସ୍‌ସି କରିଥିବା ବିଦ୍ୟାର୍ଥୀମାନେ ସେରାମିକ୍ ଇଞ୍ଜିନିୟରିଂ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ । କେମିକାଲ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଏବଂ ମେକାନିକାଲ ଇଞ୍ଜିନିୟରିଂ କରିଥିଲେ ମଧ୍ୟ ସେରାମିକ୍ ଇଞ୍ଜିନିୟରିଂରେ ଏମ୍‌ଟେକ୍ କରିହେବ ।



**ନିଯୁକ୍ତି:-**

ଜଣେ ସେରାମିକ୍ ଇଞ୍ଜିନିୟର ସେରାମିକ୍ ସାମଗ୍ରୀ ତିଆରି କାରଖାନାରେ ଚାକିରି କରିପାରିବେ । ମହାକାଶ ଯାନ ନିର୍ମାଣରେ ସେରାମିକର ବ୍ୟବହାର କରାଯାଉଥିବାରୁ ଏହି କ୍ଷେତ୍ରରେ ସେରାମିକ୍ ଇଞ୍ଜିନିୟରମାନଙ୍କ ଆବଶ୍ୟକତା ରହିଛି । ବୈଦ୍ୟୁତିକ ସାମଗ୍ରୀ, ଗୃହ ଉପକରଣ, ସିମେଣ୍ଟ ଫ୍ୟାକ୍ଟ୍ରି, ଟାଇଲ କାରଖାନା, ଚିକିତ୍ସା ସାମଗ୍ରୀ ତିଆରି କାରଖାନା ଆଦିରେ ମଧ୍ୟ ସେରାମିକ୍ ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ଦିଆଯାଉଛି । ଉଭୟ ବୈଜ୍ଞାନିକ ଏବଂ ବ୍ୟବହାରିକ ଶିକ୍ଷା ପ୍ରାପ୍ତ ହୋଇଥିବାରୁ ସେରାମିକ୍ ଇଞ୍ଜିନିୟରିଂ ବିଦ୍ୟାର୍ଥୀମାନେ ମ୍ୟାନେଜର, ପ୍ରୋଜେକ୍ଟ ସୁପରଭାଇଜର, ସେଲସ ଇଞ୍ଜିନିୟର ଏବଂ ଟେକ୍‌ନିକାଲ କନସଲଟାଣ୍ଟ ଭାବରେ ମଧ୍ୟ କାର୍ଯ୍ୟ କରିପାରିବେ ।

**କେଉଁଠି ପଢ଼ିବେ:-**

- ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି), ରାଉରକେଲା ।
- ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସେରାମିକ୍‌ସ, କୋଲକାତା ।
- କଲେଜ ଅଫ୍ ସେରାମିକ୍ ଟେକ୍ନୋଲୋଜି, କୋଲକାତା ।
- ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମୁମ୍ବାଇ ।
- ଅାନ୍ନା ୟୁନିଭରସିଟି, ଗୁଣ୍ଡି, ଚେନ୍ନାଇ ।
- ପିଡିଏ କଲେଜ ଅଫ୍ ଇଞ୍ଜିନିୟରିଂ, ଗୁଲବର୍ଗା, କର୍ଣ୍ଣାଟକ ।
- ସେଣ୍ଟ୍ରାଲ ଗ୍ଲାସ୍ ଆଣ୍ଡ ସେରାମିକ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍, କୋଲକାତା ।




# ଘରୋଇ ହିଂସା ବିରୋଧୀ ଆଇନ ଓ ମହିଳାଙ୍କ ସୁରକ୍ଷା



**ଡ. ଗିରୀଶ ରଞ୍ଜନ ସାହୁ**
ଆଇନ ବିଭାଗ, ସେଞ୍ଚୁରିଅନ
ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା

ପରିବାରକୁ ସମାଜର ମୂଳଭିତ୍ତି ଭାବରେ ବିଚାର କରାଯାଏ । ପରିବାର ମଧ୍ୟରେ ସ୍ନେହ, ସହଯୋଗ, ସମ୍ମାନ ଓ ସୁରକ୍ଷାର ପରିବେଶ ରହିବା ଆବଶ୍ୟକ । କିନ୍ତୁ ଆଜିର ସମାଜରେ ଅନେକ ମହିଳା ନିଜ ଘର ଭିତରେ ବିଭିନ୍ନ ପ୍ରକାରର ହିଂସା ଓ ନିର୍ଯାତନାର ଶିକାର ହେଉଛନ୍ତି । ଘରୋଇ ହିଂସା କେବଳ ଶାରୀରିକ ନିର୍ଯାତନାରେ ସୀମିତ ନୁହେଁ, ଏହା ମାନସିକ, ଭାବନାତ୍ମକ, ଯୌନ ଓ ଆର୍ଥିକ ନିର୍ଯାତନାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ । ଜଣେ ମହିଳା ନିଜ ଘର ମଧ୍ୟରେ ଅସୁରକ୍ଷିତ ଅନୁଭବ କରିବା ସମାଜ ପାଇଁ ଏକ ଗଭୀର ଚିନ୍ତାର ବିଷୟ ।

ଘରୋଇ ହିଂସା କେବଳ ଏକ ପାରିବାରିକ ସମସ୍ୟା ନୁହେଁ, ଏହା ମାନବାଧିକାରର ଉଲ୍ଲଂଘନ ଓ ସାମାଜିକ ନ୍ୟାୟ ପ୍ରତି ଏକ ଚ୍ୟାଲେଞ୍ଜ । ଏହା ମହିଳାଙ୍କ ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସନ୍ତୁଳନ, ଆତ୍ମସମ୍ମାନ, ସ୍ୱାଧୀନତା ଓ ଜୀବନର ଗୁଣାତ୍ମକ ମାନକୁ ଗଭୀର ଭାବରେ ପ୍ରଭାବିତ କରେ । ଅନେକ ସମୟରେ ମହିଳାମାନେ ସାମାଜିକ ଚାପ, ଆର୍ଥିକ ନିର୍ଭରଶୀଳତା, ପରିବାରର ସମ୍ମାନ ରକ୍ଷାର ଚିନ୍ତା ଓ ଆଇନ ସଚେତନତାର ଅଭାବ କାରଣରୁ ନିର୍ଯାତନା ବିରୋଧରେ ସ୍ୱର ଉଠାଇ ପାରନ୍ତି ନାହିଁ ।

ଭାରତୀୟ ସମ୍ବିଧାନ ମହିଳାଙ୍କୁ ସମାନତା, ସ୍ୱାଧୀନତା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ଅଧିକାର ପ୍ରଦାନ କରିଛି । ଏହି ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷିତ କରିବା ପାଇଁ ଘରୋଇ ହିଂସା ବିରୋଧରେ ବିଭିନ୍ନ ଆଇନ ପ୍ରଣୟନ

କରାଯାଇଛି । ସେଥିମଧ୍ୟରୁ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଆଇନ, ୨୦୦୫ ଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଗତିଶୀଳ ଆଇନ ।



**ଘରୋଇ ହିଂସାର ଅର୍ଥ ଓ ପରିସର:-**

ଘରୋଇ ହିଂସା ବୋଲି ଯେକୌଣସି ପ୍ରକାରର ଆଚରଣକୁ ବୁଝାଯାଏ ଯାହା ଘରୋଇ ସମ୍ପର୍କ ମଧ୍ୟରେ ଥିବା ଜଣେ ମହିଳାଙ୍କୁ ଶାରୀରିକ, ମାନସିକ, ଭାବନାତ୍ମକ, ଯୌନ କିମ୍ବା ଆର୍ଥିକ କ୍ଷତି ପହଞ୍ଚାଏ । ଏହି ହିଂସା ସ୍ୱାମୀ, ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦ କିମ୍ବା ପରିବାରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ଘଟିପାରେ ।

ଶାରୀରିକ ନିର୍ଯାତନାରେ ମାଡ଼ ମାରିବା, ଧକ୍କା ଦେବା, ଜଳାଇବା, ଖାଦ୍ୟ କିମ୍ବା ଔଷଧ ନ ଦେବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ । ମାନସିକ ନିର୍ଯାତନାରେ ଅପମାନ କରିବା, ଧମକ ଦେବା, ଗାଳିଗୁଲଜ କରିବା, ଚରିତ୍ର ସଂହାର କରିବା କିମ୍ବା ସନ୍ତାନ ଜନ୍ମ ନେଇ ଅପମାନିତ କରିବା ରହିଛି । ଯୌନ ନିର୍ଯାତନା ମଧ୍ୟରେ ମହିଳାଙ୍କ ଇଚ୍ଛା ବିରୋଧରେ ଯୌନ ସମ୍ପର୍କ ପାଇଁ ବାଧ୍ୟ କରିବା କିମ୍ବା ଅପମାନଜନକ ଯୌନ ବ୍ୟବହାର କରିବା ରହିଛି । ଆର୍ଥିକ ନିର୍ଯାତନାରେ ଟଙ୍କା ପଇସା ନ ଦେବା, ଚାକିରି କରିବାକୁ ବାଧା ଦେବା, ସମ୍ପତ୍ତି ଉପରେ ଅଧିକାର ବଞ୍ଚିତ କରିବା କିମ୍ବା ମହିଳାଙ୍କ ଆୟ ଉପରେ ଅନ୍ୟାୟ ନିୟନ୍ତ୍ରଣ କରିବା ଅନ୍ତର୍ଭୁକ୍ତ ।

**ଘରୋଇ ହିଂସାର କାରଣ:-**

ଘରୋଇ ହିଂସା ପଛରେ ଅନେକ ସାମାଜିକ, ଆର୍ଥିକ ଓ ମାନସିକ କାରଣ ରହିଛି । ପିତୃସତ୍ତାତ୍ମକ ମନୋଭାବ, ମହିଳାଙ୍କ ପ୍ରତି ଅସମାନ ଦୃଷ୍ଟିଭଙ୍ଗୀ, ଯୌତୁକ ପ୍ରଥା, ନିଶାସକ୍ତ, ବେରୋଜଗାରୀ, ଅଶିକ୍ଷା ଓ ଆର୍ଥିକ ନିର୍ଭରଶୀଳତା ଏହାର ପ୍ରମୁଖ କାରଣ । ଅନେକ ସମୟରେ ସାମାଜିକ କୁସଂସ୍କାର ଓ ପରିବାରର ଚାପ ମଧ୍ୟ ଘରୋଇ ହିଂସାକୁ ପ୍ରୋତ୍ସାହନ ଦେଇଥାଏ । ମହିଳାମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ନ ଥିବାରୁ ନିର୍ଯାତନାକୁ ଭାଗ୍ୟର ଲିଖନ ଭାବି ସହି ନେଉଥାନ୍ତି । ଆର୍ଥିକ ଭାବେ ସ୍ୱାବଲମ୍ବୀ ନ ହେବା ଏବଂ ସନ୍ତାନମାନଙ୍କ ଭବିଷ୍ୟତ ପ୍ରତି ଚିନ୍ତା ମଧ୍ୟ ଅନେକ ମହିଳାଙ୍କୁ ଅତ୍ୟାଚାର ସହିବାକୁ ବାଧ୍ୟ କରେ ।

**ଘରୋଇ ହିଂସାର ପ୍ରଭାବ:-**

ଘରୋଇ ହିଂସା ଜଣେ ମହିଳାଙ୍କ ଜୀବନରେ ଦୀର୍ଘକାଳୀନ ପ୍ରଭାବ ପକାଇଥାଏ । ଏହା ଶାରୀରିକ ଆଘାତ, ମାନସିକ ଅବସାଦ, ଭୟ, ଆତ୍ମବିଶ୍ୱାସର ଅଭାବ ଓ ଆତ୍ମହତ୍ୟା ପ୍ରବଣତା ସୃଷ୍ଟି କରିପାରେ । ଘରୋଇ ହିଂସାର ପ୍ରଭାବ କେବଳ ମହିଳାଙ୍କ ମଧ୍ୟରେ ସୀମିତ ରହେ ନାହିଁ, ଏହା ସନ୍ତାନମାନଙ୍କ ମାନସିକ ବିକାଶ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ । ଏଭଳି ପରିବେଶରେ ବଢ଼ୁଥିବା ଶିଶୁମାନେ ଭୟଭୀତ, ଅସୁରକ୍ଷିତ ଓ ମାନସିକ ଭାବେ ଦୁର୍ବଳ ହୋଇପାରନ୍ତି । ସେମାନଙ୍କ ପାଠପଢ଼ା, ବ୍ୟବହାର ଓ ସାମାଜିକ ସମ୍ପର୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼େ । ସମାଜରେ ହିଂସା, ଅପରାଧ ଓ ଲିଙ୍ଗ ବୈଷମ୍ୟ ବୃଦ୍ଧି ପାଇବାରେ ମଧ୍ୟ ଘରୋଇ ହିଂସା ଏକ ପ୍ରମୁଖ କାରଣ ।

ଭାରତୀୟ ସମ୍ବିଧାନ ମହିଳାମାନଙ୍କୁ ସମାନତା ଓ ମର୍ଯ୍ୟାଦାର ଅଧିକାର ପ୍ରଦାନ କରିଛି । ଅନୁଚ୍ଛେଦ ୧୪ ଆଇନ ସମ୍ମୁଖରେ ସମସ୍ତଙ୍କ ସମାନତା ସୁନିଶ୍ଚିତ କରେ । ଅନୁଚ୍ଛେଦ ୧୫ ଲିଙ୍ଗ ଆଧାରରେ ବୈଷମ୍ୟକୁ ନିଷିଦ୍ଧ କରେ । ଅନୁଚ୍ଛେଦ ୨୧ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନର ଅଧିକାର ପ୍ରଦାନ କରେ । ଅନୁଚ୍ଛେଦ ୩୯ ଓ ଅନୁଚ୍ଛେଦ ୪୨ ମହିଳାଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ରାଜ୍ୟକୁ ବିଶେଷ ବ୍ୟବସ୍ଥା ଗ୍ରହଣ କରବାକୁ ନିର୍ଦ୍ଦେଶ ଦେଇଛି ।

**ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଆଇନ-୨୦୨୫:-**

ଏହି ଆଇନ ଭାରତରେ ମହିଳାଙ୍କ ସୁରକ୍ଷା ପାଇଁ ଏକ ମାଇଲଖୁଣ୍ଟ ସଦୃଶ । ଏହାର ଉଦ୍ଦେଶ୍ୟ କେବଳ ଅପରାଧୀଙ୍କୁ ଦଣ୍ଡ ଦେବା ନୁହେଁ, ବରଂ ପୀଡ଼ିତାଙ୍କୁ ତୁରନ୍ତ ସୁରକ୍ଷା ଓ ପୁନର୍ବାସ ପ୍ରଦାନ କରିବା । ଏହି ଆଇନ ଅନୁସାରେ ଯେକୌଣସି ମହିଳା ଯିଏ ଘରୋଇ ସମ୍ପର୍କ ମଧ୍ୟରେ ହିଂସାର ଶିକାର ହୋଇଛନ୍ତି, ସେ ଆଇନର ସୁରକ୍ଷା ପାଇବାକୁ ଅଧିକାରୀ । ଏହି ଆଇନ କେବଳ ବିବାହିତ ମହିଳାଙ୍କ ପାଇଁ ସୀମିତ ନୁହେଁ । ମାଆ, ଭଉଣୀ, ଝିଅ, ବିଧବା ଓ ବିବାହ ସଦୃଶ ସମ୍ପର୍କରେ ଥିବା ମହିଳାମାନେ ମଧ୍ୟ ଏହାର ସୁରକ୍ଷା ପାଇପାରିବେ । ଏହି ଆଇନ ଅନୁସାରେ ପୀଡ଼ିତା ମହିଳା ସୁରକ୍ଷା ଆଦେଶ, ବାସସ୍ଥାନ ଆଦେଶ, ଆର୍ଥିକ ସହାୟତା, ଭରଣପୋଷଣ, ଶିଶୁ ହେପାଜତ ଓ କ୍ଷତିପୂରଣ ଦାବି କରିପାରିବେ ।

**ମହିଳାଙ୍କ ବାସସ୍ଥାନର ଅଧିକାର:-**

ଘରୋଇ ହିଂସା ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି ବାସସ୍ଥାନର ଅଧିକାର । ଜଣେ ମହିଳାଙ୍କୁ ତାଙ୍କ ସାମାନ୍ୟ ବାସସ୍ଥାନରୁ ବଳପୂର୍ବକ ବାହାର କରାଯାଇପାରିବ ନାହିଁ । ଘରଟି ସ୍ୱାମୀଙ୍କ ନାମରେ ଥାଉ କିମ୍ବା ଶ୍ୱଶୁରଙ୍କ ନାମରେ ଥାଉ, ମହିଳାଙ୍କର ସେଠାରେ ରହିବାର ଅଧିକାର ରହିଛି । ମ୍ୟାଜିଷ୍ଟ୍ରେଟ୍ ଆବଶ୍ୟକ ହେଲେ ପୀଡ଼ିତାଙ୍କ ପାଇଁ ବିକଳ୍ପ ଆବାସ ବ୍ୟବସ୍ଥା କରିବାକୁ ମଧ୍ୟ ଆଦେଶ ଦେଇପାରିବେ ।

ଘରୋଇ ହିଂସାର ଶିକାର ହେଲେ ପୀଡ଼ିତା ମହିଳା ନିକଟସ୍ଥ ଥାନାରେ ଅଭିଯୋଗ ଦାଖଲ କରିପାରିବେ । ଗୁରୁତର ଶାରୀରିକ ଆକ୍ରମଣ, ଜୀବନ ପ୍ରତି ବିପଦ, ଯୌତୁକ ନିର୍ଯାତନା କିମ୍ବା ଅନ୍ୟ କୌଣସି ଦଣ୍ଡନୀୟ ଅପରାଧ ଘଟିଥିଲେ ପୋଲିସ ନିକଟରେ ପ୍ରଥମ ସୂଚନା ରିପୋର୍ଟ ଦାଖଲ କରାଯାଇପାରିବ । ପୀଡ଼ିତା ସିଧାସଳଖ ମ୍ୟାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରି ସୁରକ୍ଷା ଆଦେଶ, ବାସସ୍ଥାନ ଆଦେଶ, ଭରଣପୋଷଣ, କ୍ଷତିପୂରଣ ଓ ଶିଶୁ ହେପାଜତ୍ ପାଇଁ ଅନୁରୋଧ କରିପାରିବେ । ସେ ସୁରକ୍ଷା ଅଧିକାରୀ, ସେବା ପ୍ରଦାନକାରୀ ସଂସ୍ଥା, ଓକିଲ

କିମ୍ବା ଯେକୌଣସି ବିଶ୍ୱସ୍ତ ବ୍ୟକ୍ତିଙ୍କ ସହାୟତାରେ ମଧ୍ୟ ଆବେଦନ ଦାଖଲ କରିପାରିବେ । ପୀଡ଼ିତା ମହିଳା ନିଜ ଓ ସନ୍ତାନମାନଙ୍କ ପାଇଁ ଭରଣପୋଷଣ ଦାବି କରିପାରିବେ । ଅଦାଲତ ସ୍ୱାମୀଙ୍କ ଆୟ, ଜୀବନଶୈଳୀ ଓ ଆର୍ଥିକ ସ୍ଥିତିକୁ ବିଚାର କରି ଭରଣପୋଷଣର ପରିମାଣ ନିର୍ଦ୍ଧାରଣ କରନ୍ତି । ପୀଡ଼ିତାଙ୍କୁ ତୁରନ୍ତ ଚିକିତ୍ସା ସହାୟତା, ଆଶ୍ରୟ ଗୃହର ସୁବିଧା ଓ ନିଶୁଳ୍କ ଆଇନ ସହାୟତା ମଧ୍ୟ ପ୍ରଦାନ କରାଯାଇପାରେ । ଆର୍ଥିକ ଭାବେ ଦୁର୍ବଳ ମହିଳାମାନେ ଜିଲ୍ଲା ଆଇନ ସେବା କର୍ତ୍ତୃପକ୍ଷ ମାଧ୍ୟମରେ ନିଶୁଳ୍କ ଆଇନ ସହାୟତା ପାଇପାରିବେ ।

**ସୁରକ୍ଷା ଅଧିକାରୀ ଓ ସେବା ପ୍ରଦାନକାରୀ ସଂସ୍ଥାର ଭୂମିକା:-**

ଘରୋଇ ହିଂସା ଆଇନ ଅନୁସାରେ ପ୍ରତ୍ୟେକ ଜିଲ୍ଲାରେ ସୁରକ୍ଷା ଅଧିକାରୀ ନିଯୁକ୍ତ ହୋଇଥାନ୍ତି । ସେମାନଙ୍କ କାର୍ଯ୍ୟ ହେଉଛି ପୀଡ଼ିତାଙ୍କ ଅଭିଯୋଗ ଗ୍ରହଣ କରିବା, ଘରୋଇ ଘଟଣା ରିପୋର୍ଟ ପ୍ରସ୍ତୁତ କରିବା, ଅଦାଲତରେ ଆବେଦନ ଦାଖଲ କରିବା ଓ ପୀଡ଼ିତାଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବା । ସ୍ୱେଚ୍ଛାସେବୀ ସଂଗଠନ, ମହିଳା କମିଶନ, ଆଇନ ସେବା କର୍ତ୍ତୃପକ୍ଷ ଓ ସାମାଜିକ ସଂଗଠନମାନେ ମଧ୍ୟ ପୀଡ଼ିତାଙ୍କୁ ଆଇନ, ମାନସିକ ଓ ସାମାଜିକ ସହାୟତା ପ୍ରଦାନ କରନ୍ତି ।

**ନ୍ୟାୟାଳୟର ଭୂମିକା:-**

ଭାରତୀୟ ନ୍ୟାୟାଳୟ ବିଭିନ୍ନ ରାୟରେ ସ୍ପଷ୍ଟ କରିଛନ୍ତି ଯେ ଘରୋଇ ହିଂସା କେବଳ ଏକ ପାରିବାରିକ ବିବାଦ ନୁହେଁ । ଏହା ମହିଳାଙ୍କ ମୌଳିକ ଅଧିକାରର ଉଲ୍ଲଂଘନ । ନ୍ୟାୟାଳୟ ମହିଳାଙ୍କ ବାସସ୍ଥାନ, ଭରଣପୋଷଣ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ଅଧିକାରକୁ ସୁରକ୍ଷା ପ୍ରଦାନ କରିଛନ୍ତି ।

**ଘରୋଇ ହିଂସା ରୋକିବା ପାଇଁ ଉପାୟ:-**

ଘରୋଇ ହିଂସା ରୋକିବା ପାଇଁ ସମାଜର ଲିଙ୍ଗ ସମାନତା ପ୍ରତି ସଚେତନତା ସୃଷ୍ଟି କରିବା ଆବଶ୍ୟକ । ମହିଳାଙ୍କ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ ଓ ଆଇନ ସଚେତନତାକୁ ପ୍ରୋତ୍ସାହନ ଦେବା ଦରକାର । ଯୌତୁକ ପ୍ରଥା, ନିଶାସକ୍ତ ଓ ଲିଙ୍ଗ ବୈଷମ୍ୟ ଭଳି ସାମାଜିକ କୁପ୍ରଥାକୁ ଦୂର କରିବା ପାଇଁ ସରକାର, ସାମାଜିକ ସଂଗଠନ ଓ ଶିକ୍ଷାନୁଷ୍ଠାନମାନଙ୍କୁ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ୍ । ପରିବାର ମଧ୍ୟରେ ପାରସ୍ପରିକ ସମ୍ମାନ, ସଂଳାପ ଓ ସହଯୋଗର ପରିବେଶ ସୃଷ୍ଟି କରିବା ଦ୍ୱାରା ମଧ୍ୟ ଘରୋଇ ହିଂସାକୁ ହ୍ରାସ କରାଯାଇପାରିବ । ଘରୋଇ ହିଂସା ଏକ ଗୁରୁତର ସାମାଜିକ ଓ ଆଇନ ସମସ୍ୟା, ଯାହା ମହିଳାଙ୍କ ମର୍ଯ୍ୟାଦା, ସ୍ୱାଧୀନତା ଓ ମାନବାଧିକାରକୁ ପ୍ରଭାବିତ କରେ । ଏହାକୁ କେବଳ ପରିବାରର ଆଭ୍ୟନ୍ତରୀଣ ବିଷୟ ଭାବରେ ଦେଖିବା ଉଚିତ୍ ନୁହେଁ । ଆଇନ ମହିଳାଙ୍କୁ ବିଭିନ୍ନ ପ୍ରକାରର ସୁରକ୍ଷା ଓ ପ୍ରତିକାର ପ୍ରଦାନ କରିଛି, କିନ୍ତୁ ଆଇନର ସଫଳତା ସେତେବେଳେ ସମ୍ଭବ ଯେତେବେଳେ ମହିଳାମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହେବେ ଏବଂ ସମାଜ ସେମାନଙ୍କୁ ସମର୍ଥନ କରିବ । ଘରୋଇ ହିଂସାମୁକ୍ତ ସମାଜ ଗଠନ ପାଇଁ କେବଳ ସରକାର କିମ୍ବା ନ୍ୟାୟାଳୟର ପ୍ରୟାସ ଯଥେଷ୍ଟ ନୁହେଁ । ପରିବାର, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ସାଧାରଣ ନାଗରିକମାନଙ୍କ ସମ୍ମିଳିତ ପ୍ରୟାସ ଆବଶ୍ୟକ । ପ୍ରତ୍ୟେକ ମହିଳାଙ୍କର ସୁରକ୍ଷିତ, ସମ୍ମାନପୂର୍ଣ୍ଣ ଓ ଭୟମୁକ୍ତ ଜୀବନଯାପନ କରିବାର ଅଧିକାର ରହିଛି । ଏହି ଅଧିକାରର ସୁରକ୍ଷା କରିବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ⁘

ମୋ: ୯୪୩୮୩୨୧୫୫୧

# ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ବିଶ୍ୱ ସାମ୍ବାଦିକ କ୍ରୀଡ଼ା ଦିବସ ପାଳିତ




ଭୁବନେଶ୍ୱର ସମେଇଗାଡ଼ିଆସ୍ଥିତ ଜେ.ଏମ୍. ସ୍ପୋର୍ଟ୍ସ ଏକାଡେମୀରେ ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳିତ ହୋଇଯାଇଛି । ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଜାତୀୟ କୋଚ୍ ଚୟନକର୍ତ୍ତା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ନିଜ ଖେଳ ସମୟକୁ ମନେପକାଇବା ସହ କ୍ରୀଡ଼ାବିତ୍‌ଙ୍କ କ୍ୟାରିୟରରେ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ପ୍ରକାଶ କରିଥିଲେ । ସେହିପରି ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ଏବଂ ସ୍ତମ୍ଭକାର ସନାତନ ପାଣି ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନ ଇଣ୍ଟରନେଟ୍‌ର ଯୁଗ ହୋଇଥିଲେ ହେଁ ଅଧିକାଂଶ ଖବର ମାନ କମିଯାଇଛି । କ୍ରୀଡ଼ା ଖବରର ଅର୍ଥ କେବଳ ଚୌକା, ଛକା କିମ୍ବା ଗୋଲ ନୁହେଁ, ବିଭିନ୍ନ ସମସ୍ୟାକୁ ଉତ୍‌ଥାପନ କରି ଦୃଷ୍ଟି ଆକର୍ଷଣ କରି କ୍ରୀଡ଼ା ସାମ୍ବାଦିକଙ୍କ କାର୍ଯ୍ୟ ହେବା ଉଚିତ୍ । ପାରାଆଥଲେଟ୍ ରାଖାଲ କୁମାର ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ପାରାସ୍ପୋର୍ଟ୍ସ ଖେଳାଳିଙ୍କ ପାଇଁ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି । 'ଦୂରଦର୍ଶୀ' ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଖେଳାଳିମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କ୍ରୀଡ଼ା ସାମ୍ବାଦିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ସାମ୍ବାଦିକ ସନ୍ତୋଷ କୁମାର ମହାନ୍ତି, ରଜନୀକାନ୍ତ ଶତ୍ରୁଶଲ୍ୟ, ଶୁଭଜିତ୍ ଜେନା, ତପନ କୁମାର ମହାରଣା, ବିଜୟ କୁମାର ଖୁଣ୍ଟିଆ, ମନୋଜ କୁମାର ସ୍ୱାଇଁ ଓ ସାମାଜିକ କର୍ମୀ ବିକାଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ । ଏକାଡେମୀର ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାସହିତ ଏକାଡେମୀର କୁନି ପିଲାମାନେ ନିଜର କ୍ରୀଡ଼ା ପାରଦର୍ଶିତା ପରିବେଷଣ କରିଥିଲେ ।

ବର୍ଷାଦିନେ ଫ୍ୟାଶନେବେଲ ପୋଷାକ ପିନ୍ଧିବାର କିଛି ଅଲଗା ନିଆରା ଥାଏ । ସେଥିପାଇଁ ଏହିବର୍ଷାଦିନରେ କିଛି ସ୍ୱତନ୍ତ୍ର ଡ୍ରେସ ରହିଛି ଯାହା ଷ୍ଟାଇଲିସ ଲୁକ ଦେବା ସାଙ୍ଗକୁ ଆରାମ ମଧ ଦେଇଥାଏ । ନାରୀମାନଙ୍କୁ ସୁନ୍ଦର ଦେଖାଯିବା ସହିତ ସମସ୍ତ ପାର୍ଟି ପୋଗ୍ରାମରେ ମଧ ପିନ୍ଧି ଯାଇପାରିବେ । ବର୍ଷାଦିନର ସବୁବେଳେ ଓ ସବୁସମୟରେ ଏହାକୁ ପିନ୍ଧି ପାରିବେ ।



# ବର୍ଷାଦିନେ ଫ୍ୟାଶନର ଡ୍ରେସ

ବ୍ଲ୍ୟୁ ସ୍ଲିପ ଡ୍ରେସ ସେକ୍ସି ଲୁକ ଦେଇଥାଏ । ସର୍ଟସ ତଥା ଜିନ୍ସ ସହିତ ଏହାକୁ ଆରାମରେ ପିନ୍ଧିପାରିବେ । ବର୍ଷାଦିନେ ଢ଼ିଲା ପୋଷାକ ପିନ୍ଧନ୍ତୁ ଅଧିକ ଆରାମଦାୟକ ହୋଇଥାଏ । ସେହିପରି ବୋଡ଼ିକୋନ ଡ୍ରେସ ମହିଳାମାନେ ନାଇଟ ପାର୍ଟି ତଥା ଉତ୍ସବ ମାନଙ୍କରେ ପିନ୍ଧିବାକୁ ପସନ୍ଦ କରନ୍ତି । ବୋଡ଼ିକୋନ ଡ୍ରେସ ସହିତ ଧଳା ରଙ୍ଗର ସ୍ନିକର୍ସକୁ ପେୟାର କଲେ ବୋଲ୍ଡ ଲୁକ ଦେଇଥାଏ । ଗ୍ରାଫିକ ବୋଡ଼ିକୋନ ଉପରେ ଟି-ସାର୍ଟ ପିନ୍ଧିପାରିବେ । ବୋଡ଼ିକୋନ ଭଳି ମଧ ୱାନପିସ ସର୍ଟ ଡ୍ରେସ ରହିଛି । ଅଧିକ ବଡ଼ ଡ୍ରେସ ମନସୁନ ପାଇଁ ଆଦୌ ଉପଯୁକ୍ତ ନୁହେଁ । ୱାନପିସ ଆକର୍ଷଣୀୟ ଓ ଫିଙ୍କି ଲୁକ ଦେଇଥାଏ । ଏହା ସହିତ ମଧ ସ୍ନିକସକୁ ପିନ୍ଧିପାରିବେ । ସେହିପରି କୁଲୋଟସ ଏବକା ସମୟରେ ଏହାର ଟ୍ରେଣ୍ଡ ଅଧିକ । ଏହା ପୁରା ପ୍ରଫେସନାଲ ଲୁକ ଦେଇଥାଏ । ତେଣୁ ଏହାକୁ ପିନ୍ଧିକି କୌଣସି ମିଟିଙ୍ଗକୁ ବି ଯାଇ ହେବ । ଏହାର ଅନେକ ଭେରାଇଟି ମଧ ଉପଲବ୍ଧ । କ୍ରପ ଟପ କିମ୍ବା ଡେନିମ ଜ୍ୟାକେଟ୍ ସହିତ ପିନ୍ଧିପାରିବେ । ଏଥିରେ କୌଣସି ଅସୁବିଧା ନାହିଁ ।



# ଫ୍ୟାଶନରେ ଇୟର ରିଙ୍ଗ

ଫ୍ୟାଶନରେ ଆଜିକାଲି ପମ୍-ପମ୍, ଆର୍ଯ୍ୟ, ଚାନ୍ଦିଥ୍ରେଡସ ଇୟର ରିଙ୍ଗ ବେଶ ଚାଲିଛି । ଆପଣ ଚାହିଁଲେ ଅନଲାଇନ ସପିଂ ମଧ କରିପାରିବେ । ପ୍ରଥମେ ନିଜର ଫେସ କଟ ଉପରେ ଧାନ ଦିଅନ୍ତୁ । ଏହି ଇୟର ରିଙ୍ଗ ଆଧୁନିକ ଲୁକ୍ ଦେଇଥାଏ । ଏଥେନିକ ଆଉଟ୍‌ଫିଟସ ସହିତ ବି ଏହାକୁ ପରିଧାନ କରାଯାଇଥାଏ ।

ନାରୀମାନଙ୍କର ଗୋଲ୍ଡ ବା ରାଉଣ୍ଡ ମୁହଁ ପାଇଁ ଡ୍ୟାଙ୍ଗଲ ଇୟର ରିଙ୍ଗ ଚୟନ କରନ୍ତୁ । ଏହି ପ୍ରକାରର ଲଙ୍ଗ ଜୁଏଲାରୀ ଷ୍ଟାଇଲିସ ଲାଗିବ । ଏହା ଆପଣଙ୍କୁ ଏକ ଖାସ ଲୁକ ଦେବ । ହାର୍ଟ ସେପ ଫେସ କଟ ଉପରେ ଶେଡ଼ିଲିୟର ଇୟର ରିଙ୍ଗ ଭଲ ଲାଗେ । ଷ୍ଟାଇଲିସ ଦେଖାଯିବା ପାଇଁ ଏହାକୁ ବାଛନ୍ତୁ । ପମ ପମ ଇୟର ରିଙ୍ଗ ଯେ କୌଣସି ଫେସକୁ ମାନିଥାଏ । ଗୋଲ ମୁହଁ ପାଇଁ ଯେ କୌଣସି ପ୍ରକାର ଇୟର ରିଙ୍ଗ ଭଲ । ସ୍କୋୟାର ଫେସ କଟ ଇଗ୍ଲୁଗ୍ରେଟେଡ୍ ଡ୍ୟାଙ୍ଗଲସ ଖୁବ ଆକର୍ଷଣୀୟ ଲାଗିଥାଏ ।❖❖❖

# ଡାକ୍ତରଙ୍କ ପାଖକୁ ଯାଉଥିଲେ

**କହିବାକୁ ଗଲେ ସାଧାରଣତଃ ଘର ଭିତରେ ଗୃହିଣୀ ହିଁ ଶ୍ରେଷ୍ଠ ବ୍ୟକ୍ତି । ଘରର ସମସ୍ୟା ଗୃହିଣୀ ପ୍ରଥମେ ହିଁ ଜାଣିପାରନ୍ତି । କିଏ ଅସୁସ୍ଥ ହେଲେ, କିଏ ଗଣ୍ଡଗୋଳ କଲେ, କେଉଁ ପିଲା ପାଠ ନ ପଢ଼ିଲେ ଓ ବୁଲିଲେ ସେ ହିଁ ଜାଣିପାରନ୍ତି ପ୍ରଥମେ । ଘରେ କିଏ ଅସୁସ୍ଥ ହେଲେ ଗୃହିଣୀ ପ୍ରଥମେ ତା'ର ଚିକିତ୍ସା ଦାୟିତ୍ୱ ନିଅନ୍ତି । ତେଣୁ ତାଙ୍କୁ ଡାକ୍ତରଙ୍କ ପାଖକୁ ନିଶ୍ଚୟ ଯିବାକୁ ପଡ଼ିଥାଏ ।**



☐ ଆପଣ ଓ ରୋଗୀ ଅତ୍ୟଧିକ ସାଜସଜା ହୋଇ ଡାକ୍ତରଙ୍କ ନିକଟକୁ ଯାଆନ୍ତୁ ନାହିଁ । ସାଧାରଣ ପରିଷ୍କାର ପୋଷାକ ପିନ୍ଧି ଯାଆନ୍ତୁ । ସାଙ୍ଗରେ ଟାୱେଲ ନେଇ ଯିବାକୁ ଭୁଲନ୍ତୁ ନାହିଁ ।

☐ ଡାକ୍ତରଙ୍କ ପାଖରେ ଭିଡ଼ ହୋଇଥିଲେ ଧୀରସ୍ଥିର ଭାବେ ବସି ଅପେକ୍ଷା କରନ୍ତୁ । ଆପଣଙ୍କ ପାଳି ଆସିଲେ ଡାକ୍ତରଙ୍କ ନିକଟକୁ ଯାଇ ସସମ୍ମାନେ ନମସ୍କାର କରି ରୋଗ ବିଷୟରେ କୁହନ୍ତୁ ।

☐ ଡାକ୍ତର ଯାହା ପଚାରିବେ ତା'ର ଉତ୍ତର ସଠିକ୍ ଦେବେ । ଆପଣଙ୍କର ଯଦି ଆଉ କିଛି ସମସ୍ୟା ଥାଏ, ତେବେ ବୁଝାଇ କହିବେ । ଏଣୁ ତେଣୁ କହିବେ ନାହିଁ ।

☐ ରୋଗ ବିଷୟରେ କୌଣସି କଥା ଲୁଚାଇବେ ନାହିଁ । କେଉଁ ଔଷଧ କିପରି କେଉଁ ସମୟରେ ଖାଇବେ ଭଲ ରୂପେ ବୁଝିବେ । ଥରେ ଥରେ ସବୁକଥା ମନେ ରହେ ନାହିଁ । ଭୁଲି ଗଲେ ଆଉ ଥରେ ବୁଝିଦେବେ । ନିଜ ମନକୁ ମନ ଔଷଧ ଦେବେ ନାହିଁ ।

☐ ଡାକ୍ତରଙ୍କ ପାଖରେ ଅଯଥା ଗପସପ କରି ତାଙ୍କର ସମୟ ନଷ୍ଟ କରିବା ଉଚିତ୍ ନୁହେଁ । କାରଣ ସେଇ ସମୟରେ ସେ ଅନ୍ୟ ରୋଗୀଙ୍କୁ ଦେଖିପାରିବେ ।

# ଭୋଜନ ବେଳେ ସତର୍କତା

**ଭୋଜନ ବେଳେ କିଛି ନା କିଛି ସତର୍କତା ଅବଲମ୍ବନ କରିବା ଉଚିତ୍ । କିପରି ଖାଇବେ, କେଉଁ ଖାଦ୍ୟ ସହିତ କେଉଁ ଖାଦ୍ୟ ଖାଇବେ ନାହିଁ, କେଉଁ ପାତ୍ରରେ ଖାଇବେ, କେଉଁ ସମୟରେ ଖାଇବେ ଓ କେଉଁ ସମୟରେ ପାଣି ପିଇବେ ଇତ୍ୟାଦି । ଏହି ସତର୍କତା ଅବଲମ୍ବନ କଲେ ସୁସ୍ଥ ଶରୀରଟିଏ ପାଇପାରିବେ ।**

☐ କଂସା ଓ ତମ୍ବା ପାତ୍ରରେ ଆଦୌ ଖଟା ଖାଆନ୍ତୁ ନାହିଁ । କାରଣ ଖଟା ସମ୍ପର୍କରେ ଆସିଲେ କଂସା ଓ ତମ୍ବା ପାତ୍ର ମଧ୍ୟରେ ଏକ ନୀଳ ପଦାର୍ଥ ସୃଷ୍ଟି ହୋଇଥାଏ । ମୁଖ୍ୟତଃ ଏହି ନୀଳ ପଦାର୍ଥ ହେଉଛି କପର ସଲଫେଟ୍ ନାମକ ଏକ ବିଷାକ୍ତ ପଦାର୍ଥ ଯାହାକି ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ, ବିଷ ସଦୃଶ ମଧ୍ୟ ।

☐ କୁକୁର, ବିଲେଇ ଓ ମୂଷା ଅଇଁଠା ଖାଆନ୍ତୁ ନାହିଁ କାରଣ କୁକୁର, ଜଳାତଙ୍କ, ବିଲେଇ ଦ୍ୱାରା ଡିପ୍‌ଥେରିଆ ଓ ମୂଷା ଦ୍ୱାରା ପ୍ଲେଗ ନାମକ ମାରାତ୍ମକ ରୋଗ ହେବାର ଯଥେଷ୍ଟ ଭୟ ଥାଏ ।

☐ କଦାପି ମାତ୍ରାଧିକ ଆମିଷ ଭୋଜନ କରନ୍ତୁ ନାହିଁ । କାରଣ ଆମିଷ ଖାଦ୍ୟ ମାଂସପେଶୀକୁ ଶକ୍ତ କରିବା ସହ କାମ, କ୍ରୋଧ, ହିଂସା ଆଦି କେତେକ ଖରାପ ଗୁଣ ବଢ଼ାଏ । କେତେକ ରୋଗ ବିଶେଷ କରି ମସ୍ତିଷ୍କ ରୋଗ, ସ୍ନାୟୁ ରୋଗ ଓ ହୃଦ ରୋଗ ହୋଇଥାଏ । ସାଧାରଣତଃ ନିରାମିଶ ଭୋଜନ କରିବା ଦ୍ୱାରା ମାଂସପେଶୀ କୋମଳ ହୁଏ । ମନ ଶାନ୍ତ ଓ ଧୀର ହୁଏ ।

☐ ମନେ ରଖିବେ ଖାଇବା ସମୟରେ କଥା ହୁଅନ୍ତୁ ନାହିଁ । କାରଣ ନାକର ଶ୍ୱାସନଳୀ ଯାଇ ଗଳା ନିକଟରେ ପାଟିରୁ ଆସିବା ଖାଦ୍ୟ ନଳୀ ସହ ମିଶିବା ପରେ ପୁଣି ଶ୍ୱାସନଳୀ ଓ ଖାଦ୍ୟନଳୀ ଅଲଗା ହୋଇ ଫୁସ୍‌ଫୁସ୍ ଓ ପାକସ୍ଥଳୀକୁ ଯାଆନ୍ତି । ଆପଣ ଖାଦ୍ୟ ଗିଳିବା ସମୟରେ କଥା କହିଲେ ଗଳା ନିକଟରେ ଖାଦ୍ୟ ଓ ଶ୍ୱାସନଳୀ ଉଭୟ ଖୋଲା ରହିବା ଫଳରେ ଖାଦ୍ୟ ଶ୍ୱାସ ନଳୀରେ ପଶିଯାଇ ବିପଦ ସୃଷ୍ଟି କରିପାରେ ।

☐ ଆପଣ ଖାଇବା ପୂର୍ବରୁ କିମ୍ବା ଖାଇବା ପରେ ପାଣି ପିଅନ୍ତୁ କାରଣ ଖାଇବା ପୂର୍ବରୁ ପାଣି ପିଇଲେ ଖାଦ୍ୟନଳୀ ଓଦା ହୋଇ ଖାଦ୍ୟ ଅଟକିବା ଭୟ ନଥାଏ । ଖାଇବା ପରେ ପାଣି ପିଇଲେ ଖାଦ୍ୟ ନଳୀରେ ଲାଗିଥିବା ଖାଦ୍ୟାଂଶ ସଫା ହୁଏ । ଏହାଛଡ଼ା ଦେହରେ ଜଳୀୟ ଅଂଶର ପ୍ରଭାବ ପୂରଣ ହୁଏ । ❖❖❖



# ମାଟିର ସନ୍ତାନ ସୋନମ୍ ୱାଙ୍ଗଚୁକ

ଉତ୍ତର ଭାରତରେ ଏକ ଚମତ୍କାର କେନ୍ଦ୍ର ଶାସିତ ଅଞ୍ଚଳ ତଥା କୁନଲୁନ ପର୍ବତ ଏବଂ ହିମାଳୟ ମଧ୍ୟରେ ଅବସ୍ଥିତ ବରଫାବୃତ ଲଦାଖ ଏକ ଉଚ୍ଚତା ବିଶିଷ୍ଟ ଶୀତଳ ମରୁଭୂମି । ଲେହ ଏବଂ କାର୍ଗିଲ ଭଳି ଦୁଇଟି ମନ୍ଦିରମାଳିନୀ ତଥା ଉପତ୍ୟାକା ପୂର୍ଣ୍ଣ ପରିବେଶକୁ ନେଇ ଲଦାଖ ବେଶ ଜଣାଶୁଣା । ତିବ୍ବତୀୟ ବୌଦ୍ଧ ଧର୍ମୀ ତଥା ଇସଲାମିଓ ପରମ୍ପରାକୁ ନେଇ ଏଠାରେ ଥିକସେ ଏବଂ ହେମିସ୍ ଭଳି ଦୁଇଟି ସମ୍ପ୍ରଦାୟର ଦୁଇଟି ଅଭ୍ୟୁଦୟ ହୋଇଛି । ଆଞ୍ଚଳିକ ଜୀବନଶୈଳୀ କହିଲେ କେବଳ ଋତୁକାଳୀନ ଚାଷବାସ ତଥା ମେଣ୍ଢା ଏବଂ ଛେଳି ଭଳି ଗୃହପାଳିତ ପଶୁ ଚାରଣକୁ ବୁଝାଇଥାଏ । ଏଭଳି ଏକ ଅନୁକୂଳିତ ଅବସ୍ଥିତି ମଧ୍ୟରେ ୧ ସେପ୍ଟେମ୍ବର ୧୯୬୬ ମସିହାରେ ଲେହ ଠାରୁ ୭୦ କି.ମି. ଦୂର ଏକ ପାର୍ବତ୍ୟ ଗ୍ରାମ ଉଲେଟୋକପୋରେ ସୋନମ ୱାଙ୍ଗଚୁକ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ସୋନମ ୱାଙ୍ଗୟାଲ ସେତେବେଳର ଜାମ୍ମୁକାଶ୍ମୀର ସରକାରରେ ଜଣେ ମନ୍ତ୍ରୀ ଥିଲେ ଫଳରେ ୱାଙ୍ଗଚୁକଙ୍କ ପରିବାର ଶ୍ରୀନଗରକୁ ଚାଲିଆସି ସେଠାରେ ବସବାସ କରୁଥିଲେ ।

ଶୈଶବ ଅବସ୍ଥାରୁ ତାଙ୍କୁ ଶିକ୍ଷା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେ କେବଳ ଲଦାଖୀ ଭାଷା ଜାଣିଥିଲେ । ଉର୍ଦ୍ଦୁ ଓ କାଶ୍ମୀର ଭାଷା ତାଙ୍କୁ ଜଣାନଥିଲା । ପରେ ସେ ହାଇସ୍କୁଲ ଶିକ୍ଷା ପାଇଁ ନୂଆଦିଲ୍ଲୀ ଚାଲିଯାଇଥିଲେ । ୧୯୮୮ ମସିହାରେ ଶ୍ରୀନଗରର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନ୍ଆଇଟି)ରୁ ମେକାନିକାଲ ଇଞ୍ଜିନିୟରିଂରେ ଗ୍ରାଜୁଏଟ ସମାପ୍ତ କରିଥିଲେ । ଠିକ୍ ଏହାର ପରେ ପରେ ୱାଙ୍ଗଚୁକ ସଂସ୍କାରଧର୍ମୀ ବ୍ୟବସ୍ଥା ଆଡ଼କୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ଏହିଠାରୁ ହିଁ ଆରମ୍ଭ ହୋଇଥିଲା ୟାଙ୍ଗଚୁକଙ୍କ କାହାଣୀର ଏକ ଅନନ୍ୟ ଯାତ୍ରା । ଶିକ୍ଷାକ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଅପରେସନ ନ୍ୟୁହୋପର ଶୁଭାରମ୍ଭରେ ତାଙ୍କର ଥିଲା ପ୍ରମୁଖ ଭୂମିକା । ଷ୍ଟୁଡେଣ୍ଟସ ଏଜୁକେସନାଲ ଆଣ୍ଡ କଲଚରାଲ ମୁଭମେଣ୍ଟ ଅଫ୍ ଲଦାଖ(ସେକମୋଲ) ଯାହାକି ୧୯୮୮ ମସିହାରେ ଏକ ଛାତ୍ର ଗୋଷ୍ଠୀ ଦ୍ୱାରା ପ୍ରତିଷ୍ଠା ହୋଇଥିଲା, ୱାଙ୍ଗଚୁକ୍ ଏହାର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଥିଲେ । ସେ ମଧ୍ୟ ଆଇସ ସ୍ତୁପ କୌଶଳର ଉଦ୍ଭାବକ ଥିଲେ, ଯାହାକି ଏକ କୃତ୍ରିମ ଗ୍ଲାସିୟର ସୃଷ୍ଟି କରିବା ସହିତ ଶୀତଦିନର ଜଳକୁ ଏକ କୋଣୀୟ ଆକୃତିରେ ବରଫ ଛାଞ୍ଚରେ ସଂଗୃହିତ କରି ରଖିଥିଲା । ଲଦାଖ ସିକିମ ତଥା ନେପାଳ ଭଳି ସ୍ଥାନ ମାନଙ୍କରେ ଯେତେବେଳେ କି ତାପମାତ୍ରା ୩୦ ଡିଗ୍ରୀକୁ ଖସି ଆସୁଥିଲା, ସେତେବେଳେ ତାଙ୍କ ଦ୍ୱାରା ପ୍ରସ୍ତୁତ ଅନେକ ଗୁଡ଼ିଏ ସକ୍ରିୟକାରୀ ସୌର କାଦୁଅ କୋଠାଘର ବିଶେଷକରି ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଉଷ୍ମତା ପ୍ରଦାନ କରୁଥିଲା । ପରବର୍ତ୍ତୀ ଅବସ୍ଥାରେ ଏଥିପାଇଁ ତାଙ୍କୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପ୍ରାପ୍ତ ହୋଇଥିଲା । ୨୦୦୯ ମସିହାରେ ଏକ ଆକର୍ଷଣୀୟ ଘଟଣାଚକ୍ରରେ ସେ ସମସ୍ତଙ୍କ ଦୃଷ୍ଟିକୁ ଆସିଥିଲେ । ତାଙ୍କର ଅସାଧାରଣ ଶିକ୍ଷା ପଦ୍ଧତିକୁ ନେଇ ବଲିଉଡର ସୁପରହିଟ୍ ଫିଲ୍ମ ୩ ଇଡିଅଟ୍ସରେ ଆମିର ଖାନଙ୍କ ଫୁନସୁଖ ୱାଙ୍ଗଡୁ ଚରିତ୍ରର ସୃଷ୍ଟି ହୋଇଥିଲା । ଚଳଚ୍ଚିତ୍ରଟି ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇପାରିଥିଲା । ଅନ୍ୟ ଏକ ଘଟଣାକ୍ରମରେ ଲଦାଖର ଛାତ୍ରଗୋଷ୍ଠୀଙ୍କ ବାରମ୍ବାର ଅନୁରୋଧ କ୍ରମେ ୱାଙ୍ଗଚୁକ ଏକ ନୂତନ ଲଦାଖ ଆନ୍ଦୋଳନ ଶୁଭାରମ୍ଭରେ ସାହାଯ୍ୟ କରିଥିଲେ, ଯାହାର ଲକ୍ଷ୍ୟ ଥିଲା ସମର୍ଥନକାରୀ ଶିକ୍ଷା ପରିବେଶ ଏବଂ ଅର୍ଥନୀତିର କାର୍ଯ୍ୟକାରିତା । ଏଥିପାଇଁ ରହିଥିବା ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ନେତୃବୃନ୍ଦ ମାନଙ୍କୁ ଗୋଟିଏ ମଞ୍ଚତଳେ ଏକାଠି କରି ଲଦାଖର ବୃଦ୍ଧି ଏବଂ ବିକାଶ ଓ ପରିଶେଷରେ ସଦସ୍ୟମାନେ ଏହାକୁ ଏକ ଅଣରାଜନୈତିକ ସାମାଜିକ ଆନ୍ଦୋଳନରେ ପରିବର୍ତ୍ତିତ କରିବା । ଯାହା ବହୁମାତ୍ରାରେ ଅପରେସନ ନିଉ ହୋପକୁ ସମ୍ମୁଖକୁ ଆଣିଥାଏ, ଯେଉଁଥିରେ ସରକାର ଗ୍ରାମ ସଂପ୍ରଦାୟ ତଥା ସାଧାରଣ ସମାଜର ଏକ ତ୍ରିକୋଣୀୟ ସହଭାଗିତା ରହିଥିବାର ବାରି ହୋଇପଡ଼େ । ଅନ୍ୟପଟେ ଏଭଳି ଏକ କାର୍ଯ୍ୟକ୍ରମ ସମଗ୍ର ଲଦାଖ ଅଞ୍ଚଳରେ ରହିଥିବା ବିଦ୍ୟାଳୟ ଗୁଡ଼ିକ ଉପରେ ମାଲିକାନା, ଶିଶୁଙ୍କ ସହିତ ସାଙ୍ଗ ହେବା ଭଳି ଶିକ୍ଷକ ପ୍ରଶିକ୍ଷଣ ବ୍ୟବସ୍ଥା ତଥା ସର୍ବୋପରି ପୁନଃ-ଲିଖନ ଏବଂ ପୁସ୍ତକ ପ୍ରକାଶନ ଭଳି ଏକ ଶୈକ୍ଷଣୀୟ ବାତାବରଣ ଆଣିପାରିଥିଲା । ମାଟିର ସନ୍ତାନ ସୋନମ ୱାଙ୍ଗଚୁକ ନିଜର ମାଟି ମାଆର ସ୍ୱାଧୀନତା ପାଇଁ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ । ଲଦାଖ ସାମ୍ବିଧାନିକ ସୁରକ୍ଷା ପ୍ରଦାନ ତାଙ୍କର ମୂଳଲକ୍ଷ୍ୟ ଥିଲା । ଲଗାତାର ସେ ହରତାଳରେ ବସିଥିଲେ ଲଦାଖ ସ୍ୱାଧୀନତା ପାଇଁ । ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ଯେଉଁ ଲଦାଖ ପୂର୍ବତନ ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିଲା, ମୋଦି ସରକାରଙ୍କ ହସ୍ତକ୍ଷେପ ପରେ ୨୦୧୯ ଅକ୍ଟୋବର ୩୧ରେ ଏକ ପୃଥକ ପ୍ରଶାସନିକ ସତ୍ତା ବା କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପ୍ରାପ୍ତ ହେଲା ଓ ମାଟିର ସନ୍ତାନ ସୋନାମ ୱାଙ୍ଗଚୁକୁ ଏହାର ସମସ୍ତ ଶ୍ରେୟ ଯାଇଥାଏ ଏହା ନିସନ୍ଦେହ ଅଟେ ।





# ମହାପୁରୁଷଙ୍କ ମହତବାଣୀ



■ ଧୂର୍ତ୍ତ ବ୍ୟକ୍ତିମାନେ ବିଦ୍ୟାର ନିନ୍ଦାଗାନ କରନ୍ତି, ସରଳ ଲୋକ ଏହାର ପୂଜା କରନ୍ତି । କିନ୍ତୁ ଜ୍ଞାନୀ ଲୋକ ଏହାକୁ କାର୍ଯ୍ୟରେ ଲଗାନ୍ତି- **ଫ୍ରାନସିସ୍ ବେକେନ ।**

■ ଧର୍ମବିନା ବିଜ୍ଞାନ ହେଉଛି ପଙ୍ଗୁ ଓ ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ଧର୍ମ ହେଉଛି ଅନ୍ଧ- **ଆଇନଷ୍ଟାଇନ ।**

■ ଧୈର୍ଯ୍ୟ ଧରି ସାମାନ୍ୟ କୌଶଳ ପ୍ରୟୋଗ କଲେ କାର୍ଯ୍ୟଟି ଯେପରି ସଫଳ ହୁଏ, ବଳପ୍ରୟୋଗ କଲେ ହୋଇପାରେ ନାହିଁ- **ଆନନ୍ ।**

■ ଧନ, ଜନ ଓ ଯୌବନର ଗର୍ବ କର ନାହିଁ, କାରଣ କ୍ଷଣମାତ୍ରକେ କାଳ ଏହାକୁ ହରଣ କରିନେଇଥାଏ- **ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ।**

■ ଧର୍ମାନ୍ଧତା ତ୍ୟାଗକରି ସାର୍ବଜନୀନ ପ୍ରେମରେ ଉଦ୍‌ବୁଦ୍ଧ ହୁଅ- **ଗୁରୁ ନାନକ ।**

■ ଧର୍ମ ହିଁ ଭାରତର ଜାତୀୟ ଜୀବନର ବୁନିୟାଦି । ଭାରତୀୟ ଜୀବନ ସଂଗୀତରେ ଧର୍ମ ହିଁ ମୂଳସ୍ୱର । ଆମ ଧର୍ମରେ ଆମର ଜୀବନ ଶକ୍ତି ନିହିତ । ଆମ ଧର୍ମର ଆଦେଶକୁ ଅର୍ଜନ କଲେ ଆମେ ପ୍ରଚଣ୍ଡ ପ୍ରତିକ୍ରିୟାର ସମ୍ମୁଖୀନ ହେବା- **ସ୍ୱାମୀ ବିବେକାନନ୍ଦ ।**

■ ଧନ ନଥାଇ କେହି ମହାଜନ ଭାବେ ପରିଚିତ ହୋଇପାରେ ନାହିଁ । ସେହିପରି ହରିଙ୍କଠାରେ ଭକ୍ତି ବା ହରି ଭଜନକୁ ଛାଡ଼ି କେହି ସାଧୁ ବୋଲାଇ ପାରେ ନାହିଁ- **ସନ୍ଥ କବୀର ଦାସ ।**

■ ଧର୍ମ ଅଧର୍ମ ବିଚାର କରିପାରୁ ନଥିବା ବ୍ୟକ୍ତି ପଶୁ ସମାନ ଅଟେ- **ଜଗତଗୁରୁ ଶଙ୍କରାଚାର୍ଯ୍ୟ ।**

■ ଧନ, ବିଦ୍ୟା, ଜାତି ପ୍ରଭୃତିର ଅହଂକାର ତ୍ୟାଗ କର- **ବାବା ବିଶ୍ୱନାଥ ।**

■ ଧନୀ ହୁଅ, କ୍ଷତି ନାହିଁ, ଦୀନ ଏବଂ ଦାତା ହୁଅ- **ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ।**

■ ଧନ ହେଉଛି ମଣିଷର ଜୀବନ ଘା' ଆଉ ପୂଜ ପରି । ଏହି ପୂଜ ନବାହାରିଲେ ଘା ଶୁଖିବ ନାହିଁ । ମୁଁ ଭକ୍ତମାନଙ୍କ ଠାରୁ ଦକ୍ଷିଣାରୂପରେ ଏହି ପୂଜ ବାହାର କରିନିଏ । କିନ୍ତୁ ତାକୁ ପରିଶୋଧ କରେ ଶହ ଶହ ଗୁଣରେ- **ଶିରିଡ଼ି ସାଇବାବା ।**

■ ଧନ ବିହୀନ ପୁରୁଷକୁ ମିତ୍ର, ସ୍ତ୍ରୀ ସେବକ ଓ ପରିବାର ଲୋକମାନେ ତ୍ୟାଗ କରନ୍ତି । ମାତ୍ର ଧନ ଫେରି ଆସିଲେ ପୁଣି ସେମାନେ ଜଣ ଜଣ ହୋଇ ଫେରନ୍ତି । ପୁରୁଷର ବନ୍ଧୁ ଧନ- **କୌଟିଲ୍ୟ ଚାଣକ୍ୟ ।**

■ ଧରମର ମୂଳ ଦୟା, ଯେ କେବଳ ଅଭିମାନ ନର୍କଦ୍ୱାର । ଏଣୁ ହେଜି ରଖ ଦୟା ନ ଉପେକ୍ଷ ହେଉପଛେ ଯା ହେବାର- **ବୈକୁଣ୍ଠ ପଟ୍ଟନାୟକ ।**

■ ଧନ ମନୁଷ୍ୟକୁ ସନ୍ତୋଷ ଦେଇପାରେ ନାହିଁ- **ଜଗତଗୁରୁ ଶଙ୍କରାଚାର୍ଯ୍ୟ ।**

■ ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ ଆଉ ତାର କୌଣସି ପ୍ରକାର ନାହିଁ- **ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ।**

■ ଧୈର୍ଯ୍ୟ ଓ ଅଧ୍ୟବସାୟ ଥିଲେ ସମସ୍ତ ପ୍ରାର୍ଥନା ପୂର୍ଣ୍ଣ ହୁଏ- **ଶ୍ରୀମା ।**



# ଜଣା ଅଜଣା



**ପ୍ର: କେଉଁ ପ୍ରଥମ ମହିଳା ଭାରତରତ୍ନ ପାଇଛନ୍ତି ?**

ଉ: ଶ୍ରୀମତୀ ଇନ୍ଦିରା ଗାନ୍ଧି ।




**ପ୍ର: କେଉଁ ଦ୍ୱିତୀୟ ମହିଳା ଭାରତରତ୍ନ ପାଇଛନ୍ତି ?**

ଉ: ମଦର ଟେରେସା ।

**ପ୍ର: କେଉଁ ତୃତୀୟ ମହିଳା ଭାରତରତ୍ନ ପାଇଛନ୍ତି ?**

ଉ: ଶ୍ରୀମତୀ ମଦୁରାଇ ସାନମୁଗବଦିକୁ ଶୁଭଲକ୍ଷ୍ମୀ ।

**ପ୍ର: ଭାରତର କେଉଁ ରାଷ୍ଟ୍ରପତି ପ୍ରଥମ କରି ଭାରତରତ୍ନ ପାଇଥିଲେ ?**

ଉ: ଡକ୍ଟର ରାଜେନ୍ଦ୍ର ପ୍ରସାଦ ।

**ପ୍ର: କୋଲକାତା ହାଇକୋର୍ଟ କେଉଁ କେଉଁ ଅଞ୍ଚଳରେ ନିଜର କ୍ଷମତା ଜାହିର କରିପାରିବେ ?**

ଉ: ପଶ୍ଚିମବଙ୍ଗ, ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜ ।

**ପ୍ର: ଗୌହାଟୀ ହାଇକୋର୍ଟ କେଉଁ କେଉଁ ଅଞ୍ଚଳରେ ନିଜର କ୍ଷମତା ଜାହିର କରିପାରିବେ ?**

ଉ: ଅରୁଣାଚଳ ପ୍ରଦେଶ, ମେଘାଳୟ, ତ୍ରିପୁରା, ମଣିପୁର, ନାଗାଲାଣ୍ଡ, ହିମାଚଳ ପ୍ରଦେଶ ।



**ପ୍ର: କେଉଁ ଦ୍ୱିତୀୟ ବିଦେଶୀ ଭାରତରତ୍ନ ପାଇଛନ୍ତି ?**

ଉ: ଶ୍ରୀ ନେଲସନ ମାଣ୍ଡେଲା ।

**ପ୍ର: କେଉଁ ପ୍ରଥମ ବିଦେଶୀ ଭାରତରତ୍ନ ପାଇଥିଲେ ?**

ଉ: ଶ୍ରୀ ଖାଁ ଅବଦୁଲ ଗଫୁର ଖାଁ ।

**ପ୍ର: ଭାରତରତ୍ନରେ ସମ୍ମାନୀତ ହୋଇଥିବା ପ୍ରଥମ ମନିଷୀ କିଏ ?**

ଉ: ଡକ୍ଟର ସାର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ।

**ପ୍ର: ଭାରତୀୟ ସେନାବାହିନୀର ପ୍ରଥମ ଜେନେରାଲ କିଏ ?**

ଉ: ମହାରାଜା ରାଜେନ୍ଦ୍ର ସିଂହଜୀ ।

**ପ୍ର: ପୃଥିବୀର ପ୍ରଥମ ଦୈନିକ ସମ୍ବାଦପତ୍ର କେଉଁଠାରୁ ଓ କେବେ ପ୍ରକାଶିତ ହୋଇଥିଲା ?**

ଉ: ଲଣ୍ଡନ ଓ ୧୯୭୨ ମସିହା ।

**ପ୍ର: ପ୍ରକାଶନ ଧାରାରେ ପୃଥିବୀର ଦ୍ୱିତୀୟ ସମ୍ବାଦପତ୍ରର ନାମ କ'ଣ ?**

ଉ: ଆକ୍ଟାଡିଉରାନା ।




**ପ୍ର: ପୃଥିବୀର ପ୍ରଥମ ସମ୍ବାଦପତ୍ରର ନାମ କ'ଣ ?**

ଉ: ଟିଙ୍ଗ ପାଓ ।

**ପ୍ର: ପୃଥିବୀର ପ୍ରଥମ ସମ୍ବାଦପତ୍ର କେଉଁ ରାଷ୍ଟ୍ରରେ ପ୍ରକାଶିତ ?**

ଉ: ଚୀନ ।

**ପ୍ର: ଡକ୍ଟର ସଚ୍ଚିଦାନନ୍ଦ ରାଉତରାୟଙ୍କ ବ୍ୟତୀତ ଆଉ କେଉଁ ଓଡ଼ିଆ କବି ଜ୍ଞାନପୀଠ ପୁରସ୍କାର ପାଇଛନ୍ତି ?**

ଉ: ସୀତାକାନ୍ତ ମହାପାତ୍ର ।

ପ୍ର: କୋଇଲାର କେଉଁ ପ୍ରକରଣରେ ପ୍ରାକୃତିକ ହୀରା ଦେଖିବାକୁ ମିଳିଥାଏ ?

ଉ: **କିମ୍ବର୍ଲାଇଟ୍ ।**



## ଭାଷା

ଭାଷା ହିଁ ଅସ୍ମିତା
ଭାଷା ହିଁ ଆମର ବର୍ଗ ।
ଭାଷାରୁ ଭୂଗୋଳ
ତା' ପାଇଁ କେବଳ
ସବୁ ପୁନେଇଁରୁ ପର୍ବ ।।
ଭାଷା ହିଁ ଶିଖାଏ
କଥା ଓ କବିତା
ଭାଷାକୁ ନେଇ ସାହିତ୍ୟ ।
ଭାଷାକୁ ଭୁଲିଲେ
ଅସ୍ମିତା ବି ହଜେ
ମନେରଖ ଏଇ ସତ୍ୟ ।।
ଭାଷା ଭଲପାଅ
ବ୍ୟବହାର କର
କରନାଇଁ ଅଣଦେଖା ।
ଭାଷା ହିଁ ଆମର
ଆଚାର ବିଚାର
ଭୂଗୋଳର ଭାଗ୍ୟରେଖା ।।
ନିଜ ମାତୃଭାଷା
ଆଞ୍ଚଳିକ ଭାଷା
ଭୁଲନାଇଁ କେବେ କିଏ ।
ଭାଷା ହିଁ ଅସ୍ମିତା
ଭାଷା ପରିଚୟ
ପଢ଼ ପଛେ ଏମ୍.ଏ.ବି.ଏ ।।



ଡ. ଦେବାଶିଷ ମହାପାତ୍ର

## ବାପା

ଆମ ପାଇଁ ସେ ପରାଣ ଦିଏ
କାନ୍ଧେ ବସାଇ ମେଳାକୁ ନିଏ
ସିଏ ଆମ ଠାକୁର,
ଯା' ହାତ ଧରି ଚାଲି ଶିଖିଲେ
ଯା' ଠାରୁ ଆମେ କଥା ଶିଖିଲେ
ସିଏ ବାପା ଆମର ।
ବାପା କାନ୍ଧରେ ପକାଇ ଥାନ୍ତି
ଝାଳ ବୋହିଲେ ପୋଛି ଦିଅନ୍ତି
ନିତି ପଡ଼ଇ ଖୋଜା,
ଡାଉଆ ରଙ୍ଗ ଭାରି ସୁନ୍ଦର
ସୂତାରେ ଗଢ଼ା ହୁଏ ଆଦର
ବାପାଙ୍କ ଏ ଗାମୁଛା ।
ହାତରେ ଧରି ଶାସନ କରି
କଠୋର କଥା କୁହନ୍ତି ମାରି
ଆମ ପାଇଁ ତ ହିତ,
ପାହାର ବସେ ଦୁଷ୍ଟାମି କଲେ
ଚାଇଁ ଚାଇଁ ତା' କଷଣ ଭଲେ
ବାପାଙ୍କର ସେ ବେତ ।
ଆମକୁ ମାରି ଲୁଚି କାନ୍ଦନ୍ତି
ଶୋଇଲା ବେଳେ ଆଉଁସି ଥାନ୍ତି
ଆଖିରୁ ଝରେ ଝର,
ଖୁସିରେ ଝରେ ଦୁଃଖରେ ଝରେ
ଓଠ ଚାପିକି ନିଗାଡ଼ି ଧରେ
ଲୁହ ବାପା ଆଖିର ।
ଖାଲି ପାଦରେ ଯାଆନ୍ତି ଚାଲି
ସବୁ କଥାକୁ ମନରୁ ଭୁଲି
କଣ୍ଟା ହେଉ କି ନିଆଁ,
ବରଷ ଯାକ ଖଣ୍ଡେ କପଡ଼ା
ନ ପଡ଼େ ତାଙ୍କ ନୂତନ ଲୋଡ଼ା
ଜୀବନ ମାଟି ଧୂଆଁ ।
ଆମ ଜୀବନ ସାକାର ପାଇଁ
ଝଡ଼ ବତାସ ମାନନ୍ତି ନାହିଁ
ଦେହ ପାଆ ନା ଡର,
ଭୋକରୁ ପେଟେ ନିଜେ ରୁହନ୍ତି
ଆମକୁ ଆଣି ଖୁଆଇ ଥାନ୍ତି
ଏହି ଦେବତା ମୋର ।
ଯେତେ ଭାଙ୍ଗିଲେ ଦାମି ଜିନିଷ
ତଥାପି ବାପା ମୋଡ଼ନ୍ତି ନିଶ
କୁହନ୍ତି ହଉ ହେଲା,
ଆଉ ଆଣିବି କାନ୍ଦନା ତୁହି
ଯେତେ ପଇସା ଲାଗୁରେ ସେହି
ବୋଉ ଯା' କହୁ ଭଲା ।
ଯେତେ ଲେଖିବି ବାପାଙ୍କ ପାଇଁ
ଅସରନ୍ତିର ଭଣ୍ଡାର ସେଇ
ସରିବ କେତେ ଯୁଗ
ସେ ଥିବା ଯାଏଁ ମୁଁ ପରା ରାଜା
ତାଙ୍କରି ବିନା ମୁଁ ନୁହେଁ ଖୋଜା
ମୁଁ କେଉଁ ବନ ମୃଗ ।





ଅମରନାଥ ବାରିକ
ଗ୍ରା/ପୋ-କର୍ୟାଁ, ଥାନା-ମଙ୍ଗଳପୁର, ଜି-ଯାଜପୁର,ଓଡ଼ିଶା-୭୫୫୦୧୧,
ମୋ: ୯୫୪୦୩୦୮୦୯୫

## ମୌସୁମୀର ସ୍ପର୍ଶ

ମୋ: ୮୪୫୫୯୦୪୯୦୭

ଦିଗ ଭ୍ରମି ଭ୍ରମି ଆଗୋ ମଉସୁମୀ
ଆସିଲ ସୁଷମା ନେଇ
ଗ୍ରୀଷ୍ମେ ତପ୍ତ ରସା ପାଇଲା ଭରଷା
ପ୍ରସନ୍ନା ତୁମକୁ ଛୁଇଁ ।
ହସେ କୃଷ୍ଣଚୂଡ଼ା ବାନ୍ଧିବାକୁ ଜୋଡ଼ା
ଗ୍ରୀଷ୍ମରୁ ଅଛି ଯେ ଚାହିଁ,
ଅତିଥିକୁ ପାଇ ନେଲା କି ବନ୍ଦେଇ
ନାଲି ଗାଲିଚା ବିଛେଇ !
ଶଙ୍ଖ ଫୁଙ୍କି ଭେକ, କୁମ୍ଭାଟିଆ, କାକ
ଡାହୁକର ହୁଳହୁଳି,
ଜୁଳୁଜୁଳୀ ପୋକ ଦେଖାଇ ଆଲୋକ
ରାତ୍ରେ କି ନେଲେ ସଂଖୋଳି ?
ଏବେ ବସୁମତୀ ପାଇ ତୁମ ପ୍ରୀତି
କେତେ ଛବି ଆଙ୍କିଦେବ ।
କେତେ ବୃକ୍ଷଲତା କେତେ ପ୍ରାଣୀ ସତ୍ତା
ସବୁ ସେ ଛବିରେ ଥିବ ।
ମୌସୁମୀ ହେ ତୁମେ ଛୁଇଁଲ ପ୍ରଥମେ
ବସୁଧା ମା' ଦେହ ଯେବେ,
ଅନ୍ନଦାତାମାନେ ଅତ୍ୟନ୍ତ ପ୍ରସନ୍ନେ
ପ୍ରଣମିଛନ୍ତି ଆବେଗେ ।
ତୁମ ଆଗମନେ ଅନ୍ନ ଦାତାମାନେ
ବିଲରେ ଗା'ନ୍ତି ଗୀତ ।
ଆଶାରେ ହଜନ୍ତି, ସ୍ୱପ୍ନରେ ଭିଜନ୍ତି
ତୁମ ସ୍ପର୍ଶେ ହୋଇ ମତ୍ତ ।



ମୀନା କୁମାରୀ ପ୍ରଧାନ

ବର୍ଷା ଟୋପା ଟୋପା, ହାଓ୍ୱା ମାରେ ହୁମ୍ପା
ପୁଲ୍ଲକିତ ଦେହମନ ।
ଦେହ ଭିଜିଯାଏ ମନ ହଜିଯାଏ
ତେଜିଉଠେ ଯଉବନ ।
ଆଗୋ ମଉସୁମୀ ତୁମି ପୂଜ୍ୟଭୂମି
ଏତିକି ଗୁହାରି ଶୁଣ
ଖାଦ୍ୟ, ବସ୍ତ୍ର, ବାସ ଯୋଗାଡ଼ ସକାସ
ନ ଦିଅ କେବେ କଷଣ ।
ଦିଗ ଭ୍ରମି ଭ୍ରମି ଆଗୋ ମଉସୁମୀ
ଆସିଛ ସୁଷମା ନେଇ
ଗ୍ରୀଷ୍ମେ ତପ୍ତ ରସା ପାଉଛି ବରଷା
ସର୍ବେ କ୍ଷାନ୍ତ ସେଥିପାଇଁ ।

# ଦୁନିଆର ସବୁଠୁ ମହଙ୍ଗା ଶୁଆ

ଏମିତି କିଛି ପଶୁପକ୍ଷୀ ପ୍ରେମୀ ମଣିଷ ଅଛନ୍ତି ଯେ କି ଘରେ ପଶୁ ହେଉ ବା ପକ୍ଷୀ ରଖିବାକୁ ଭାରି ଭଲପାଆନ୍ତି । ପ୍ରାୟତଃ ଲୋକ ଘରେ ଶୁଆ ରଖିବାକୁ ପସନ୍ଦ କରନ୍ତି । ହେଲେ ଏମିତି ଏକ ଶୁଆ ରହିଛି ଯାହାର ନାଁ 'ହାୟସିନ୍ଥ ମକାଉ' ଯାହାକୁ କିଣି ଘରେ ରଖିବା ସମ୍ଭବ ନୁହେଁ । ଏହାର ହାରାହାରିକ ମୂଲ୍ୟ ୧.୨ କୋଟି । ତେଣୁ ଏହାକୁ ଦୁନିଆଁର ସବୁଠାରୁ ମହଙ୍ଗା ଶୁଆ ବୋଲି କୁହାଯାଏ । ଭାରତରେ ଅନେକ ସ୍ଥାନରେ ଏହାର ଦାମ୍ ୧୨ରୁ ୧୫ ଲକ୍ଷ ଟଙ୍କା ଥିବାବେଳେ ଅନ୍ତର୍ଜାତୀୟ ବଜାରରେ କୋଟି କୋଟି ଟଙ୍କାରେ ବିକ୍ରି ହୁଏ । ହାୟସିନ୍ଥ ମକାଉ ୩ ଫୁଟ ପର୍ଯ୍ୟନ୍ତ ଲମ୍ବା । ଏହାର ଶରୀର ଗାଢ଼ ନୀଳରଙ୍ଗ । ଆଖି ଚାରିପାଖେ ଥିବା ହଳଦିଆ ରଙ୍ଗର ଗାର ଆହୁରୀ ଆକର୍ଷଣୀୟ ହୋଇଥାଏ ଏବଂ ଥଣ୍ଟ ବହୁତ ଶକ୍ତିଶାଳୀ । ନଡ଼ିଆକୁ ଗାଜର ଭଳି ଚୋବାଇ ଦେଇଥାଏ । ହାୟସିନ୍ଥ ୫୦ରୁ ୮୦ ବର୍ଷ ପର୍ଯ୍ୟନ୍ତ ମଣିଷ ପରି ବଞ୍ଚିପାରେ ।



# ୧୪୦ଟି ଭାଷାରେ ଗୀତ ଗାଇ ଗିନିଜ ୱାର୍ଲ୍ଡ ରେକର୍ଡ କଲେ ସୁଚେତା ସତିଶ



ଭାରତବର୍ଷରେ ଦେଖିବାକୁ ଗଲେ ଅନେକ ସୁନାମଧନ୍ୟ ଗାୟକଗାୟିକା ଗୀତ ଗାଇ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି । ସେଥିମଧ୍ୟରୁ କେରଳର ଝିଅ ସୁଚେତା ସତିଶ ୧୪୦ଟି ଭାଷାରେ ଗୀତ ଗାଇ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି ।  ସେ ନିଜର ସୁନ୍ଦର କଣ୍ଠର ସୁମଧୁର ଗୀତ ମାଧ୍ୟମରେ ସାରା ଭାରତବର୍ଷକୁ ଗୌରବାନ୍ୱିତ କରିଛନ୍ତି । ଆୟଲିଆଥ ସୁମିତା ଏବଂ ଡାକ୍ତର ଟି.ସି ସତିଶଙ୍କର କନ୍ୟା ହେଉଛନ୍ତି ସୁଚେତା । ଆଜି ପର୍ଯ୍ୟନ୍ତ ସାରା ବିଶ୍ୱରେ କେହି ଏଭଳି କୀର୍ତ୍ତିମାନ ସ୍ଥାପନ କରିପାରିନାହାନ୍ତି । ସୁଚେତାଙ୍କ ସୁମଧୁର ସଙ୍ଗୀତ ଦର୍ଶକମାନଙ୍କୁ ବିମୋହିତ କରିପାରିଛି । ୨୦୨୩ ମସିହାରେ ସୁଚେତା ଦୁବାଇସ୍ଥିତ ଭାରତୀୟ ଦୂତାବାସ ପ୍ରେକ୍ଷାଳୟର କନସର୍ଟ ଫର୍ କ୍ଲାଇମେଟ୍  କାର୍ଯ୍ୟକ୍ରମରେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ବାଣ୍ଟିବା ଲାଗି ୧୪୦ଟି ଭାଷାରେ ଗୀତ ଗାଇଥିଲେ । ଏହି କାର୍ଯ୍ୟକ୍ରମରେ ୧୪୦ଟି ଦେଶର ପ୍ରତିନିଧିମାନେ ଯୋଗଦେଇଥିଲେ । ସେମାନଙ୍କୁ ଖୁସୀ ମନେଇବା ପାଇଁ ସେ ଏହି ୧୪୦ଟି ଭାଷାର ବାର୍ତ୍ତା ଦେଇଥିଲେ । କିନ୍ତୁ ଏବେ ସେ ୧୫୦ଟି ଭାଷାରେ ମଧ୍ୟ ଗୀତ ଗାଇପାରୁଥିବା ଜଣାପଡ଼ିଛି ।

# ମାଛ ସହ ନିଆରା ବନ୍ଧୁତ୍ୱ



ବନ୍ଧୁତା କେତେବେଳେ କାହା ସହିତ ହେବ ତାହା କେହି କହିପାରିବେ ନାହିଁ । ଖାଲି ବନ୍ଧୁତା କହିଲେ ମଣିଷ ସହ ହେବ ତାହା ନୁହେଁ ବରଂ ପଶୁ, ପକ୍ଷୀ ଓ ଅନ୍ୟାନ୍ୟ ଜୀବମାନଙ୍କ ସହ ମଧ୍ୟ ହୋଇପାରିବ । ଜାପାନର ସମୁଦ୍ର ବୁଡ଼ାଳି ହିରୋୟୁକି ଅରାକାୱାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି ଏକ ମାଛ ସହିତ ନିଆରା ବନ୍ଧୁତ୍ୱ । ପୁଣି ଦିନେ କି ଦୁଇଦିନ ନୁହେଁ, ତାହା ଦୀର୍ଘ ୨୫ ବର୍ଷର ବନ୍ଧୁତ୍ୱ । ଯେଉଁ ମାଛ ସହ ତାଙ୍କର ବନ୍ଧୁତ୍ୱ ହୋଇଛି ତାହା ଏସୀୟ ସିପସ୍‌ହେଡ୍ ରୈସ ପ୍ରଜାତିର, ଯାହାର ନାମ ୟୋରିକୋ । ହିରୋୟୁକିଙ୍କର କାମ ହେଉଛି ଏଠାକାର ତତେୟାମା ଉପସାଗରରେ ବୁଡ଼ି ରହିଥିବା ସିଣ୍ଟୋ ଧର୍ମର ତୋରି ନାମକ ଦେବାଳୟର ଦେଖାଶୁଣା କରିବା । ଏହି କାମ କରିବା ସମୟରେ ସେ ଅନେକ ସାମୁଦ୍ରିକ ଜୀବ ସଂସ୍ପର୍ଶରେ ଆସିଥାନ୍ତି । ଏମିତିରେ ଏସୀୟ ସିପସ୍‌ହେଡ୍ ରୈସ୍ ପ୍ରଜାତିର ଏକ ମାଛ ସହ ତାଙ୍କର ସମ୍ପର୍କ ଗଢ଼ିଉଠିଲା । ସେ ଯେବେ ବି ତତେୟାମା ଉପସାଗରରେ ସ୍କୁବା ଡାଇଭିଂ କରନ୍ତି ଏହି ମାଛ ସହ ତାଙ୍କର ଭେଟ ହୁଏ । ହିରୋୟୁକି ଓ ମାଛ ୟୋରିକୋଙ୍କ ମଧ୍ୟରେ ଥିବା ଏହି ମଧୁର ସମ୍ପର୍କ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି ।

## ଭୂତ, ପ୍ରେତ ଭଳି ତିଆରି କେକ୍ ପ୍ରତିଯୋଗିତା



ଜନ୍ମଦିନ, ଏନଗେଜମେଣ୍ଟ କି ବିବାହ ଏସବୁକୁ ପାଳନ କରିବା ଲାଗି ଦରକାର ପଡ଼େ କେକ୍। ସମସ୍ତେ ଚାହାନ୍ତି ବରାଦ ଦିଆଯାଇଥିବା କେକ୍‌ଟି ସୁନ୍ଦର, ଆକର୍ଷଣୀୟ ଓ ସ୍ୱାଦିଷ୍ଟ ହୋଇଥିବା ଦରକାର। କିନ୍ତୁ ଆମେରିକାର ଆୟୋବାରେ ଏକ ନିଆରା ଢଙ୍ଗରେ ଅସୁନ୍ଦର କେକ୍ ପ୍ରସ୍ତୁତ କରାଯାଇ ପ୍ରତିଯୋଗିତା କରାଯାଇଥାଏ। ଖାଲି ଅସୁନ୍ଦର କେକ୍ ତିଆରି କରାଯାଏ ତାହା ନୁହେଁ, ତାକୁ ନେଇ ପ୍ରତିଯୋଗିତାର ଆୟୋଜନ କରାଯାଏ। ଆଉ ସମସ୍ତେ ନିଜ ନିଜର କେକ୍‌କୁ ଗର୍ବର ସହ ପ୍ରଦର୍ଶିତ କରାନ୍ତି। ଏହି ପ୍ରତିଯୋଗିତାର ନାଁ ହେଉଛି 'ଜନସନ କାଉଣ୍ଟି ଫେୟାର'। ସ୍ଥାନୀୟ ଅଧିବାସୀ ଯେତେ ଅସମ୍ଭବ ଅସୁନ୍ଦର ଓ ଅଜବ କେକ୍ ତିଆରି କରିବାକୁ ପ୍ରୟାସ କରନ୍ତି। ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କୁ ବୟସ ଅନୁସାରେ ଭିନ୍ନ ଭିନ୍ନ ଗ୍ରୁପରେ ବିଭାଜିତ କରାଯାଇଥାଏ। ପ୍ରତିଯୋଗୀମାନେ ଭୂତ, ପ୍ରେତ, ଅସୁନ୍ଦର ଚେହେରା, ଲାଟ୍ରିନ, ପୋକ ଓ ମଳ ଭଳି ନାନା ପ୍ରକାରର ଅସୁନ୍ଦର କେକ୍ ତିଆରି କରନ୍ତି। ସବୁଠୁ ଅସୁନ୍ଦର କେକ୍ ତିଆରି କରିଥିବା ବ୍ୟକ୍ତିଙ୍କୁ ବିଚାରକମଣ୍ଡଳୀ ବିଜୟୀ ଘୋଷଣା କରନ୍ତି।❖❖❖

## ଶରୀରରେ କାନ୍‌ଭାସ



ଜର୍ଜିନା ରାଇଲ୍ୟାଣ୍ଡ ଅଷ୍ଟ୍ରେଲିଆ ବ୍ରିସବେନର ଜଣେ ବିଉଟି ବ୍ଲଗର। ନିଜ ଶରୀରକୁ କାନଭାସରେ ପରିଣତ କରି ତିଆରି କରିଛନ୍ତି ଅନେକ ବଡ଼ିଆର୍ଟ। ସେ ପୁଣି ନିଜେ ନିଜ ଶରୀରରେ କରୁଛନ୍ତି ପେଣ୍ଟିଂ। ଏଥିପାଇଁ ଦର୍ପଣର ବ୍ୟବହାର କରିଥାନ୍ତି। ଦର୍ପଣକୁ ଚାହିଁ ଛାତିର ଉପର ସେ ଭାଗରେ ସେ ଏଭଳି ପେଣ୍ଟିଂ କରନ୍ତି ଯାହା, କି ସମସ୍ତଙ୍କୁ ଚକିତ କଲା ଭଳି। ପରେ ସେ ବଡି ଆର୍ଟ କରିବା ଆରମ୍ଭ କରିଥିଲେ। ନିଜର ଛାତିର ଉପର ଭାଗ ଓ ବେକକୁ କାନଭାସ ଭାବରେ ବ୍ୟବହାର କରି ବଡ଼ ବଡ଼ ଓ ବହୁ ଜଟିଳ ପେଣ୍ଟିଂ କରିଥାନ୍ତି। ଏହି ଜଟିଳ ବଡ଼ି ପେଣ୍ଟିଂ ଗୁଡ଼ିକ ଲୋକପ୍ରିୟ ଚଳଚ୍ଚିତ୍ର ଏବଂ ଟିଭି ଶୋ' ଠାରୁ ଆରମ୍ଭ କରି ପ୍ରକୃତି ଏବଂ କ୍ଲାସିକ୍ ପେଣ୍ଟିଂ ଭଳି ବିଭିନ୍ନ ବିଷୟ ଦ୍ୱାରା ଅନୁପ୍ରାଣିତ ହୋଇଥାଏ।

## ପେଟ୍ରୋଲ ପିଇ ଚର୍ଚ୍ଚାରେ ମହିଳା

ପେଟ୍ରୋଲ ଗାଡ଼ିମୋଟରରେ ପଡୁଥିବା କଥା ଆମେ ସମସ୍ତେ ଜାଣିଛେ। କିନ୍ତୁ କାନାଡ଼ାର ୨୦ ବର୍ଷୀୟା ଯୁବତୀ ଶାନନ ଆମେରିକା-ଇରାନ ଯୁଦ୍ଧ ଯୋଗୁ ପେଟ୍ରୋଲର ଅଭାବ ଦେଖାଦେଇଥିବା ବେଳେ ସେ ଗ୍ୟାଲନ ଗ୍ୟାଲନ ପେଟ୍ରୋଲ ଢକ ଢକ କରି ପିଉଛନ୍ତି। ଶାନନ ଟିଏଲସି ଶୋରେ ନିଜର ଏହି ଅଜବ ଅଭ୍ୟାସକୁ ପ୍ରଦର୍ଶିତ କରି ସାରା ପୃଥିବୀରେ ଚର୍ଚ୍ଚାକୁ ଆସିଛନ୍ତି। ହେଲେ ପିଲାଦିନେ ସେ ପେଟ୍ରୋଲ ପିଉନଥିଲେ, କେବଳ ପେଟ୍ରୋଲ ଜାରକିନ୍ ଶୁଙ୍ଘୁଥିଲେ। କାରଣ ପେଟ୍ରୋଲ ବାସ୍ନା ତାଙ୍କୁ ଭଲ ଲାଗୁଥିଲା। ପରେ ଆଙ୍ଗୁଠିରେ ନେଇ ତାକୁ ପ୍ରଥମେ ଚାଖିବାକୁ ଲାଗିଲେ। ଧିରେ ଧିରେ ଏହା ଅଭ୍ୟାସରେ ପରିଣତ ହେଲା। ଏବେ ସେ ଦିନକୁ ୧୨ରୁ ୧୫ ଚାମଚ ପେଟ୍ରୋଲ ପିଉଛନ୍ତି। ବର୍ଷକ ମଧ୍ୟରେ ୧୯ ଲିଟରରୁ ଅଧିକ ପେଟ୍ରୋଲ ପିଇଦେଇଛନ୍ତି। ସେ କୁହନ୍ତି ପେଟ୍ରୋଲର ସ୍ୱାଦ ଖଟା, ମିଠା ଏବଂ ଟିକେ ଜ୍ୱଳନ୍ତ ଭଳି ହୋଇଥାଏ। ଏହାକୁ ପିଇବା ମାତ୍ରେ ଶରୀରରେ ଏକ ଶିହରଣ ସୃଷ୍ଟି ହୁଏ। ତଥାପି ମୁଁ ଏହାକୁ ପିଇବାରୁ ନିଜକୁ ରୋକିପାରେ ନାହିଁ। ଯେତେବେଳେ ମୁଁ ନିଜକୁ ଏକାକୀ ଅନୁଭବ କରେ ପେଟ୍ରୋଲ ପିଇଦେଲେ ମତେ ଆଶ୍ୱସ୍ତି ଲାଗେ। ଶନନ ସକାଳୁ ଉଠୁ ଉଠୁ, ରାତିରେ ଶୋଇବା ପୂର୍ବରୁ ଓ ଦିନର ଅଧିକାଂଶ ସମୟରେ ପେଟ୍ରୋଲ ପିଅନ୍ତି। ତାଙ୍କ ପାଟିରୁ ସବୁବେଳେ ପେଟ୍ରୋଲ ଦୁର୍ଗନ୍ଧ ବାହାରିଥାଏ।



# ଦୀର୍ଘଯାତ୍ରା



ଡ଼ଃ. ପଦ୍ମଲୋଚନ ରାଉତ

ଡ଼ଃ ଅରିନ୍ଦମ ମିଶ୍ର ଷ୍ଟେସନରୁ ବାହାରୁଥିବା ବେଳେ ନିଜ କାନ୍ଧରେ ଥିବା ଭାରୀ ବ୍ୟାଗକୁ ସଜାଡ଼ି ନେଲେ । ରାୟପୁରରୁ ପ୍ରାୟ ୭୫୦ କିଲୋମିଟରର ଦୂର ଏବଂ ୨୦ ଘଣ୍ଟିଆ ଟ୍ରେନ ଯାତ୍ରା ତାଙ୍କୁ କ୍ଲାନ୍ତ କରିଦେଇଥିଲା । କିନ୍ତୁ ମନରେ ଥିଲା ଆଶା ଓ ଆତ୍ମବିଶ୍ୱାସ । ସେ ଜଣେ ସାଧାରଣ ପ୍ରାର୍ଥୀ ନୁହେଁ । ଇଂରାଜୀ, ସାହିତ୍ୟ ଓ ଓଡ଼ିଆ ସାହିତ୍ୟରେ ଦୁଇଟି ପିଏଚ୍‌ଡି, ତିନୋଟି ଏମ୍‌ଏ, ବିଏଡ୍ ଏବଂ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ ସେ କରିଥିଲେ । ଅନେକ ଗବେଷଣାପତ୍ର, ପୁସ୍ତକ, ଅଧ୍ୟାୟ, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀରେ ଉପସ୍ଥାପନା ଏବଂ ବିଭିନ୍ନ ଶିକ୍ଷାଗତ ସମ୍ମାନ ତାଙ୍କ ଜୀବନର ଅର୍ଜନ ଥିଲା । ସାକ୍ଷାତକାର ପତ୍ରରେ ସ୍ପଷ୍ଟଭାବରେ ଲେଖାଥିଲା ଯେ, ପ୍ରାର୍ଥୀମାନେ ନିଜ ନିଜର ପ୍ରକାଶିତ ଗବେଷଣା ପତ୍ର, ଥେସିସ୍, ପୁସ୍ତକ, ଜର୍ଣ୍ଣାଲ, ସମ୍ମିଳନୀ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଶିକ୍ଷାଗତ ସଫଳତାର ଦଲିଲ ସହ ଆସିବେ । ସେହି ନିର୍ଦ୍ଦେଶକୁ ସମ୍ମାନ ଦେଇ ଡଃ ଅରିନ୍ଦମ ଦୁଇଟି ବଡ଼ ବ୍ୟାଗରେ ନିଜ ଜୀବନର ସମସ୍ତ ଶିକ୍ଷାଗତ ସଫଳତାକୁ ନେଇ ଆସିଥିଲେ । ସାକ୍ଷାତକାର ସମୟ ଥିଲା ଦିନ ୨.୩୦ । ସେ ସମୟର ବହୁ ପୂର୍ବରୁ ସେଠାରେ ପହଞ୍ଚି ଅପେକ୍ଷା କରିଥିଲେ । ୨.୩୦ ବାଜିଲା । ୩.୦୦ ବାଜିଲା । ତଥାପି ସାକ୍ଷାତକାର ଆରମ୍ଭ ହେଲା ନାହିଁ । ଶେଷରେ ୩.୩୦ରେ ସାକ୍ଷାତକାର ଆରମ୍ଭ ହେଲା– ନିର୍ଦ୍ଧାରିତ ସମୟଠାରୁ ଏକ ଘଣ୍ଟା ବିଳମ୍ବରେ । ଅପେକ୍ଷା କରୁଥିବା ବେଳେ ସେ ଅନ୍ୟ ପ୍ରାର୍ଥୀମାନଙ୍କୁ ଦେଖୁଥିଲେ । ଅନେକଙ୍କ ତୁଳନାରେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଓ ଅନୁଭବ ବହୁତ ଅଧିକ ଥିଲା । ତଥାପି ସେ କାହାକୁ ଛୋଟ ଭାବି ନଥିଲେ ।

ଡାକରା ଆସିଲା... । ସେ ଆତ୍ମ ବିଶ୍ୱାସର ସହ ସାକ୍ଷାତକାର ରୁମକୁ ପ୍ରବେଶ କଲେ । ସାମ୍ନାରେ ସାତ ଜଣ ସଦସ୍ୟ ବସିଥିଲେ । ସେ ନମ୍ରତାର ସହ ଅଭିବାଦନ ଜଣାଇ ଆସନ ଗ୍ରହଣ କଲେ । ସାକ୍ଷାତକାର ଆରମ୍ଭ ହେଲା । କିନ୍ତୁ କିଛି ସମୟ ମଧ୍ୟରେ ସେ ଆଶ୍ଚର୍ଯ୍ୟଚକିତ ହେଲେ । କେହି ତାଙ୍କର ଗବେଷଣା ପତ୍ର ବିଷୟରେ ପଚାରିଲେ ନାହିଁ । କେହି ତାଙ୍କର ପୁସ୍ତକ ଦେଖିବାକୁ ଚାହିଁଲେ ନାହିଁ । କେହି ତାଙ୍କର ପିଏଚଡି ଗବେଷଣା ଥେସିସ୍ ପ୍ରକାଶନ କିମ୍ବା ଶିକ୍ଷାଗତ ସଫଳତା ବିଷୟରେ ଆଗ୍ରହ ପ୍ରକାଶ କଲେ ନାହିଁ । ସେ ଏତେ ଦୂରରୁ ବୋହି ଆଣିଥିବା ଦୁଇଟି ବ୍ୟାଗ ଖୋଲା ମଧ୍ୟ ହେଲା ନାହିଁ । ପ୍ରଶ୍ନ ଗୁଡ଼ିକ ଥିଲା ସଂକ୍ଷିପ୍ତ । ଆଲୋଚନା ଥିଲା ନିଷ୍ପ୍ରାଣ । ସମଗ୍ର ପ୍ରକ୍ରିୟାଟି ତାଙ୍କୁ ଏମିତି ଲାଗିଲା ଯେପରି ତାଙ୍କ ଜୀବନର ଦୀର୍ଘ ସାଧନାର କୌଣସି ମୂଲ୍ୟ ନାହିଁ । କିଛି ମିନିଟ୍ ପରେ ସାକ୍ଷାତକାର ଶେଷ ହୋଇଗଲା । ଧନ୍ୟବାଦ ଆପଣ ଯାଇପାରିବେ, ଜଣେ ସଦସ୍ୟ କହିଲେ । ଡଃ ଅରିନ୍ଦମ ନୀରବତାର ସହ ବାହାରକୁ ଆସିଲେ । ତାଙ୍କ ମନ ଭାରାକ୍ରାନ୍ତ ହୋଇଯାଇଥିଲା । ଚାକିରୀ ମିଳିବ କି ନାହିଁ, ସେ କଥା ତାଙ୍କୁ ଏତେ ଦୁଃଖ ଦେଇ ନଥିଲା । ଦୁଃଖ ଦେଇଥିଲା, ତାଙ୍କର ପରିଶ୍ରମ, ଜ୍ଞାନ, ଅଭିଜ୍ଞତା ଏବଂ ସମୟ ପ୍ରତି ପ୍ରଦର୍ଶିତ ଅବହେଳା । ସେ ଭାବୁଥିଲେ –୨୦ ଘଣ୍ଟିଆ ଯାତ୍ରା, ଯାତ୍ରାର ଖର୍ଚ୍ଚ, ନିଦ୍ରାହୀନ ରାତ୍ରୀ ଏବଂ ବର୍ଷ ବର୍ଷର ସାଧନାରେ ଅର୍ଜିତ ପ୍ରତ୍ୟେକ ଡିଗ୍ରୀ ପ୍ରକାଶନ ଓ ସମ୍ମାନ ।



ସନ୍ଧ୍ୟାର ସୂର୍ଯ୍ୟ ଅସ୍ତ ଯାଉଥିବା ବେଳେ ସେ କ୍ୟାମ୍ପସ ବାହାରେ ଏକ ବେଞ୍ଚରେ ବସିଥିଲେ । କିଛି ସମୟ ପରେ ତାଙ୍କ ମୁହଁରେ ହସ ଫୁଟି ଉଠିଲା । ସେ ବୁଝିଗଲେ– କୌଣସି ସାକ୍ଷାତକାର ବୋର୍ଡ ତାଙ୍କ ଜ୍ଞାନକୁ ଅବହେଳା କରିପାରେ, କିନ୍ତୁ ତାହାକୁ ଲିଭାଇ ପାରିବ ନାହିଁ । ତାଙ୍କର ପୁସ୍ତକ ଗୁଡ଼ିକ ଏବେ ମଧ୍ୟ ଅଛି । ତାଙ୍କର ଗବେଷଣା ଏବେ ମଧ୍ୟ ଜ୍ଞାନର ଭଣ୍ଡାରକୁ ସମୃଦ୍ଧ କରୁଛି । ତାଙ୍କର ଛାତ୍ରଛାତ୍ରୀ ମାନେ ଆଜି ମଧ୍ୟ ତାଙ୍କୁ ସମ୍ମାନ କରନ୍ତି । ତାଙ୍କର ସଫଳତା ତାଙ୍କର ନିଜସ୍ୱ ସମ୍ପଦ । ସେ ସେଠାରୁ ଉଠି ଦୌଡ଼ିଲେ, ବ୍ୟାଗ ଦୁଇଟି କାନ୍ଧରେ ନେଲେ ଏବଂ ଷ୍ଟେସନ ଆଡ଼କୁ ଚାଲିଲେ । ସାକ୍ଷାତକାର ତାଙ୍କୁ ନିରାଶ କରିଥିଲା, କିନ୍ତୁ ତାଙ୍କର ମର୍ଯ୍ୟାଦାକୁ କମାଇ ପାରିନଥିଲା ଏବଂ ସେହି ଅନୁଭବ ହିଁ ତାଙ୍କର ସବୁଠାରୁ ବଡ଼ ଜୟ ଥିଲା । ସେ ଅନୁଭବ କଲେ–ଯୋଗ୍ୟତାର ପ୍ରକୃତ ମୂଲ୍ୟ କୌଣସି ଏକ ସାକ୍ଷାତକାର ସ୍ୱୀକୃତିରେ ନୁହେଁ ବରଂ ଜୀବନ ବ୍ୟାପି ସାଧନା ଓ ଜ୍ଞାନର ଅବଦାନରେ ।❖❖❖

**ଆସୋସିଏଟ ପ୍ରଫେସର,**
**ଇଂରାଜୀ ସାହିତ୍ୟ, ଛତିଶଗଡ଼**

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩

ମୋହନ ସୁନ୍ଦର ଦେବ ଗୋସ୍ୱାମୀ(ଜୀବନ ବ୍ୟାପୀ ସାଧନା ସମ୍ମାନ)ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ
ଶ୍ରେଷ୍ଠ ଚଳଚ୍ଚିତ୍ର- ପୁଷ୍କରା, ପ୍ରଯୋଜକ- ତରଙ୍ଗ ସିନେ ପ୍ରଡକ୍ସନ, ମାଇଁ ସୁଇଟ୍ ହାଉସ୍ ୱାଇଫ୍, ପ୍ରଯୋଜକ-ମିଷ୍ଟିକ କ୍ୱୋ କ୍ରାଫ୍ଟ- ନୈନା ଦାଶ ତିୱାରୀ, ପ୍ରୀତିରାଜ ଶତପଥୀ
ଶ୍ରେଷ୍ଠ ନିର୍ଦ୍ଦେଶକ- ପିନାକୀ ସିଂ, ଶିଶିର କୁମାର ସାହୁ- ମାଇଁ ସୁଇଟ୍ ହାଉସ୍ ୱାଇଫ୍
ଶ୍ରେଷ୍ଠ ମୁଖ୍ୟ ଅଭିନେତା- ହରିହର ମହାପାତ୍ର, ଧୋରେ ବାବୁ ଧୋ
ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ- ନୈନା ଦାଶ ତିୱାରୀ- ମାଇଁ ସୁଇଟ୍ ହାଉସ୍ ୱାଇଫ୍, ସୁପ୍ରିୟା ନାୟକ- ପୁଷ୍କରା
ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା- ଚୌଧୁରୀ ଜୟପ୍ରକାଶ ଦାସ- ଫାଲଗୁନ୍ ଚୈତ୍ର
ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ- ସୂର୍ଯ୍ୟମୟୀ ମହାପାତ୍ର- ଡେଲିଭରି ବୟ
ଶ୍ରେଷ୍ଠ ଖଳ ଅଭିନେତା- ଚୌଧୁରୀ ବିକାଶ ଦାସ- କଟକ ଶେଷରୁ ଆରମ୍ଭ
ଶ୍ରେଷ୍ଠ ଖଳ ଅଭିନେତ୍ରୀ- ପିଙ୍କି ପ୍ରଧାନ, ଧୋରେ ବାବୁ ଧୋ
ଶ୍ରେଷ୍ଠ ହାସ୍ୟ ଅଭିନେତା- ସନ୍ତୋଷ କୁମାର କାଣ୍ଡୀ- ଶାନ୍ତି ଆପାର୍ଟମେଣ୍ଟ
ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ- ଆଲିଆ ନନ୍ଦ- ଶାନ୍ତି ଆପାର୍ଟମେଣ୍ଟ
ଶ୍ରେଷ୍ଠ କାହାଣୀକାର- ପିନାକୀ ଶ୍ରୀଚନ୍ଦନ- ନିୟତି
ଶ୍ରେଷ୍ଠ ଚିତ୍ରନାଟ୍ୟ- ପ୍ରଣବ ପ୍ରସନ୍ନ ରଥ- ଫାଲଗୁନ ଚୈତ୍ର
ଶ୍ରେଷ୍ଠ ସଂଳାପ ଲେଖକ- ଭରଦ୍ୱାଜ ପଣ୍ଡା- ମନ ମ୍ୟୁଜିୟମ୍
ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ- ଶରତ ନାୟକ- ମନ ମ୍ୟୁଜିୟମ
ଶ୍ରେଷ୍ଠ ଗୀତିକାର- ଡା. ନିର୍ମଳ ନାୟକ-ମହର୍ଷି- ମୋ ମାଟି ମୋ ପାଇଁ ବାସଚନ୍ଦନ
ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ- ବିଷ୍ଣୁ ମୋହନ କବି- ମହର୍ଷି- ମୋ ମାଟି ମୋ ପାଇଁ ବାସଚନ୍ଦନ
ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା- ଅନ୍ତରା ଚକ୍ରବର୍ତ୍ତୀ- ମନ ମ୍ୟୁଜିୟମ୍- ଆରେ ମେଘ ଆ
ଶ୍ରେଷ୍ଠ ଚିତ୍ରଗ୍ରହଣ(ପ୍ରମୋଦ ପତି ସମ୍ମାନ- ରୁଦ୍ରକାନ୍ତ ସିଂ- ମାଇଁ ସୁଇଟ୍ ହାଉସ୍ ୱଇଫ୍
ଶ୍ରେଷ୍ଠ ସମ୍ପାଦନା- ରଶ୍ମୀ ରଞ୍ଜନ ଦାସ- ଏଇ ଆକାଶ ତଳେ
ଶ୍ରେଷ୍ଠ ଶବ୍ଦ ଗ୍ରହଣକାରୀ- ଜ୍ୟୋତି ପ୍ରକାଶ ମହାନା- ବାପା ସୁପରମ୍ୟାନ
ଶ୍ରେଷ୍ଠ କଳା ନିର୍ଦ୍ଦେଶକ- କଳିଙ୍ଗ କେଶରୀ ନାୟକ- ପୁଷ୍କରା
ଶ୍ରେଷ୍ଠ ନୃତ୍ୟ ସଂଯୋଜନା- ମଣ୍ଟୁ ଜେନା- ଡେଲିଭରି ବୟ
ଶ୍ରେଷ୍ଠ ରୂପ ସଜ୍ଜାକାରୀ- ରାଜ କିଶୋର ଜେନା- ଲଭ୍ ଇନ୍ ଲଣ୍ଡନ
ଶ୍ରେଷ୍ଠ ବେଶ ପୋଷାକ ସଜ୍ଜାକାରୀ- ୱାସିଦିଆ ତବସୁମ୍- ଫାଲଗୁନ ଚୈତ୍ର
ଶ୍ରେଷ୍ଠ ମନୋରଞ୍ଜନ ଭିତ୍ତିକ ଚଳଚ୍ଚିତ୍ର- ମାଲ୍ୟାଗିରି- କାହାଣୀ ଆରମ୍ଭ ପ୍ରଯୋଜକ- ରେନଡ୍ରପ୍ ପିକ୍ଚର୍ସ- ରାକେଶ କୁମାର ଜେନା
ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର- ଫୁଲଫୁଟି ମହକିଲା- ପ୍ରଯୋଜକ- ପ୍ରତିଭା କ୍ରିଏଟିଭ ଆର୍ଟସ- ଡ. ତ୍ରିଲୋଚନ ଖୁଣ୍ଟିଆ
ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର- ମୋ ବୋଉ ମୋ ଗାଁ, ପ୍ରଯୋଜକ- କିକ୍ସେ ୱିକ୍ସେ ଫିଲ୍ମସ- ସୁପ୍ରଭା ସାହୁ, ନିର୍ଦ୍ଦେଶକ- ସୁବାସ ସାହୁ
ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର-ମାଇଁ ନ୍ୟାସନାଲ ଫ୍ଲାଗ୍-ପ୍ରଯୋଜକ-ନିନା ମହାପାତ୍ର
ସ୍ୱତନ୍ତ୍ର ଜୁରୀ ପୁରସ୍କାର- ସମର୍ପିତା ଦାଶ- ଏଇ ଅକାଶ ତଳେ
ଶ୍ରେଷ୍ଠ ଓଡ଼ିଆ ସିନେମା ପୁସ୍ତକ- ମୋନୋଗ୍ରାଫ୍- ଅମିତାଭ ଖିଲାର

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪

ମୋହନ ସୁନ୍ଦର ଦେବ ଗୋସ୍ୱାମୀ(ଜୀବନ ବ୍ୟାପୀ ସାଧନା ସମ୍ମାନ)- ନମ୍ରତା ଦାସ(ଡଲି ଅପା)
ଶ୍ରେଷ୍ଠ ଚଳଚ୍ଚିତ୍ର- ଆଶ୍ରମ, ପ୍ରଯୋଜକ- ଅନୀଶ ଏଣ୍ଟରଟେନ୍‌ମେଣ୍ଟ- ତପନ କୁମାର ଦାସ
ଶ୍ରେଷ୍ଠ ନିର୍ଦ୍ଦେଶକ- ଅଶୋକ ପତି- ପାବାର୍
ଶ୍ରେଷ୍ଠ ମୁଖ୍ୟ ଅଭିନେତା- ତନ୍ମୟ ମହାନ୍ତି (ବାବୁସାନ୍)- ପାବାର୍
ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ- ଦେବଯାନୀ ଦେଘୁରିଆ- ଭଗିଆ ଭାରିଯା
ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା- ସୁକାନ୍ତ ରଥ- ତ୍ରିକନ୍ୟା
ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ- ଲିପ୍ସା ମିଶ୍ର- କେମିତି ଏ ସମ୍ପର୍କ
ଶ୍ରେଷ୍ଠ ଖଳ ଅଭିନେତା- ହର ରଥ- ଭୋଟ୍
ଶ୍ରେଷ୍ଠ ଖଳ ଅଭିନେତ୍ରୀ- ଉଷସୀ ମିଶ୍ର- କେମିତି ଏ ସମ୍ପର୍କ
ଶ୍ରେଷ୍ଠ ହାସ୍ୟ ଅଭିନେତା- ଜୀବନ ପଣ୍ଡା- ଅଦୃଶ୍ୟ
ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ- ଲତାସା ଖୁରାନା- ତୁମ ବିନା
ଶ୍ରେଷ୍ଠ କାହାଣୀକାର- ଅଜୟ ମହାପାତ୍ର- ଭୋଟ୍
ଶ୍ରେଷ୍ଠ ଚିତ୍ରନାଟ୍ୟ- ଚିନ୍ମୟ କୁମାର ଦାସ- ପରବ
ଶ୍ରେଷ୍ଠ ସଂଳାପ ଲେଖକ- ବିଜୟ ଦାସ- ସିନ୍ଦୂରା
ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ(ବାଳକୃଷ୍ଣ ଦାଶ ସମ୍ମାନ)-ଦିବ୍ୟଜିତ୍ ସାହୁ- ପରବ
ଶ୍ରେଷ୍ଠ ଗୀତିକାର- ଦୁର୍ଗା ମାଧବ ପଣ୍ଡା- କର୍ମ- ମୋ ହୃଦୟଟା ନୁହେଁ
ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ- ରୂପକ କୁମାର ପରିଡ଼ା- ଆଶ୍ରମ- ଅବର୍ଣ୍ଣନୀୟ ଜଗନ୍ନାଥ
ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା- ଅର୍ପିତା ଚୌଧୁରୀ- ଚନ୍ଦ୍ରବଂଶୀ- ମଧୁଛନ୍ଦାରେ
ଶ୍ରେଷ୍ଠ ଚିତ୍ରଗ୍ରହଣ(ପ୍ରମୋଦ ପତି ସମ୍ମାନ)- ମାନସ କୁମାର ମିଶ୍ର- ଭଗିଆ ଭାରିଯା
ଶ୍ରେଷ୍ଠ ସମ୍ପାଦନା- ଚନ୍ଦ୍ରଶେଖର ମିଶ୍ର- ଆଶ୍ରମ
ଶ୍ରେଷ୍ଠ ଶବ୍ଦ ଗ୍ରହଣକାରୀ- ତୁଷାର ଜେନା- ରଂଗଶୁର
ଶ୍ରେଷ୍ଠ ନୃତ୍ୟ ସଂଯୋଜନା- ଗିରିଶ ମହାନ୍ତି- ଆଇ ଲଭ୍ ୟୁ-୨.୦
ଶ୍ରେଷ୍ଠ ବେଶ ପୋଷାକ ସଜ୍ଜାକାରୀ- ନିର୍ମଳ ଦାସ- ଆଇ ଲଭ ୟୁ-୨.୦
ଶ୍ରେଷ୍ଠ ରୂପ ସଜ୍ଜାକାରୀ- ତପନ ନାୟକ- ଆଜିର ରେବତୀ
ଶ୍ରେଷ୍ଠ ସ୍ପେଶାଲ ଇଫେକ୍ଟସ- କାହାକୁ ଦିଆଯାଇ ନାହିଁ
ଶ୍ରେଷ୍ଠ ମନୋରଞ୍ଜନ ଭିତ୍ତିକ ଚଳଚ୍ଚିତ୍ର- କର୍ମ, ପ୍ରଯୋଜକ- ଅମୀୟ ପଟ୍ଟନାୟକ ପ୍ରଡକ୍ସନ
ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର- ଅନୁଭବ- ପ୍ରଯୋଜକ- ପିଙ୍କି ପ୍ରଧାନ
ଶ୍ରେଷ୍ଠ ପ୍ରମାଣିକ ଚଳଚ୍ଚିତ୍ର- ଦଣ୍ଡେ ରହେ କାହାଣୀ କହେ, ପ୍ରଯୋଜକ/ନିର୍ଦ୍ଦେଶକ - ଦ ପ୍ରିମିୟର ମିଡ଼ିଆ- ସନ୍ତୋଷ ପଣ୍ଡା
ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର- ସିନ୍ଦୂରା-ପ୍ରଯୋଜକ-ରାସେଶ୍ୱରୀ ଫିଲ୍ମସ୍-ବିରଞ୍ଚି ନାରାୟଣ ପଣ୍ଡା
ସ୍ୱତନ୍ତ୍ର ଜୁରୀ ପୁରସ୍କାର- ସୋନା ମଲ୍ଲିକ- ଆଭା, ହରିହର ମହାପାତ୍ର- ଭଗିଆ ଭାରିଯା
ଶ୍ରେଷ୍ଠ ଓଡ଼ିଆ ସିନେମା ପୁସ୍ତକ- ଇଭୋଲ୍ୟୁସନ୍ ଅଫ୍ ଓଡ଼ିଆ ସିନେମା- ଡ. ରଞ୍ଜନ କୁମାର ରଥ

# ଜୁଲାଇ ମାସରେ ଆପଣଙ୍କ ଭାଗ୍ୟଫଳ

**ମେଷ:-** ଏ ମାସରେ ଆପଣ ଠିକାଦାରୀ, ସଡ଼କ, ଗୃହନିର୍ମାଣ ସାମଗ୍ରୀ ବ୍ୟବସାୟ, ବସ୍ତ୍ର, ଫଳ, ପନିପରିବା, ଖାଇବାତେଲ, ଲୁହା, ମୋଟରପାର୍ଟସ, କୋଇଲା, ପେଟ୍ରୋଲିୟମ ପଦାର୍ଥ, ଏଜେନ୍ସି ଆଦି ବ୍ୟବସାୟରେ ଲାଭବାନ ହୋଇପାରନ୍ତି । ଇଚ୍ଛାଶକ୍ତି ପ୍ରବଳମାତ୍ରାରେ ଜାଗ୍ରତ ହେବା ଫଳରେ ଅର୍ଥର ସମ୍ୟକ ବୃଦ୍ଧି ହେବ । ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଆଗକୁ ବଢ଼ିପାରିବେ ।

**ବୃଷ:-** ଚଳିତ ମାସଟିରେ ଆପଣଙ୍କ ସନ୍ତାନ ସନ୍ତତି ଖୁସିରେ ଆନନ୍ଦିତ ହେବେ । ହାତଖାଲି ହେବା ବେଳକୁ ଦୈବୀ ସହାୟତା ତଥା କର୍ମଯୋଗ ଦ୍ୱାରା ଖାଲି ହାତ ପୁଣି ଭରି ହୋଇଯିବ । କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ ଆଦି କ୍ଷେତ୍ରରେ ଆଗ୍ରହ ବଢ଼ିବ । ପ୍ରେମିକ ପ୍ରେମିକାମାନଙ୍କର ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ । ଖେଳରେ ପ୍ରଶଂସା ପାଇବେ ।

**ମିଥୁନ:-** ଏ ମାସରେ ଆପଣ ବ୍ୟବସାୟ ବାଣିଜ୍ୟ ପାଇଁ ଦୂରଗାମୀ ହେଲେ ସବୁ ଉନ୍ନତିର ସମ୍ଭାବନା ବୃଦ୍ଧି ହେବ । ରାଜନୀତି କ୍ଷେତ୍ରରେ ଉଚ୍ଚ ସମ୍ଭାବନାର ଆଶା ଓ ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ । ଧାର କରଜ ସୁଜିବା ପାଇଁ ସୁଯୋଗ ପାଇବେ । ଦୂରବନ୍ଧୁଙ୍କ ସୌଜନ୍ୟ ମୂଳକ ସାକ୍ଷାତ କରି ଖୁସୀ ହେବେ । ନୂତନ କାର୍ଯ୍ୟାରମ୍ଭ ହେବାର ସମ୍ଭାବନା ଅଛି ।

**କର୍କଟ:-** ଚଳିତ ମାସଟିରେ ଆପଣଙ୍କ ପାରିବାରିକ ସମସ୍ୟାରେ ସୁଧାର ଆସିବ । ତୀର୍ଥଟନ ଯୋଗ ଥିବାରୁ ଯାତ୍ରା କରି ଆନନ୍ଦିତ ହେବେ । କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗିତାଦି କ୍ଷେତ୍ରରେ ଜୟଯୁକ୍ତ ହେବେ । ପ୍ରେମିକ, ପ୍ରେମିକାମାନଙ୍କୁ ପ୍ରେମରେ ସଫଳତା ମିଳିବ । ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ । ବ୍ୟବସାୟୀମାନେ ସଙ୍କୋଚତାର ସହ କାର୍ଯ୍ୟ କରିବେ ।

**ସିଂହ:-** ଏମାସଟିରେ ଆପଣଙ୍କୁ ପୁରୁଣା ନିବେଶ ଲାଭ ଦେବ । ଶୁଭ ସମାଚାର ମିଳିପାରେ । ସ୍ୱାସ୍ଥ୍ୟ ଭଲ ରହିବ । ଭାତୃ ବିବାଦ ଦୂର ହୋଇ ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ । ଆର୍ଥିକ ଦିଗରୁ ବେଶ୍ ଅନୁକୂଳ ଥିବାରୁ କିଛି ନୂତନ ପଦାର୍ଥ ସଂଗ୍ରହ ବା ବ୍ୟାଙ୍କ ବାଲାନ୍ସ ବୃଦ୍ଧି ପାଇବ । ବାଦବିବାଦ, କ୍ରୀଡ଼ା, ପ୍ରତିଦ୍ୱନ୍ଦ୍ୱିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**କନ୍ୟା:-** ଚଳିତ ମାସଟିରେ ଆପଣଙ୍କୁ ସରକାରୀ କ୍ଷେତ୍ରରେ ଯଶ, ମାନ ସମ୍ମାନ ପ୍ରତିଷ୍ଠା ମିଳିବ । ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ । କର୍ମକ୍ଷେତ୍ରରେ ଉଚ୍ଚଅଧିକାରୀ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁ-ସମ୍ପର୍କ ଫଳରେ କର୍ମୋନ୍ନତିର ସୂଚନା ପାଇବେ । ବିଦ୍ୟା କ୍ଷେତ୍ରରେ ମଧ୍ୟ ସଫଳତା ମିଳିବ । ଶତ୍ରୁମାନେ ଦୂର ହେବେ । ଶୁଭକାମରେ ଯୋଗଦେବେ ।

**ତୁଳା:-** ଚଳିତ ମାସଟିରେ ଶିକ୍ଷକ, ପ୍ରଶିକ୍ଷକ, ଅଭିନେତା, ନେତାମାନେ ଲାଭବାନ ହେବେ । ବ୍ୟବସାୟୀଙ୍କର କାରବାର ବଢ଼ିବ ଓ ଲୋକ ସମ୍ପର୍କ ବୃଦ୍ଧି ହେବ । ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ଜରୁରୀ କାର୍ଯ୍ୟ ଓ ଆବଶ୍ୟକ ଅର୍ଥ ଆଦାନପ୍ରଦାନ ସୂଚାରୁରୂପେ ହେବ । ରାଜକୀୟ ମାମଲାରେ ସଫଳତା ମିଳିବ । ପରିବାରରେ କଳହ ଅଳ୍ପବହୁତେ ଦେଖାଦେବ ହେଲେ ପ୍ରଭାବ ପଡ଼ିବ ନାହିଁ ।

**ବିଛା:-** ଏ ମାସରେ ଆପଣଙ୍କର ସହକର୍ମୀମାନଙ୍କ ସହ ବାଦବିବାଦର ଅବସାନ ଘଟି ବନ୍ଧୁତ୍ୱ ସୃଷ୍ଟି ହେବ । ଜାଗା, ଜମି, ବାସଗୃହ ଓ ଯାନବାହାନ ଆଦି କ୍ରୟ କରିବା ପାଇଁ ଯୋଗଯୋଗ କରିପାରନ୍ତି । ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କକୁ ଆଧାରକରି ବଳୀୟାନ ହେବେ । ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବା ସହ ସ୍ୱାସ୍ଥ୍ୟହାନୀର ମଧ୍ୟ ଆଶଙ୍କା ରହଛି ।

**ଧନୁ:-** ଚଳିତ ମାସରେ ଆପଣ ସନ୍ତାନସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତିଶୃଙ୍ଖଳା ବଜାୟ ରଖିପାରିବେ । ଆୟ ଉପାର୍ଜ୍ଜନର ବୃଦ୍ଧି, ଋଣରୁ ମୁକ୍ତି ମିଳିବା ସହ ଶତ୍ରୁବାଧା ଯିବ । ଅଧିକାରୀ ଓ ସହକର୍ମୀମାନେ କାମର ପ୍ରଶଂସା କରିବେ । ମାନସିକ ବିଷାଦ, ଦାମ୍ପତ୍ୟ କଳହ ଓ ଭୟ ଆଶଙ୍କା ଦୂରେଇ ଯାଇ ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବକେୟା ଅର୍ଥ କିଛି ମିଳିବ ।

**ମକର:-** ଏ ମାସଟିରେ ଆପଣ ଶାରୀରିକ ସୁସ୍ଥତା ଅନୁଭବ କରିବେ । ଶତ୍ରୁନାଶ, ଧନପ୍ରାପ୍ତି, ମିତ୍ରଲାଭ, ପ୍ରଶଂସିତ ହେବା ସହ ଉଚ୍ଚ ସନ୍ତାନ ପାଇବେ । ଜମିଜମା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହେବ । ସାମ୍ବାଦିକତାରୁ ଲାଭ ଓ ଶୁଭ ସମାଚାର ପାଇବେ । ପରିବାରର ମାମଲା ଘରୋଇ ସମସ୍ୟାର ସମାଧାନ ହୋଇ ଆୟର ସ୍ରୋତ ଖୋଲିଦେବ ।

**କୁମ୍ଭ:-** ଚଳିତ ମାସଟିରେ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ଫଳରେ ପ୍ରଶଂସା ପାଇବେ । ପରିବାରରେ ଖୁସିର ବାତାବରଣ ସ୍ଥାୟୀ ରହିବ । ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ ଆପଣ ସଫଳତା ଅର୍ଜନ କରିବେ । ବନ୍ଧୁ, ମିତ୍ରଙ୍କ ଠାରୁ ସାହାଯ୍ୟ, ସହଯୋଗ ମିଳିବା ଫଳରେ ମାନସିକ ଶାନ୍ତି ପାଇବେ । ରାଜନୀତିର ଲୋକ ସମର୍ଥନକୁ ନେଇ ବଳିୟାନ ହେବେ । ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ ।

**ମୀନ:-** ଏ ମାସଟିରେ ଆପଣଙ୍କର ଆକସ୍ମିକ ଧନପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ । ପାରିବାରିକ ସମସ୍ୟା ସମାଧାନ କରି ଶାନ୍ତି ପାଇବେ । ବ୍ୟବସାୟରେ ଜବରଦସ୍ତି ଉନ୍ନତି ସହ ଆଶାତୀତ ଲାଭ ପାଇବେ । କାରବାରର ଗତି ରୀତିରେ ପରିବର୍ତ୍ତନ ଆଶଙ୍କା ନାହିଁ । ଯେତେ ସମସ୍ୟା ଲାଗିଲେ ମଧ୍ୟ କାମକୁ ଅବହେଳା କରିପାରିବେ ନାହିଁ ।❖❖❖


MTB
FEEL THE DIFFERENCE
®
MAA TARINI BASTRALAYA
WHOLESALE SAREE & READYMADE GARMENTS
KALPANA | SISUPALA CHHAK | NIMAPARA

ADMISSION NOTICE FOR SESSION 2026-27

# MANJARI DEVI COLLEGE

Estd.- 1995

Purana Padhan, Balakati, Bhubaneswar-752100

Approved by & Affiliated to

OUHS, Utkal University, PCI, INC, OSBP, ONMRC, CHSE

## COURSES OFFERED

- ANM - 2 Years
- GNM - 3 Years
- B.Sc. Nursing - 4 Years
- P.B. B.Sc. Nursing - 2 Yrs
- M.Sc. Nursing - 2 Years
- MPH (Master in Public Health) - 2 Yrs
- B. Pharm - 4 Years
- D. Pharm - 2 Years
- DMLT - 2 Years
- BMLT - 3 Years
- +2 Science (Women's) - 2 Yrs

FOR ADMISSION CONTACT:

7978608747, 9439013128, 9853801459, 7609954329

Email: mdscnbbsr@gmail.com | Website: manjaridevicollege.org

ADMISSION NOTICE FOR SESSION 2026-27

# Capital Academy of Nursing

ESTD.- 1996

Recognised by Govt. of Odisha,
Approved by Indian Nursing Council, New Delhi
Affiliated to Odisha University of Health Sciences
Plot No. 853, Purana Padhan, Near Panchayat Road,
Balakati, Bhubaneswar-752100

APPLICATIONS ARE INVITED FOR ADMISSION INTO

**M.Sc. Nursing** 2 Yrs
Eligibility: B.Sc. (N) with 55% Marks & 1 Yr. Exp.

**PB B.Sc. Nursing** 2 Yrs
Eligibility: GNM Pass

**B.Sc. Nursing** 4 Yrs
Eligibility: +2 Science (45% in PCB & Pass in English)

FACILITIES: Clinical Training at SCB MCH, Cuttack & Municipality Hospital, Bhubaneswar

CONTACT US:

7978608747, 7019799641, 9853801459

Email: canbbsr@gmail.com




**all, within** AMENITIES INCLUDE:

29,000 SQ FT CLUBHOUSE | HOSPITAL | SHOPPING MALL
& MULTIPLEX | HOTEL RESTAURANTS | LIFETIME RIVER-VIEW

## PRE-BOOK NOW

ORERA NO. RP/7/2025/01349 | ORERA.GOV.IN

DIONGROUP.IN

9938018900

Volume-19, Issue-03, July-2026, Duradarshi Total Page No: 52 RNI Regd No. ODIODI-2008/24949




Printed at Khirkamal Publication, Kosambi Villa, Bairaginagar, Jharpada, Bhubaneswar-06, Odisha, **Owned Printed & Published by - Durga Prasad Samantaray**, Published at – Plot No.27, Industrial Colony, Kharvelanagar, Unit-III, Bhubaneswar – 751001, Odisha, Phone : 9437073030, **Editor – Durga Prasad Samantaray**